NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
27 FEBRUARY 2026
ଶୁକ୍ରବାର
୨୭ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 282 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୮୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର




୨୭ ଫେବୃଆରୀ: ସେହେରୀ-୪.୫୫
ଇଫ୍‌ତାର୍-୫.୫୧
୨୮ ଫେବୃଆରୀ: ସେହେରୀ-୪.୫୪
ଇଫ୍‌ତାର୍-୫.୫୧

## ବାଇକ୍ ଦୁର୍ଘଟଣା: ଶଳା-ଭିଣୋଇ ମୃତ

**ବଲାଙ୍ଗୀର,୨୬।୨/ଏନ୍‌ଏନ୍‌ଏସ୍:**

ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ବୁଢ଼ୀପଦର ଗାଁ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଶଳା, ଭିଣୋଇଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଉଛନ୍ତି କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗାଁର ରହେଶ ମାଝୀ ଓ ଲାଠୋର ଥାନା ବାଗଡ଼ିଆ ଗାଁର ବେଦ ପୁଝାରୀ । ବାହାଘର ପରେ ବେଦ ଡୁମେରଚୁଆଁରେ ଶ୍ୱଶୁର ଘରେ ରହୁଥିଲେ । ଅନ୍ୟ ଜଣେ ଛୋଟ ଛୁଆ ଗୁରୁତର ଆହତ ହୋଇଛନ୍ତି । କୌଣସି କାମରେ ଗାଁ ବାହାରକୁ ଯାଇଥିବା ରହେଶ, ବେଦ ଓ ଛୋଟ ଛୁଆଟି ବାଇକ୍ ଯୋଗେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଦ୍ରୁତଗତିରେ ଆସୁଥିବା ବେଳେ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ସନ୍ଦେହ କରାଯାଉଛି । ଦୁର୍ଘଟଣା ଗତକାଲି ରାତିରେ ଘଟିଥିଲେ ହେଁ ଆଜି ସକାଳେ ଏ ସମ୍ପର୍କରେ ଜଣାପଡ଼ିଥିଲା । ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ଶଳା, ଭିଣୋଇଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଆହତ ଛୋଟ ଛୁଆଟିର ▶▶ ୬

## ଏନ୍‌କାଉଣ୍ଟର: ଟଳିଲେ ୨ ମାଓବାଦୀ

**ବିଜାପୁର,୨୬।୨/ଏଜେନ୍ସି:**

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ସୁରକ୍ଷା ବାହିନୀ ସହ ଏନ୍‌କାଉଣ୍ଟରରେ ଦୁଇଜଣ ମାଓବାଦୀ ନିହତ ହୋଇଛନ୍ତି । ଘଟଣାସ୍ଥଳରୁ ତିନୋଟି ରାଇଫଲ୍ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ସହ ଗୁଳିଗୋଳା ଉଦ୍ଧାର କରାଯାଇଛି । ଜିଲ୍ଲା ପୁଲିସ ଅଧୀକ୍ଷକ ଡକ୍ଟର ଜିତେନ୍ଦ୍ର ଯାଦବ କହିଛନ୍ତି ଯେ, ବିଜାପୁରର ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ସୁରକ୍ଷା ବାହିନୀର ଏକ ମିଳିତ ଦଳ ଏକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା । ଅପରେସନ୍ ସମୟରେ ମାଓବାଦୀମାନେ ସୁରକ୍ଷା ଦଳ ଉପରେ ଆମ୍ବୁସ୍ ଲଗାଇ ସୁରକ୍ଷା କର୍ମୀଙ୍କ ଉପରେ ଗୁଳି ଚଳାଇଥିଲେ । ସୁରକ୍ଷା ବାହିନୀର ପାଲଟା କାର୍ଯ୍ୟାନୁଷ୍ଠାନରେ ଦୁଇ ଜଣ ମାଓବାଦୀ ନିହତ ହୋଇଥିଲେ । ନିହତ ଦୁଇ ମାଓବାଦୀଙ୍କ ନାଁରେ ୫ ଲକ୍ଷ ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା ।

ଅନ୍ୟପକ୍ଷରେ ଛତିଶଗଡ଼ରେ ନକ୍ସଲ ଦମନ ଅଭିଯାନରେ ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା ମିଳିଛି । ନାରାୟଣପୁରରେ ▶▶ ୬

### ଦିଲ୍ଲୀରେ ଓଡ଼ିଶା ଭବନ ପାଇଁ ଶିଳାନ୍ୟାସ

# ନିଅଁ ପକାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬।୨/ଏନ୍‌ଏନ୍‌ଏସ୍:**




- ମୋଟ୍ ବ୍ୟୟବରାଦ ୯୩.୨୭ କୋଟି
- ହେବ ୭ ମହଲା ବିଶିଷ୍ଟ, ରହିବ ୪୫ଟି ରୁମ୍
- ନିର୍ମାଣଶୈଳୀରେ ପ୍ରତିଫଳିତ ହେବ ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତି
- ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ହେବ ଓଡ଼ିଶା ଭବନ: ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀର ଚାଣକ୍ୟପୁରୀସ୍ଥିତ କୌଟିଲ୍ୟ ମାର୍ଗରେ ନୂତନ ଓଡ଼ିଶା ଭବନର ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏହାର ଶିଳାନ୍ୟାସ କରିଛନ୍ତି । ଏହି ନୂଆ ଓଡ଼ିଶା ଭବନ ଓଡ଼ିଶାର ସାଂସ୍କୃତିକ ଓ ପ୍ରଶାସନିକ କେନ୍ଦ୍ର ଭାବରେ କାମ କରିବ । ନୂଆ ଭବନ ସାତ-ମହଲା ବିଶିଷ୍ଟ ହେବ । ୪୫ଟି କୋଠରୀ ସହିତ ସୁଇଟ୍ ଏବଂ ଏକ ଆଧୁନିକ ସମ୍ମିଳନୀ କକ୍ଷ ରହିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ନୂତନ ଭବନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି । ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ୬ଟି ମହଲା ରହିବ । ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ । ପ୍ରଥମ ମହଲାରେ ଏକ ଏକ୍‌ଜିବିସନ୍ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ । ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ । ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି । ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ । ଏଥିପାଇଁ ସଂପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ ଆହୁରି କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକତା, ଚେନ୍ନାଇ ଓ ମୁମ୍ବାଇରେ ଓଡ଼ିଶା ଭବନ କାର୍ଯ୍ୟକ୍ଷମ ଅଛି । ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି । ଏହି ସବୁ ଭବନ ଓ ସଦନ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ ପୁଣି କହିଥିଲେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ▶▶ ୬

### ରାଜ୍ୟସଭା ନିର୍ବାଚନ

## ପ୍ରକାଶ ପାଇଲା ବିଜ୍ଞପ୍ତି

**ଭୁବନେଶ୍ୱର,୨୬।୨/ଏନ୍‌ଏନ୍‌ଏସ୍:**

ରାଜ୍ୟସଭା ନିର୍ବାଚନ ପାଇଁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ହେବ ରାଜ୍ୟସଭା ନିର୍ବାଚନ । ଏ ନେଇ ଗତ ୧୮ ତାରିଖରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ପ୍ରେସ୍‌ନୋଟ୍ ଜାରି କରି ସୂଚନା ଦେଇଥିବା ବେଳେ ଗୁରୁବାର ବିଧିବଦ୍ଧ ଭାବେ ପ୍ରକାଶ ପାଇଛି ବିଜ୍ଞପ୍ତି । ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ହେବ ନିର୍ବାଚନ । ତା' ମଧ୍ୟରେ ଓଡ଼ିଶାର ୪ଟି ଆସନ ରହିଛି । ରାଜ୍ୟସଭା ନିର୍ବାଚନ ପାଇଁ ମାର୍ଚ୍ଚ ୫ ହେଉଛି ନାମାଙ୍କନ ଦାଖଲର ଶେଷ ତାରିଖ । ୬ରେ ନାମାଙ୍କନ ପତ୍ର ଯାଞ୍ଚ ହେବ । ମାର୍ଚ୍ଚ ୯ ହେଉଛି ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ । ମାର୍ଚ୍ଚ ୧୬ ତାରିଖ ସକାଳ ୯ରୁ ଅପରାହ୍ଣ ୪ ଯାଏ ଭୋଟ୍ ଗ୍ରହଣ କରାଯିବ ଏବଂ ଅପରାହ୍ଣ ୫ଟାରେ ଭୋଟ୍ ଗଣତି ହେବ । ଓଡ଼ିଶାର ୪ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଏପ୍ରିଲ ୨ରେ ଶେଷ ହେଉଛି । ସମ୍ପୃକ୍ତ ସାଂସଦମାନେ ହେଉଛନ୍ତି ମମତା ମହାନ୍ତ, ମୁନା ଖାନ୍, ସୁଜିତ୍ କୁମାର ଓ ନିରଞ୍ଜନ ବିଶି । ବିଧାନସଭାର ବିଧାୟକଙ୍କ ସଂଖ୍ୟା ଦୃଷ୍ଟିରୁ ଏହି ଚାରି ଆସନ ମଧ୍ୟରୁ ବିଜେପିର ଦୁଇ ଜଣ ଓ ବିଜେଡିର ଜଣେ ପ୍ରାର୍ଥୀ ରାଜ୍ୟସଭାକୁ ନିର୍ବାଚିତ ହେବା ସୁନିଶ୍ଚିତ । କିନ୍ତୁ ଚତୁର୍ଥ ଆସନ ପାଇଁ କିଏ ପ୍ରାର୍ଥୀ ହେବେ ତାହା ଉପରେ ନଜର ରହିଛି । ଏବେ ସବୁ ଦଳର ନଜର ରାଜ୍ୟସଭା ସମ୍ଭାବ୍ୟ ପ୍ରାର୍ଥୀଙ୍କ ଉପରେ । ସଂଖ୍ୟା ଥାଉ କି ନଥାଉ, ସବୁ ଦଳ ଏହି ରେସରେ ଧାଇଁଲେଣି । ବିଜେପି ଓ ବିଜେଡି କାହାକୁ ରାଜ୍ୟସଭା ପଠାଇବାକୁ ସ୍ଥିର କରିଛନ୍ତି, ତାହା ଏଯାବତ ଜଣାପଡ଼ିନି । ତେବେ ବିଜେଡିକୁ ଗୋଟିଏ ଓ ବିଜେପିକୁ ୩ଟି ମିଳିବାର ସମ୍ଭାବନା ରହିଛି । ଅନ୍ୟପଟେ ରାଜ୍ୟସଭାର ଚତୁର୍ଥ ଆସନ ବିଜେପିକୁ ନ ଛାଡ଼ିବା ▶▶ ୬

ମାର୍ଚ୍ଚ ୫ ଯାଏଁ ନାମାଙ୍କନ ଦାଖଲ
୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର
୧୬ରେ ନିର୍ବାଚନ ସହ ଭୋଟ୍‌ଗଣତି

### ପାରାଦୀପ ବନ୍ଦରରେ ସବୁଜ ହାଇଡ୍ରୋଜେନ୍ ଜେଟି

## ୭୯୭ କୋଟି ମଞ୍ଜୁର କଲା କେନ୍ଦ୍ର

**ନୂଆଦିଲ୍ଲୀ,୨୬।୨/ଏଜେନ୍ସି:**



ବିଓଟି ଆଧାରରେ କାର୍ଯ୍ୟକାରୀ ହେବ ପ୍ରକଳ୍ପ
ରହିବ ୪ ନିୟୁତ ଟନ୍ ମାଲ୍ ପରିଚାଳନା କ୍ଷମତା

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପାରାଦୀପ ବନ୍ଦରରେ ସବୁଜ ହାଇଡ୍ରୋଜେନ, ଆମୋନିଆ ଏବଂ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଆବଶ୍ୟକ ସୁବିଧା ସହିତ ଏକ ସ୍ୱତନ୍ତ୍ର ଜେଟି ବିକଶିତ କରିବ । ଏଥିପାଇଁ ୭୯୭ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଦ୍ୱାରା ବିଲ୍ଡ-ଅପରେଟ-ଟ୍ରାନ୍ସଫର (ବିଓଟି) ଆଧାରରେ କାର୍ଯ୍ୟକାରୀ କରାଯିବ ।

ପ୍ରସ୍ତାବିତ ପ୍ରକଳ୍ପରେ ବାର୍ଷିକ ୪ ନିୟୁତ ଟନ୍ ମାଲ ପରିଚାଳନା କ୍ଷମତା ରହିବ । ପାରାଦୀପ ବନ୍ଦରକୁ ଏକ ସବୁଜ ଶକ୍ତି କାର୍ଗୋ କେନ୍ଦ୍ର ଭାବରେ ବିକଶିତ କରିବା ଲାଗି ଏହି ପ୍ରକଳ୍ପକୁ ଡିଜାଇନ୍ କରାଯାଇଛି । ପ୍ରସ୍ତାବିତ ଭିତ୍ତିଭୂମିରେ ଏକ ସ୍ୱତନ୍ତ୍ର ଜେଟି, ସଂରକ୍ଷଣ ପ୍ରଣାଳୀ, ପାଇପଲାଇନ, ପରିଚାଳନା ଉପକରଣ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ ହେବ ।

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଏହି ମଞ୍ଜୁରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ସବୁଜ ଭିତ୍ତିଭୂମି ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ଅନୁମୋଦନ ମୋଦୀଙ୍କ ପ୍ରେରଣାଦାୟୀ ଏବଂ ନିର୍ଣ୍ଣାୟକ ନେତୃତ୍ୱର ପ୍ରତ୍ୟକ୍ଷ ପରିଣାମ ଯାହା ଭାରତକୁ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବରେ ସ୍ଥାନିତ କରିଥାଏ । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ, ଆମର ବନ୍ଦରଗୁଡ଼ିକୁ ସବୁଜ ଅଭିବୃଦ୍ଧି, ନବସୃଜନ ଏବଂ ସ୍ଥାୟୀ ଲଜିଷ୍ଟିକ୍ସ ପାଇଁ ପ୍ରବେଶପଥରେ ପରିଣତ କରାଯାଉଛି । ଜେଟିର ଏକ୍ସଟ୍ରିମ୍ ଏଣ୍ଡ ଡଲଫିନ୍ ମଧ୍ୟରେ କେନ୍ଦ୍ରରୁ କେନ୍ଦ୍ର ଦୂରତା ୨୭୯ ମିଟର ଏବଂ ବର୍ଥ ସମ୍ମୁଖରେ ୧୪.୩ ମିଟର ଡ୍ରେଜ୍ ଗଭୀରତା ରହିବ ଯାହାଦ୍ୱାରା ତରଳ କାର୍ଗୋ ଜାହାଜର ସୁରକ୍ଷିତ ପରିଚାଳନା ସମ୍ଭବ ହେବ । ନିର୍ମାଣ ପର୍ଯ୍ୟାୟରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପ୍ରକଳ୍ପ ମୂଲ୍ୟର ୨୦% ସମତୁଲ୍ୟ ପୁଞ୍ଜି ସହାୟତା ପ୍ରଦାନ କରିବେ, ଯାହାର ପରିମାଣ ୧୫୯.୪୩ କୋଟି ଟଙ୍କା । ପ୍ରକଳ୍ପଟି ୨୪ ମାସ ▶▶ ୬

### ପିଜି ନାମଲେଖା

## ଆଜିଠାରୁ ଆବେଦନ

**ଭୁବନେଶ୍ୱର,୨୬।୨ /ଏନ୍‌ଏନ୍‌ଏସ୍:**

ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ଏପ୍ରିଲ୍ ୨୭ରୁ ପରୀକ୍ଷା

ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ(ସିପିଇଟି) ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ । ସିପିଇଟି ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ଆସନ୍ତାକାଲି ଅର୍ଥାତ ଶୁକ୍ରବାର ଠାରୁ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ସିଏଏଫ୍ ପୂରଣ କରିପାରିବେ । ଏପ୍ରିଲ ମାସ ୨୭ ତାରିଖରୁ ମେ' ମାସ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ସିପିଇଟି ପ୍ରବେଶିକା ▶▶ ୬

## ଓଡ଼ିଶାରେ ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍

**ଭୁବନେଶ୍ୱର,୨୬।୨/ଏନ୍‌ଏନ୍‌ଏସ୍:**

ମହାନଦୀ ଜଳ ବିବାଦର ସମାଧାନ ବର୍ଷ ବର୍ଷ ଧରି ହୋଇପାରୁନାହିଁ । ଟ୍ରିବ୍ୟୁନାଲରେ ଝୁଲିରହିଛି ମହାନଦୀର ଭାଗ୍ୟ । ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ ଆପୋସ ଆଲୋଚନା ମାଧ୍ୟମରେ ଟ୍ରିପଲ ଇଞ୍ଜିନ ସରକାର ମହାନଦୀ ଜଳ ବିବାଦର ସମାଧାନ କରିବେ ବୋଲି ବାରମ୍ବାର ଭରସା ଦେଉଛନ୍ତି । ମାସ ପରେ ମାସ ଗଡୁଛି ସିନା, କିନ୍ତୁ ସମାଧାନ ହୋଇପାରୁନି । ଏହାରି ଭିତରେ ଗୁରୁବାର ଓଡ଼ିଶାରେ ପହଞ୍ଚିଛନ୍ତି ମହାନଦୀ ଟ୍ରିବ୍ୟୁନାଲ ଟିମ୍ । ବିମାନରେ ଆସି ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିଛନ୍ତି ୧୦ଜଣିଆ ଟିମ୍ । ସମ୍ପୃକ୍ତ ଟିମ୍ ମହାନଦୀ ଜଳ ବିବାଦର ଅନୁଧ୍ୟାନ କରିବେ । ଏମ୍‌ଡବ୍ଲ୍ୟୁଡିଟି ଅଧ୍ୟକ୍ଷା ଜଷ୍ଟିସ ବେଲା ଏମ୍.ତ୍ରିବେଦୀଙ୍କ ନେତୃତ୍ୱରେ ଉକ୍ତ ଟିମ ଆସିଛି । ଉକ୍ତ ଟିମରେ ଜଷ୍ଟିସ ଡ. ଦେବୀରଞ୍ଜନ ଓ ଜଷ୍ଟିସ ଇନ୍ଦରମିତ କୌର କୋଚର ରହିଛନ୍ତି । ଏହି ଟିମ୍ ୫ ଦିନ ଧରି ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯିବେ । ହୀରାକୁଦ ଡ୍ୟାମ୍, ବୁର୍ଲା ପାୱାର ହାଉସ୍ ସମେତ ପୁରୀ, କୋଣାର୍କ, ▶▶ ୬

## ଓଲଟିଲା ବୋର୍‌ୱେଲ୍ ଗାଡ଼ି: ଦୁଇ ମୃତ

**ବ୍ରହ୍ମପୁର, କୁକୁଡ଼ାଖଣ୍ଡି,୨୬।୨/ଏନ୍‌ଏନ୍‌ଏସ୍:**

ସାଇକେଲ୍‌କୁ ଧକ୍କା ଦେଇ ରାସ୍ତା ପାର୍ଶ୍ୱକୁ ଏକ ବୋର୍‌ୱେଲ୍ ଗାଡ଼ି ଓଲଟି ପଡ଼ିବାରୁ ଗାଡ଼ି ଡ୍ରାଇଭରଙ୍କ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି । ନିମଖଣ୍ଡି ଥାନା ଅନ୍ତର୍ଗତ ଝାଡାଙ୍କୁଲି ଗାଁ କୁକୁଡ଼ା ଫାର୍ମ ନିକଟରେ ହୋଇଛି ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଝାଡାଙ୍କୁଲି ଦେଇ ଯାଉଥିବା ବେଳେ ଜଣେ ସାଇକେଲ ଆରୋହୀକୁ ଧକ୍କା ଦେଇ ବର୍‌ୱେଲ୍ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ଘଟଣା ସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ଦୁହେଁ ମୟୂରଭଞ୍ଜର ରବି ନାୟକ ଏବଂ ଅନ୍ୟ ଜଣେ ଫୁଲବାଣୀର ଶିବାଜୀ କହଁର ▶▶ ୬

### ଏନ୍‌ସିଇଆର୍‌ଟିର ବିବାଦୀୟ ପୁସ୍ତକ ପ୍ରସଙ୍ଗ

## କ୍ଷମା ପ୍ରାର୍ଥନାକୁ ସୁପ୍ରିମ୍‌କୋର୍ଟଙ୍କ ଅଗ୍ରାହ୍ୟ

**ନୂଆଦିଲ୍ଲୀ, ୨୬।୨/ଏଜେନ୍ସି:**



ତଦନ୍ତ ସହ ନ୍ୟାୟବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ: ସିଜେଆଇ
ପ୍ରଧାନମନ୍ତ୍ରୀ ମୋଦୀ ବି କଲେ ବିରକ୍ତି ପ୍ରକାଶ

ବିବାଦୀୟ ପୁସ୍ତକ ପ୍ରସଙ୍ଗରେ ଏନ୍‌ସିଇଆର୍‌ଟି କ୍ଷମାପ୍ରାର୍ଥନା କରିଥିଲେ ହେଁ ସୁପ୍ରିମକୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଇଛନ୍ତି । ଗୁରୁବାର ସୁପ୍ରିମକୋର୍ଟ ଏନ୍‌ସିଇଆର୍‌ଟିର 'ନ୍ୟାୟପାଳିକାରେ ଦୁର୍ନୀତି' ଅଧ୍ୟାୟ ଥିବା ୮ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକକୁ ନିଷିଦ୍ଧ କରିଛନ୍ତି । ମୁଖ୍ୟ ବିଚାରପତି ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପୁସ୍ତକର ମୁଦ୍ରଣ ଏବଂ ବିକ୍ରୟ ଉପରେ ନିଷେଧ ଆଦେଶ ଦେଇଛନ୍ତି । ଏଥିସହ ସିଜେଆଇ ପୂର୍ବରୁ ମୁଦ୍ରିତ ପୁସ୍ତକ ଜବତ କରିବା ଏବଂ ଡିଜିଟାଲ୍ କପିଗୁଡ଼ିକୁ ହଟାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଏବଂ କେନ୍ଦ୍ର ଶିକ୍ଷା ସଚିବଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ପ୍ରତିକ୍ରିୟା ସହ ସିଲାବସ୍, ବିବାଦୀୟ ଅଧ୍ୟାୟ ଲେଖିଥିବା ଲେଖକଙ୍କ ନାମ ଏବଂ ଯୋଗ୍ୟତା ସହିତ ଜଡିତ ବୈଠକର ବିବରଣୀ ମଧ୍ୟ ମାଗିଛନ୍ତି । ଆଜିର ଶୁଣାଣି ସମୟରେ ସିଜେଆଇ କହିଛନ୍ତି, 'ଏହା ନ୍ୟାୟପାଳିକାକୁ ବଦନାମ କରିବା ପାଇଁ ଏକ ସୁଚିନ୍ତିତ ଏବଂ ସୁଚିନ୍ତିତ ଷଡ଼ଯନ୍ତ୍ର ପରି ମନେ ହେଉଛି । ଏହି ଘଟଣାର ତଦନ୍ତ କରାଯିବ ଏବଂ ମାମଲା ବନ୍ଦ କରାଯିବ ନାହିଁ । ଏଥିପାଇଁ ଦାୟୀ ପ୍ରତ୍ୟେକଙ୍କୁ ଚିହ୍ନଟ କରାଯିବ ଏବଂ ଆଇନ୍ ▶▶ ୬

### ସ୍ୱଦେଶ ଫେରିଲେ ମୋଦୀ

# ଭାରତ-ଇସ୍ରାଏଲ୍ ୧୬ ଚୁକ୍ତିନାମା ସ୍ୱାକ୍ଷରିତ

**ଜେରୁଜେଲମ୍, ନୂଆଦିଲ୍ଲୀ, ୨୬।୨/ଏଜେନ୍ସି:**



ଭାରତର ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଏବେ ଇସ୍ରାଏଲ୍‌ରେ ହେବ ଉପଲବ୍ଧ

ଆତଙ୍କବାଦ ମୁକାବିଲା, ଶାନ୍ତିର ପ୍ରୋତ୍ସାହନ, ସଂସଦୀୟ ସହଯୋଗ, ନାଗରିକ ସହଯୋଗ, ନୂତନ ବିଶ୍ୱ ବାଣିଜ୍ୟର ଦୃଶ୍ୟପଟକୁ ପରିବର୍ତ୍ତନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ସହମତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଇସ୍ରାଏଲ ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଦ୍ୱିପାକ୍ଷିକ ବୈଠକ କରିଥିଲେ ଏବଂ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ଉଭୟ ଦେଶ ଏକ ମିଳିତ ଘୋଷଣାନାମା ମଧ୍ୟ ଜାରି କରିଛନ୍ତି । ମିଳିତ ଘୋଷଣାନାମାରେ ରଣନୀତିକ ସହଭାଗୀତାକୁ ସ୍ୱୀକାର କରି ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ବ୍ୟାପକ ଭାବରେ ବୃଦ୍ଧି କରିବାର ଆବଶ୍ୟକତାକୁ ସମର୍ଥନ କରି ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ୧୬ଟି ନୂତନ ଚୁକ୍ତିନାମା ସ୍ୱାକ୍ଷରକୁ ମଧ୍ୟ ଉଭୟ ନେତା ସ୍ୱାଗତ କରିଛନ୍ତି । ଏଥିରେ ଭାରତର ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଏବେ ଇସ୍ରାଏଲରେ ଉପଲବ୍ଧ ହେବ ବୋଲି ଘୋଷଣା କରାଯାଇଛି । ସେହିପରି ଶାନ୍ତି, ନବସୃଜନ ଏବଂ ସମୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀକୁ ମଧ୍ୟ ଉଭୟ ଦେଶ ସ୍ୱୀକୃତି ଦେଇଛନ୍ତି । ଦୁଇ ଦେଶର ପ୍ରଧାନମନ୍ତ୍ରୀ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଓ ଉଦ୍ୟୋଗ ମାଧ୍ୟମରେ ଶାନ୍ତି, ସୁରକ୍ଷା ଓ ସମୃଦ୍ଧି ପାଇଁ ପାରସ୍ପରିକ ଆକାଂକ୍ଷାକୁ ଆଧାର କରି ଏକ ଦୃଢ଼ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ ଲାଗି ସେମାନଙ୍କର ସମାନ ଦୃଷ୍ଟିକୋଣକୁ ମଧ୍ୟ ଦୋହରାଇଛନ୍ତି । ଭବିଷ୍ୟତରେ ଏକାଠି ମିଳିମିଶି କାମ କରିବା ଦିଗରେ ▶▶ ୬

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚାଚେରୀ ବେଶ

**ପୁରୀ,୨୬।୨/ଏନ୍‌ଏନ୍‌ଏସ୍:** ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି ପବିତ୍ର ଫଗୁ ଦଶମୀ। ତେବେ ଆଜି ଫାଲଗୁନ ଶୁକ୍ଳ ଦଶମୀ ତିଥି। ଏହି ଅବସରରେ ମହାପ୍ରଭୁଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାପ୍ରଭୁ ଚାଚେରୀ ବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଉଥିବା ବେଳେ ସେପଟେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ସ୍ୱତନ୍ତ୍ର ବିମାନରେ ବସି ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କୁ ଝିମିରି ଫଗୁ, ଚନ୍ଦନ ଓ ପ୍ରସାଦ ଲାଗି ହୋଇ ବନ୍ଦାପନା ? ନୀତି ଅନୁଷ୍ଠିତ ହୋଇଥିଲା। ଆଜି ଫାଲଗୁନ ଶୁକ୍ଳ ଦଶମୀ ଅବସରରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ଚାଚେରୀ ବେଶ ସହ ଚାଚେରୀ ଭୋଗ।



ପ୍ରତିବର୍ଷ ଫାଲଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୋଳ ଉତ୍ସବ ନୀତି ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ଏହା ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଅଟେ। ଫାଲଗୁନ ମାସରେ ଭଗବାନ ବିଷ୍ଣୁ ଶ୍ରୀଗୋବିନ୍ଦ ରୂପରେ ଆରାଧିତ ହୋଇଥାନ୍ତି। ଏହି ମାସରେ ବସନ୍ତ ରାସ ବା ବସନ୍ତ ଉତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶାରେ ଏହା ଦୋଳୋତ୍ସବ ରୂପେ ପ୍ରସିଦ୍ଧ। ଏହି ଉପଲକ୍ଷ୍ୟେ ଶ୍ରୀବିଗ୍ରହମାନଙ୍କର ଚାଚେରୀ ବେଶ ଓ ଚାଚେରୀ ଭୋଗ ହୋଇଥାଏ। ମଧ୍ୟାହ୍ନ ଧୂପ ବଢ଼ିବା ପରେ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ସେବାୟତ ମାନେ ମହାପ୍ରଭୁଙ୍କୁ ବିଭୂଷିତ କରିଥିଲେ। ତିନି ବାଡ଼ରେ ଘଣ୍ଟ, ଛତା, ସର୍ବାଙ୍ଗ ସମ୍ପନ୍ନ ହେବା ପରେ କର୍ପୁର ଆଳତୀ ବଢ଼ିଥିଲା। ତିନି ବାଡ଼ରେ ଫଗୁ ଆଞ୍ଜୁଳି ଦେବା ପରେ ପାଳିଆ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସିଂହାସନ ଉପରକୁ ଉଠି ପ୍ରସାଦ ମଇଲମ କରିଥିଲେ। ସେହିପରି ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ସ୍ୱତନ୍ତ୍ର ବିମାନରେ ବିଜେ କରି ଜଗନ୍ନାଥ ବଲ୍ଲଭ ମଠକୁ ଆସିଥିଲେ। ସେଠାରେ ଅବିର ଓ ଫଗୁ ଲାଗି କରାଯାଇଥିଲା। ତେବେ ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଚୈତ୍ର କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କଲେ କୋଟି ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଚାଚେରୀ ବେଶରେ ମହାପ୍ରଭୁ ରକ୍ତବସ୍ତ୍ର ପରିଧାନ କରି ବିଭିନ୍ନ ଅଳଙ୍କାରରେ ସଜ୍ଜିତ ହୋଇଥିବାରୁ ଭାଗ୍ୟରେ ଥିଲେ ଏଭଳି ଦର୍ଶନର ସୁଯୋଗ ମିଳେ ବୋଲି ସେବାୟତ କହିଛନ୍ତି। ସେପଟେ ଆସନ୍ତା ୨ ତାରିଖରେ ମେଣ୍ଢା ପୋଡ଼ି ଓ ୩ ତାରିଖରେ ଦୋଳପୂର୍ଣ୍ଣମୀ ଅନୁଷ୍ଠିତ ହେବ। ଏହି ଅବସରରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳବେଦୀ କୁ ଆସିବାର ପରମ୍ପରା ରହିଛି। ଦୋଳପୂର୍ଣ୍ଣିମା ଦିନ ସକାଳ ଧୂପ ପରେ ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ବା ରାଜରାଜେଶ୍ୱର ବେଶ ମଧ ଅନୁଷ୍ଠିତ ହେବ। ତେଣୁ ମହାପ୍ରଭୁଙ୍କ ନୀତି କାନ୍ତି ଶୃଙ୍ଖଳିତ କରିବା ପାଇଁ ସମସ୍ତ ସେବାୟତ ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନ ସମନ୍ୱୟ ରଖିଥିବା ସେବାୟତ କହିଛନ୍ତି। ସେପଟେ ଦୋଳପୂର୍ଣ୍ଣିମା ରେ ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ୨ ତାରିଖ ରାତି ୧ ଟା ରେ ଦ୍ୱାର ଫିଟା ନୀତି କରାଯାଇ ମହାପ୍ରଭୁଙ୍କ ବିଭନ୍ନ ନୀତି କାନ୍ତି କରାଯିବ। ତେବେ ନୀତି କାନ୍ତି ସଅଳ ହେଲେ ସକାଳୁ ମହାପ୍ରଭୁଙ୍କୁ ଦୋଳବେଦୀରେ ବିଜେ କରାଯିବା ପାଇଁ ସମସ୍ତଙ୍କର ପ୍ରୟାସ ରହିବ। ସଅଳ ନୀତି କାନ୍ତି ହୋଇ ନପାରିଲେ ଗ୍ରହଣ ସର୍ବମୋକ୍ଷ ପରେ ଠାକୁରଙ୍କୁ ଦୋଳବେଦୀ କୁ ବିଜେ କରାଯିବ। ଏଥିସହ ଆସନ୍ତା ୧ ଓ ୨ ତାରିଖରେ ଶ୍ରୀମନ୍ଦିରରେ ଭିତର କାଠ ଦର୍ଶନ ବନ୍ଦ ରହିବ ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପୂର୍ବରୁ ସୂଚନା ଦେଇଥିଲେ। ତେବେ ମହାପ୍ରଭୁଙ୍କ ସହ ଦୋଳପୂର୍ଣ୍ଣିମା ରେ ଫଗୁ ଖେଳିବା ପାଇଁ ଭକ୍ତମାନେ ବେଶ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି।

## ଦୋଳପୂର୍ଣ୍ଣମୀ ଚନ୍ଦ୍ରଗ୍ରହଣକୁ ନେଇ ବ୍ରାହ୍ମଣ ସମାଜ ଓ ଦେବୋତ୍ତର ବିଭାଗର ପ୍ରସ୍ତୁତି



**କଣ୍ଟିଲୋ,୨୬।୨/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ଚଳିତ ବର୍ଷ ଆଦିପୀଠ ରେ ପ୍ରଭୁ ଶ୍ରୀ ନୀଳମାଧବଙ୍କ ପବିତ୍ର ଦୋଳ ପୂର୍ଣ୍ଣମୀ ଆସନ୍ତା ମାର୍ଚ୍ଚ ମାସ ୩ ତାରିଖରେ ପାଳିତ ହେବ। ଏହି ପବିତ୍ର ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଗ୍ରହଣ ପଡୁଥିବା ହେତୁ ଏହି ତିଥିରେ ଶ୍ରୀ ଜିଉଙ୍କ ପ୍ରତ୍ୟେକ ନୀତି କାନ୍ତି ସମ୍ପର୍ଣ୍ଣ ପାଇଁ ଆଜି ଅପରାହ୍ନରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅରୁଣ ସ୍ତମ୍ଭ ନିକଟସ୍ଥ ବାଘ ଆଖଡ଼ା ଗୃହ ମଧ୍ୟରେ ଅନୁଷ୍ଠିତ ହୋଇ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ ହୋଇଯାଇଛି। ସୂଚନାରୁ ପ୍ରକାଶ ଯେ, ବ୍ରାହ୍ମଣ ସମାଜର ସଭାପତି ଓ ଅନ୍ୟ କର୍ମକର୍ତ୍ତା ତଥା ସମସ୍ତ ସଦସ୍ୟ, ପାଞ୍ଜି ପାଠକ ସନ୍ତୋଷ ଶିରୋମଣି ଓ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ ମହାଶୟଙ୍କ ଏକ ମିଳିତ ପ୍ରସ୍ତୁତି ବୈଠକରେ ପ୍ରତ୍ୟେକ ନୀତିକାନ୍ତିର କାର୍ଯ୍ୟ ନିର୍ଘଣ୍ଟ ସମ୍ପର୍ଣ୍ଣ ହୋଇଛି। ଯେହେତୁ ମାର୍ଚ୍ଚ ୩ ତାରିଖରେ ଦୋଳ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ରଗ୍ରହଣ ପଡୁଛି, ସେଥି ପାଇଁ କାର୍ଯ୍ୟ ନିର୍ଘଣ୍ଟ ଅନୁସାରେ ୨ ତାରିଖ ରାତ୍ର ଦୁଇ ଘଣ୍ଟା ସମୟେ ଶ୍ରୀ ଜିଉଙ୍କ ପହଡ଼ ଖୋଲା ଓ ମଙ୍ଗଳ ଆଳତି, ରାତ୍ର ୨.୧୫ ରେ ସ୍ନାନ ପୂଜା ଓ ଅବକାଶ, ପରେ ରୋଷ ହୋମ, ତିନିଟାରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ପୂଜା, ସକାଳ ଧୂପ, ଭଣ୍ଡପ ଧୂପ, ମଦନ ମୋହନ, ଶ୍ରୀଦେବୀ ଭୂଦେବୀ, ଦୋଳ ଗୋବିନ୍ଦଙ୍କ ବେଶ, ଭୋର୍ ପାଞ୍ଚଟାରେ ଦୋଳ ବେଦୀ ବିଜେ ପାଇଁ ମନ୍ଦିର ପରିକ୍ରମା, ପାଞ୍ଚଟା ତିରିଶରେ ଦୋଳ ବେଦୀ ପରିକ୍ରମା, ମଙ୍ଗଳାର୍ପଣ ଓ ଦୋଳି ବିଜେ କରାଯିବ। ଛଅଟା ପନ୍ଦରରେ ଶ୍ରୀ ନୀଳମାଧବ ଓ ମଦନ ମୋହନଙ୍କ ପଟ ବସ୍ତ୍ର, ଅପରାହ୍ନ ତିନି କୋଡ଼ିଏ ରେ ଗ୍ରହଣ ଭୋଗ ଓ ମହାସ୍ନାନ, ସନ୍ଧ୍ୟା ଛଅଟା ସତଚାଳିଶରେ ଗ୍ରହଣ ମୋକ୍ଷ ଭୋଗ, ସନ୍ଧ୍ୟା ସାତରେ ମହାସ୍ନାନ ଓ ଶ୍ରୀଜିଉମାନଙ୍କର ଅବକାଶ, ରାତ୍ର ଆଠଟାରେ ଦୋଳବେଦିରେ ଷୋଡ଼ଶ ଉପଚାର ପୂଜା, ରାତ୍ର ନଅଘଣ୍ଟାରେ ଦୋଳବେଦିରେ ପାଞ୍ଜି ପଢ଼ା ହେବ ବୋଲି ବରିଷ୍ଠ ସେବାୟତ ତଥା ଗ୍ରନ୍ଥାଗାର ଶ୍ରବଣରାମ ମିଶ୍ରଙ୍କ ଠାରୁ ସୂଚନା ମିଳିଛି।

## ଜିଲ୍ଲା ପରିବହନ ବିଭାଗ ଓ ଡେଲାଙ୍ଗ ପୁଲିସ ପକ୍ଷରୁ ଟ୍ରାଫିକ୍ ସଚେତନତା



**ଡେଲାଙ୍ଗ,୨୬।୨/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ପରିବହନ ବିଭାଗ ଓ ଡେଲାଙ୍ଗ ପୁଲିସ ପକ୍ଷରୁ ଗୁରୁବାର ଡେଲାଙ୍ଗ ହାଟ ବଜାର ଓ ଷ୍ଟେସନ ବଜାରରେ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ଥାନା ଦାୟିତ୍ୱରେ ଥିବା ଅଧିକାରୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନା କାର୍ଯ୍ୟକ୍ରମରେ ଜିଲ୍ଲା ମୋଟରଯାନ ନୀରିକ୍ଷକ ସୁଶାନ୍ତ କୁମାର ପାତ୍ର, ଉପ ସହକାରୀ ନିରୀକ୍ଷକ ସନ୍ତୋଷ କୁମାର ସେଠୀ, ସିପେହି ରଶ୍ମିରଞ୍ଜନ ନାୟକ, ଡେଲାଙ୍ଗ ଥାନା ଉପ ସହକାରୀ ନୀରିକ୍ଷକ ବିନୋଦିନୀ ବେହେରା, ସିପାହୀ କୃଷ୍ଣଚନ୍ଦ୍ର ମଲ୍ଲିକ୍, ମିଥୁନ୍ ସିଂହ, ଗୃହରକ୍ଷୀ ପ୍ଲାଟୁନ୍ କମାଣ୍ଡର ପ୍ରମୋଦ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଟ୍ରାଫିକ୍ ସଚେତନା ଦିଗରେ ଜନସାଧାରଣଙ୍କୁ ବୁଝାଇବା ସହିତ ହେଲମେଟ ପିନ୍ଧି ଗାଡିଚାଳନା କରିବା, ଗାଡି ଚାଳନା ସମୟରେ ମୋବାଇଲ୍ ବ୍ୟବହାର ନକରିବା, ଗାଡିର ସମସ୍ତ କାଗଜପତ୍ର ସଠିକ୍ କରି ପାଖରେ ରଖିବା ସମ୍ପର୍କରେ ସଚେତନ କରାଇଥିଲେ। ବିନା ହେଲମେଟ୍ରେ ଗାଡି ଚଳାଉଥିବା ୫୦ ଜଣ ବାଇକ୍ ଆରୋହୀଙ୍କୁ ହେଲମେଟ୍ ପିନ୍ଧିବା ନେଇ ସଚେତନ କରାଯିବା ସହିତ ନୂତନ ହେଲମେଟ୍ ପ୍ରଦାନ କରାଯାଇଥିଲା। ଯେଉଁ ଚାଳକମାନେ ନିୟମମାନି ହେଲ୍ମେଟ ପିନ୍ଧିଥିଲେ, ସେମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ରାସ୍ତାକୁ ମଡାଇ ଦୋକାନ ଦେଇଥିବା ଯୋଗୁ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ପୁଲିସ ଦେଖିବାକୁ ପାଇଥିଲା। ବିଭିନ୍ନ ଦୋକାନୀଙ୍କୁ ଆସନ୍ତା ୨ଦିନ ମଧ୍ୟରେ ରାସ୍ତା ଠାରୁ ଦୂରତା ରକ୍ଷାକରି ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଦୁର୍ଘଟଣାରେ ଯୁବତୀଙ୍କ ମୃତ୍ୟୁ ଘଟଣାରେ ଜେଲ୍‌ଗଲା ଆଇଚର୍ ଡ୍ରାଇଭର

**ଓଡ଼ଗାଁ,୨୬।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସୁନାମୁହିଁ ପଞ୍ଚାୟତ ଲୁଣି ଗ୍ରାମର ନିଳୀମା ମୁଦୁଲି ଓରଫ ପୂଜା(୧୯) ବୁଧବାର ଅପରାହ୍ନରେ ଓଡ଼ଗାଁ ସିନେମାହଲ ଛକରୁ ସ୍କୁଟି ଗାଡ଼ିନଂ ଓଡ଼ି୦୫ ଏୱାଇ ୦୦୫୭ ଯୋଗେ ଲକ୍ଷ୍ମୀବଜାର ପାର୍ଶ୍ୱକୁ ଆସୁଥିବାବେଳେ ରାମସାଗର ପାର୍କ ନିକଟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଆଇଚର ଟ୍ରକ୍ ସ୍କୁଟିକୁ ଧକ୍କାଦେଇଥିଲା। ଫଳରେ ନିଳୀମାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଡ୍ରାଇଭରକୁ ଓଡ଼ଗାଁ ପୋଲିସ ଥାନାରେ ଅଟକରଖି ଥିବାବେଳେ ଗୁରୁବାର



ଡ୍ରାଇଭର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ନୟାପଲ୍ଲୀ ଗ୍ରାମର ଦିଲ୍ଲୀପ କୁମାର ରାଉତରାୟ(୪୦)ଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ତେବେ ଦିଲ୍ଲୀପ ବେପାରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚାଳନା କରୁଥିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଥିବା ଆଦର୍ଶ ଥାନା ସବ ଇନ୍ସପେକ୍ଟର ଚକ୍ରଧର ସିଂ ସୂଚନା ଦେଇଛନ୍ତି।

## କୁକୁର କାମୁଡ଼ାରେ ୫ ଆହତ

**କଣ୍ଟାପଡ଼ା,୨୬।୨/ଏନ୍‌ଏନ୍‌ଏସ୍:** ବାଗଲପୁର ଓ କୁରାଙ୍ଗଶାସନ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ କୁକୁର କାମୁଡ଼ା ଘଟଣା ଯୋଗୁଁ ୫ ଜଣ ଆହତ ହୋଇଛନ୍ତି। ଗଙ୍ଗେଶ୍ୱର ମୌଜା ଈଶ୍ୱରପୁର ଗ୍ରାମର ବନମାଳି ବାରିକ ପ୍ରାତଃ ଭ୍ରମଣରେ ଯାଇଥିଲାବେଳେ କ୍ୱାଇଁଲୋ ରାସ୍ତାର ଓଷ୍ଟିଆ ନିକଟରେ ଏକ କୁକୁର ତାଙ୍କ ଗୋଡ଼କୁ କାମୁଡ଼ି ରକ୍ତାକ୍ତ କରିଦେଇଥିଲା। ତାଙ୍କୁ ଅଡ଼ଶପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ଦଳଚିରା ଗ୍ରାମର ଭାସ୍କର ମୁଦୁଲିଙ୍କ ଘରକୁ ଆସିଥିବା ଜଣେ ରୋଷେୟାଙ୍କ ସମେତ ଚିଉଳପୁର ଗ୍ରାମର ନାରାୟଣ ବାରିକ, ବଡ଼ଝରିଲୋ ଗ୍ରାମର ଗନ୍ତୁ ପଣ୍ଡା ଓ ଈଶ୍ୱରପୁର ଗ୍ରାମର ପ୍ରମୋଦକୁମାର ସାହୁ ବୁଲା କୁକୁର କାମୁଡ଼ାରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଞ୍ଚଳର ପ୍ରାତଃ ଭ୍ରମଣକାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

## ବିଡିଓଙ୍କ ଗାଡି ଭଙ୍ଗାରୁଜା ମାମଲାରେ ୨୭ ଅଭିଯୁକ୍ତଙ୍କ ଥାନାରେ ଆତ୍ମସମର୍ପଣ

**ବୋଲଗଡ଼,୨୬।୨/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବିଡ଼ିଓଙ୍କ ଗାଡି ଭଙ୍ଗା ରୁଜା ମାମଲାରେ ବୁଧବାର ସନ୍ଧ୍ୟାରେ ୨୭ଜଣ ଅଭିଯୁକ୍ତ ସମୂହ ଭାବେ ଥାନାରେ ପ୍ରବେଶ କରି ଆମ ସମସ୍ତଙ୍କୁ ଗିରଫ କର ନାରା ଦେଇ ପହଞ୍ଚି ବସି ରହିଥିଲେ। ପରେ ଥାନା ଆଇଆଇସି ସୁକାନ୍ତ ଦଳାଇ ସମସ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକା ବଣ୍ଡରେ ଛାଡି ଦେଇଥିଲେ। ସୂଚନାଯୋଗ୍ୟ ଯେ, ବିଡ଼ିଓଙ୍କ ବଦଳି ଦାବି କରି ଦୀର୍ଘ ୯ ଦିନ ବ୍ୟାପି ବୋଲଗଡ଼ ବ୍ଲକ ଅନ୍ତର୍ଗତ ଜନପ୍ରତିନିଧି ତଥା ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ଛାମୁଆକର୍ମୀ ଓ ବିଜେଡିର କର୍ମକର୍ତ୍ତାମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ କିଛି ଉତ୍ୟକ୍ତ କର୍ମୀ ବ୍ଲକ ପରିସର ମଧ୍ୟରେ ପ୍ରବେଶ କରି ବିଡ଼ିଓଙ୍କ ଗାଡିକୁ ଭଙ୍ଗାରୁଜା କରିଥିଲେ।ଏହି ଗାଡି ଭଙ୍ଗାରୁଜା ଘଟଣାକୁ ନେଇ ବିଡ଼ିଓ ସୁମନସୁଧା କୁଣ୍ଟୁଙ୍କ ପକ୍ଷରୁ ୩୧ଜଣ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିଲା। ତେବେ ବୋଲଗଡ଼ ଥାନା ପୋଲିସ ପୃଥକ ଭାବେ ୨ଜଣ ଲେଖାଏଁ ମୋଟ ୪ଜଣଙ୍କୁ ପୂର୍ବରୁ ଗିରଫ କରିଥିଲା। ଅବଶିଷ୍ଟ ୨୭ଜଣ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକା ବଣ୍ଡରେ ଛଡ଼ାଯାଇଛି। ଛାଡ଼ ପରେ ତଥା ବିଳମ୍ବିତ ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଆସି ସମସ୍ତ ଜନ ପ୍ରତିନିଧି ଓ ଛାମୁଆ କର୍ମୀ ମାନଙ୍କୁ ଭେଟି ଆଶ୍ୱାସନା ଦେଇଥିବା ଜଣାଯାଇଛି।

## ତିନି ସନ୍ତାନ ଓ ସ୍ୱାମୀଙ୍କୁ ଛାଡ଼ି ମହିଳା ଫେରାର୍

**କଣ୍ଟିଲୋ,୨୬।୨/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଭରତ ସାନ୍ତରା ପୋଖରୀ ପାଖରେ ବାସ କରୁଥିବା ୪୨ବର୍ଷୀୟ ସୁଶାନ୍ତ କୁମାର ନାୟକ (କାଠିଆ)ଙ୍କ ଧର୍ମ ପତ୍ନୀ ୩୨ବର୍ଷୀୟା ସୁଷମା ନାୟକ ତାଙ୍କର ୧୨ ଓ ୧୧ବର୍ଷ ବୟସର ଦୁଇ ଝିଅ, ଏକମାତ୍ର ୮ବର୍ଷର ପୁଅ ଓ ସ୍ୱାମୀଙ୍କୁ ଛାଡ଼ି ଫେରାର ହୋଇଯାଇଥିବା ଖବର କଣ୍ଟିଲୋରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ସୁଶାନ୍ତ ନାୟକ ଆଜକୁ ପ୍ରାୟ ୧୪ବର୍ଷ ତଳେ ଢ଼େଙ୍କାନାଳ ଜିଲ୍ଲା ଭାପୁର ନିକଟସ୍ଥ ବେଗୁନିଆପାଳ ଗ୍ରାମର ସୁରେଶ ପାତ୍ରଙ୍କ ବଡ଼ଝିଅ ସୁଷମାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଦୁଇଝିଅ ଓ ଏକମାତ୍ର ପୁଅକୁ ନେଇ ପରିବାର ହସଖୁସିରେ ଚାଲିଥିଲା ବେଳେ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ମନାନ୍ତର ହୋଇଥିଲା ବୋଲି ଶୁଣିବାକୁ ମିଳୁଛି। ସ୍ୱାମୀ ସୁଶାନ୍ତ ପେଷାରେ ଯାତ୍ରୀବାହୀ ବସ୍ ଡ୍ରାଇଭର ହୋଇଥିବାରୁ ପ୍ରତ୍ୟେକ ଦିନ ଭୋର୍ ପାଞ୍ଚଟାରୁ ଡ୍ୟୁଟିରେ ଯାଇଥିବା ଏବଂ ପିଲାମାନେ ସ୍କୁଲ ଯାଇଥିବା ବେଳେ ସୁଶାନ୍ତ ଘରେ ରଖିଥିବା ନଗଦ ୬୦ହଜାର ଟଙ୍କା ସହ ସ୍ତ୍ରୀ ସୁଷମା ନିଜେ ପିନ୍ଧିଥିବା ସୁନା ଓ ରୂପା ଅଳଙ୍କାର ପ୍ରଭୃତି ନେଇ ଘରଛାଡି ଚାଲିଯାଇଥିବା ଜଣାପଡିଛି। ସୁଶାନ୍ତ ଡ୍ୟୁଟିରୁ ଫେରି ବନ୍ଧୁବାନ୍ଧବ ସାହିପଡିଶାଙ୍କୁ ପଚାରିବା ପରେ କୌଣସି ସୁରାକ ନପାଇବା ଫଳରେ ଖଣ୍ଡପଡ଼ା ଥାନାରେ ସ୍ତ୍ରୀ ଫେରାର ହୋଇଥିବା ସମ୍ପର୍କେ ଲିଖିତ ଏତଲା ଦାୟର କରିଥିଲେ।



ସୌଭାଗ୍ୟକୁ ସୁଷମା ବ୍ୟବହାର କରୁଥିବା ମୋବାଇଲ ଘରେ ଛାଡ଼ି ଚାଲି ଯାଇଥିବାରୁ, ଫୋନ୍‌କଲ୍ ଯାଞ୍ଚରୁ ପ୍ରମାଣ ମିଳିଥିଲା ଯେ, ୭୬୮୩୯୪୩୯୯୪ ନମ୍ବର ମୋବାଇଲ୍‌ରୁ ଫେରାର ହେବା ଦିନ ସକାଳ ୬ରୁ ଦିନ ୯ଟା ଭିତରେ ୭ଥର କଲ୍ ଆସିଛି। ଲିଖିତ ଏତଲା ପାଇବା ପରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଉକ୍ତ ମୋବାଇଲ ନମ୍ବରକୁ ଟ୍ରାକ୍‌କରି ସୂଚନା ପାଇଥିଲେ ଯେ, ବର୍ତ୍ତମାନ ଏହି ଫୋନ କେରଳ ରାଜ୍ୟର ଏକ ଘରୋଇ କମ୍ପାନୀରେ କାମ କରୁଥିବା ଢେଙ୍କାନାଳ ଜିଲ୍ଲା ଭାପୁର ନିକଟସ୍ଥ ବେଗୁନିଆପାଳ ଗ୍ରାମର ଛେତ ନାୟକଙ୍କ ପୁଅ ଜିତେନ୍ଦ୍ର ନାୟକ ବୋଲି ଜଣାପଡ଼ିଥିଲା।

ସୁଶାନ୍ତ ତାଙ୍କର ଛୋଟ ଦୁଇ ଝିଅ ଓ ପୁଅଙ୍କ ଭବିଷ୍ୟତ ଗଢ଼ିବା ପାଇଁ ସ୍ତ୍ରୀ ସୁଷମାଙ୍କୁ ଫେରାଇ ଆଣିବା ପାଇଁ ବିଭିନ୍ନ ମହଲରେ କାକୁତି ମିନତୀ ହେଉଥିଲେ ହେଁ, ଆଜକୁ ଦୁଇ ସପ୍ତାହ ବିତିଯାଇଥିଲେ ମଧ ସୁଷମାଙ୍କର କୌଣସି ଖବର ମିଳୁନାହିଁ। ଫଳରେ ଦୁଇ ଝିଅ, ପୁଅ ତଥା ନିଜେ ସ୍ୱାମୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୟାକରି ଟ୍ରାକ୍ ହୋଇଥିବା ମୋବାଇଲ ନମ୍ବରକୁ ଆଧାର କରି ଜିତେନ୍ଦ୍ର ନାୟକଙ୍କ କବଳରୁ ସୁଷମାଙ୍କୁ ଫେରାଇ ଆଣିବା ପାଇଁ ନୟାଗଡ଼ ଜିଲ୍ଲା ପ୍ରଶାସନ ତଥା ଖଣ୍ଡପଡା ଓ କଣ୍ଟିଲୋ ପୁଲିସ ଅଧିକାରୀମାନଙ୍କ ସହାୟତା ପାଇଁ ସୁଶାନ୍ତଙ୍କ ସମେତ ଏ ଅଞ୍ଚଳର ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।

## ସିସି କ୍ୟାମେରା ନଜରରେ କୋଣାର୍କ ରାମଚଣ୍ଡୀ ପୀଠ

**କୋଣାର୍କ,୨୬।୨/ଏନ୍‌ଏନ୍‌ଏସ୍:** କୋଣାର୍କ ପୁରୀ ବେଳାମାର୍ଗ ମୁଖ୍ୟରାସ୍ତା ପାର୍ଶ୍ୱ କୁଶଭଦ୍ରା ନଦୀ କୂଳରେ ଅବସ୍ଥିତ ମା'ରାମଚଣ୍ଡୀ ପୀଠରେ ପୁରୀ ଏସପିଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦ୍ରଭଗା ମେରାଇନ୍ ଥାନା ଅଧିକାରୀ ସରସ୍ୱତୀ ସାହୁଙ୍କ ପରାମର୍ଶରେ ରାମଚଣ୍ଡୀମନ୍ଦିର ପରିଚାଳନା କମିଟି ପକ୍ଷରୁ ଗୁରୁବାର ନିମାପଡା ଏସ ଡିପିଓ ଜାନାର୍ଦ୍ଦନ ପାଢ଼ୀ ଓ ଚନ୍ଦ୍ରଭାଗା ମେରାଇନ୍ ଥାନା ଅଧିକାରୀଙ୍କ ଉପସ୍ଥିତିରେ ମନ୍ଦିର ର ପ୍ରବେଶ ଓ ପ୍ରସ୍ଥାନ ସହିତ ରାମଚଣ୍ଡୀ ପୀଠର ବିଭିନ୍ନ ସ୍ପର୍ଶକାତର ସ୍ଥାନରେ ପ୍ରଥମ ପର୍ଯ୍ୟାୟରେ ଇଗଲ୍‌ଆଇ ସଦୃଶ୍ୟ ୭ଗୋଟି ଦିବା ରାତ୍ରୀକାଳୀନ ସିସି କ୍ୟାମେରା ଲଗାଯାଇଛି। ପରବର୍ତ୍ତୀ ସମୟ ରେ ଆବଶ୍ୟକତା ଅନୁଯାୟୀ ସିସି କ୍ୟାମେରା ଲଗାଯିବ। ସୂଚନାଥାଉ କି ରାମଚଣ୍ଡୀ ପୀଠକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ପରିଦର୍ଶନରେ ଆସିଥାନ୍ତି। ନିକଟରେ ବଣଭୋଜି କରି



ବିଳମ୍ବରେ ଫେରିଥାନ୍ତି। ବିଭିନ୍ନ ସମୟରେ ଏହି ପର୍ଯ୍ୟଟକ ମାନଙ୍କୁ କେତେକ ଅସାମାଜିକ ବ୍ୟକ୍ତି ହଇରାଣ ହରକତ କରିବା, ଗଣ୍ଡଗୋଳ ସହ ମାରପିଟ ଘଟଣା ଘଟିବା ସହିତ ଅନେକ ସମୟ ରେ ଲୁଟ କରି ଫେରାର ହୋଇଯାଇଥାନ୍ତି। ଫଳରେ ଅନେକ ସମୟରେ ଏହି ଅସାମାଜିକ ବ୍ୟକ୍ତି ଙ୍କୁ ପୋଲିସ ଧରିବାରେ ବିଫଳ ହୋଇଥାନ୍ତି। ଏନେଇ ବିଭିନ୍ନ ଗଣମାଧ୍ୟମରେ ପର୍ଯ୍ୟଟକଙ୍କ ସୁରକ୍ଷା କୁ ଗୁରୁତ୍ୱ ଦେଇ ରାମଚଣ୍ଡୀ ପୀଠ ରେ ଅସାମାଜିକ ବ୍ୟକ୍ତିଙ୍କୁ ଧରି ସାବାଡ଼ କରିବା ପାଇଁ ତୁରନ୍ତ ସିସି କ୍ୟାମେରା ଲଗାଇବା ନେଇ ଖବର ପ୍ରକାଶିତ ପରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସିସି କ୍ୟାମେରା ଲଗାଯାଇଛି। ରାମଚଣ୍ଡୀ ପୋଲିସ ଓ ଚନ୍ଦ୍ରଭାଗା ମେରାଇନ୍ ପୋଲିସ ଆଇନ୍‌ଶୃଙ୍ଖଳାର ସମସ୍ତ ସୁରକ୍ଷା ଦିଗ ପ୍ରତି ଦୃଷ୍ଟିଦେଇ ଏହି କଣ୍ଟ୍ରୋଲ୍ ରୁମରୁ ମନିଟରିଂ କରି ଚୋରି ଓ କ୍ରାଇମ୍ କଣ୍ଟ୍ରୋଲରେ ପଦକ୍ଷେପ ନେଇପାରିବେ। ଫଳରେ ଚୋରି ଓ ଲୁଟ୍ ପରି ଘଟଣା ଘଟାଇ ଫେରାର ହେଇଯାଉଥିବା ଅସାମାଜିକ ବ୍ୟକ୍ତିଙ୍କୁ ପୋଲିସି ଚିହ୍ନଟ କରିବାରେ ସଫଳ ହୋଇପାରିବ ବୋଲି ନିମାପଡା ଏସଡ଼ିପିଓ ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି।

## ତିନି ମହଲାରୁ ପଡ଼ି ଯୁବକଙ୍କ ମୃତ୍ୟୁ

**କଣ୍ଟାପଡ଼ା,୨୬।୨/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ଥିବା ଏକ ତିନି ମହଲା ଘର ଉପରୁ ତଳକୁ ଖସିପଡ଼ି ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସୁଦୂର ଆସାମ ପ୍ରଦେଶ



ଅନ୍ତର୍ଗତ ମୋରିଗାଁ ଅଞ୍ଚଳର ରୋହନ କାକୋଟି (୨୯)। ଓଲଟପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇବା ସହିତ ଘଟଣାର ତଦନ୍ତ ଚଳାଇଛି। ଖବର ନେବାରେ ଜଣାଯାଇଛି ଯେ, ରୋହନ ଓଲଟପୁରସ୍ଥିତ କବିତା କମ୍ପ୍ଲେକ୍ସରେ ଭଡ଼ାରେ ରହି ନିଜସ୍ୱ ଉଦ୍ୟମରେ ଫିଜିଓଥେରାପି ଶିକ୍ଷା ଦେଉଥିଲେ। ତେବେ ଆଜି ହଠାତ ଉକ୍ତ କୋଠାର ତିନି ମହଲାରୁ ସେ ତଳକୁ ଖସି ପଡ଼ିଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡ଼ାଙ୍କ ସମେତ କଟକ ସଦର ଏସଡ଼ିପିଓ ବିଜୟକୁମାର ମଲିକ, ଅନ୍ୟ ପୁଲିସ କର୍ମଚାରୀ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ସେ କେଉଁ ପରିସ୍ଥିତିରେ ଏଭଳି ଅପ୍ରତ୍ୟାଶିତ ଢଙ୍ଗରେ ତଳକୁ ଖସିପଡ଼ି ମୃତ୍ୟୁବରଣ କଲେ ସେ ବିଷୟରେ ତୁରନ୍ତ କୌଣସି ସୂଚନା ମିଳିନାହିଁ। ଅପରପକ୍ଷରେ ମୃତ ରୋହନଙ୍କ ପରିବାର ଏଠାରେ ପହଞ୍ଚିବା ପରେ ଅଧିକ ତଥ୍ୟ ସାମନାକୁ ଆସିବବୋଲି ପୁଲିସ କହିଛି। ରିପୋର୍ଟ ଲେଖା ହେବା ସମୟରେ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ପରିବାର ପକ୍ଷରୁ ଦାୟର ହେବାକୁ ଥିବା ଏତଲା ଆଧାରରେ ତଦନ୍ତ ଆଗକୁ ବଢ଼ିବ ଏବଂ ଏହାପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇଯିବବୋଲି ପୁଲିସ ଓ ସାଇଣ୍ଟିଫିକ ଟିମର ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସନ୍ଦେହଜନକ ଅବସ୍ଥାରେ ହରିଣ ମୃତଦେହ ଉଦ୍ଧାର

**କୋଣାର୍କ,୨୬।୨/ଏନ୍‌ଏନ୍‌ଏସ୍:** କୋଣାର୍କ ଏନଏସି ୪ନଂ ୱାର୍ଡ କରମଙ୍ଗା ବାଲିସାହିର ଏକ ବାଉଁଶ ବୁଦା ମୂଳରେ ସନ୍ଦେହ ଜନକ ଅବସ୍ଥା ରେ ମରି ପଡିଥିବା ଏକ ମାଈ ହରିଣର ମୃତ ଦେହକୁ କୋଣାର୍କ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ସୂଚନା ମୁତାବକ କୋଣାର୍କ ଏନଏସି ରାମମନ୍ଦିର ନିକଟ ବାଲିସାହିର ଏକ ବାଉଁଶ ବୁଦା ମୂଳରେ ଏକ ମାଈ ହରିଣଟି ମରି ପଡିଥିବା ଦେଖି ତୁରନ୍ତ ସ୍ଥାନୀୟ ଲୋକ କୋଣାର୍କ ବନାଞ୍ଚଳ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ଖବର ପାଇ କୋଣାର୍କ ବନ କର୍ମଚାରୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ମୃତ ହରିଣଟିକୁ ଉଦ୍ଧାର କରି ବନବିଭାଗ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ମୃତ ହରିଣଟିର ଶବକୁ ବ୍ୟବଚ୍ଛେଦ କରି ମାଟିରେ ପୋତି ଦେଇଥିବା କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି। ମୃତ ହରିଣଟିର ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବାକୁ ନେଇ ମୃତ୍ୟୁର କାରଣ ଜଣାପଡ଼ିନି। ମୃତ ହରିଣଟିର ଆନୁମାନିକ



ବୟସ ୮ବର୍ଷ ହେବ ଓ ଏହାର ଓଜନ ପାଖାପାଖି ୫୦ରୁ ୬୦ କେଜି ହେବ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହରିଣ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଶ୍ରୀ ଦେଉରୀ ପ୍ରକାଶ କରିଛନ୍ତି।

## ମା' ଦକ୍ଷିଣକାଳୀ ମନ୍ଦିର ପ୍ରତିଷ୍ଠା, ପୂର୍ଣ୍ଣାହୂତି ଉତ୍ସବ



**ନୟାଗଡ଼,୨୬।୨/ଏନ୍‌ଏନ୍‌ଏସ୍:** ନୟାଗଡ଼ ପୁରୁଣାସହର ବିଜେ ମା' ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବିଭିନ୍ନ ଦିବସରେ ସମସ୍ତ ମନ୍ଦିର ପ୍ରତିଷ୍ଠା ନୀତି ସହ ନିକଟସ୍ଥ ସାଗର ପୋଖରୀରୁ ଜଳ କଳସଯାତ୍ରା ହୋଇଥିଲା । ସମସ୍ତ ଦେବନୀତି ଓ ବିଧିବିଧାନ ସହ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା ବେଳେ ଯଜ୍ଞରେ ମୁଖ୍ୟ ପୁରୋଧା ଭାବେ ପ୍ରଭାକର ମିଶ୍ର ସମସ୍ତ କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପରିଚାଳନା ସମ୍ପାଦକ କିଶାନ ଦାସ ଓ ତାଙ୍କ ସହଧର୍ମିଣୀ ସ୍ନେହାଞ୍ଜଳୀ ସିଂଦେଓ ହୋମ କାର୍ଯ୍ୟରେ କର୍ତ୍ତାକର୍ତ୍ତୀ ଭାବେ ବସିଥିଲେ ।ମା'ଦକ୍ଷିଣକାଳୀଙ୍କ ନୂତନ ମନ୍ଦିରକୁ ଭରପୁର ଫୁଲରେ ସୁସଜ୍ଜିତ କରାଯାଇଥିଲା। ନାମ ସଂକୀର୍ତ୍ତନରେ ମନ୍ଦିରରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତମାନେ ବିଭିନ୍ନ ଅଞ୍ଚଳରୁ ଆସି ମା'ଙ୍କ କୃପା ଲାଭ କରିଥିଲେ। ୫ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।ମନ୍ଦିରର ପରିଚାଳନା ମୁଖ୍ୟ ସମାଜସେବୀ ପ୍ରମୋଦ କୁମାର ପଟ୍ଟନାୟକ ଓ କିଶାନ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ୫ଟିର ଅନୁଦାନ ଅର୍ଥରେ ମନ୍ଦିରର ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇଥିଲା ବେଳେ ବଉଳମାଳା ପଥରରେ ମନ୍ଦିର ଓ ବେଢ଼ା କାର୍ଯ୍ୟ ନିର୍ମାଣ ହୋଇଥିଲା।ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବାଚସ୍ପତି ସୁରମା ପାଢୀଙ୍କ ସମେତ ବିଧାୟକ ଡଃ ଅରୁଣ କୁମାର ସାହୁ, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ପ୍ରମୁଖ ଯୋଗଦେଇ ଥିଲେ।






ନୂଆଦିଲ୍ଲୀଠାରେ ନୂତନ ଓଡ଼ିଶା ଭବନର ନିର୍ମାଣ ପାଇଁ ଶିଳାନ୍ୟାସ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

ଶ୍ରୀଜଗନ୍ନାଥ ମନ୍ଦିରର ଭୂମି ପୂଜନ କଲେ ରାଷ୍ଟ୍ରପତି

# ଶ୍ରୀଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ଏକ ନୂତନ ଅଧ୍ୟାୟ: ଧର୍ମେନ୍ଦ୍ର

**ଜାମସେଦପୁର,୨୬।୨/ଏଜେନ୍ସି:** ଝାଡଖଣ୍ଡ ଜାମସେଦପୁର ଠାରେ ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କେନ୍ଦ୍ରର ଭୂମି ପୂଜନ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭବ୍ୟ ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ସମ୍ପନ୍ନ ହୋଇଛି । ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଚାରିଟେବୁଲ୍ ସେଣ୍ଟର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି । ଜାମସେଦପୁରରେ ମହାପ୍ରଭୁଙ୍କ ଏହି ଭବ୍ୟ ମନ୍ଦିର କେବଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ହେବ ନାହିଁ, ବରଂ ଏହା ଝାଡ଼ଖଣ୍ଡର ସାଂସ୍କୃତିକ ପରିଚୟକୁ ଏକ ନୂତନ ଦିଶା ପ୍ରଦାନ କରିବ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ଜଗତର ନାଥ ଏବଂ ତାଙ୍କର



ଉପାସନା ଆମକୁ କରୁଣା, ଓ ଲୋକମଙ୍ଗଳର ଶାଶ୍ୱତ ସନ୍ଦେଶ ଦେଇଥାଏ । ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବ ଜଗନ୍ନାଥ ସଂସ୍କୃତିରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି । ଶ୍ରୀ ପ୍ରଧାନ ସମସ୍ତ ଝାଡ଼ଖଣ୍ଡବାସୀ ଏବଂ ଜଗନ୍ନାଥ ଅନୁଯାୟୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁଙ୍କ ଆଶୀର୍ବାଦରୁ ସମାଜରେ ସମାନତା ଓ ଭାଇଚାରା ବୃଦ୍ଧି ପାଇବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡର ରାଜ୍ୟପାଳ ସନ୍ତୋଷ କୁମାର ଗାଙ୍ଗୱାର ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

ଚାଲିଗଲେ ଘୋଡ଼ାନାଚ ଗୁରୁ

# ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ପରଲୋକ

**କଟକ,୨୬।୨/ଏନ୍ଏନ୍ଏସ୍:** କଟକ ଜିଲ୍ଲା ଚୌଦ୍ୱାର ନିବାସୀ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ଆଜି ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା । ଚୌଦ୍ୱାରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ଭୋର୍ ୫ଟା ସମୟରେ ତାଙ୍କର ଦେହାନ୍ତ ହୋଇଛି । ସେ ଏକାଧାରରେ ଜଣେ ନାଟ୍ୟକାର, ସଂଗୀତଜ୍ଞ ଓ ଜଣେ ଭଲ ନୃତଶିଳ୍ପୀ ଥିଲେ । ଓଡ଼ିଆ ସଂସ୍କୃତି ଓ ପାରମ୍ପରିକ ଲୋକକଳାର ଯେତେବେଳେ ଧୀରେ ଧୀରେ ଆଦର କମି ଯାଉଥିଲା, ସେ ତାହାକୁ ବଞ୍ଚାଇବା ପାଇଁ ୧୯୬୦ ମସିହାରେ ତାଙ୍କ ପିତାଙ୍କ ସହିତ ପ୍ରଥମଥର ପାଇଁ ଘୋଡ଼ାନାଚ ପରିବେଷଣ କରିଥିଲେ । ଓଡ଼ିଶାର ପାରମ୍ପରିକ 'ଘୋଡ଼ାନାଚ'କୁ ବିଶ୍ୱସ୍ତରରେ ପରିଚିତ କରାଇବାରେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏଥିପାଇଁ ତାଙ୍କୁ ୨୦୨୦ରେ ପଦ୍ମଶ୍ରୀ ସମ୍ମାନ ମିଳିଥିଲା । ସେ ଭାଇଜନ୍ତିଆ କୃଷ୍ଣଅବତାର, ମହିଷାମର୍ଦ୍ଦିନୀ, ଗମ୍ଭାରୀବିଜେ, ଖଇଁଉଜୁଲା, କେଳିକଦମ୍ବ, ରଙ୍ଗକେଳି ଏବଂ ଗୁଜୁନା ସମେତ ଅନେକ ଗୀତିନାଟ୍ୟ ଲେଖିଥିଲେ । ସ୍ୱାସ୍ଥ୍ୟ ସମସ୍ୟା ଉପରେ ଏଡସ୍, ମ୍ୟାଲେରିଆ, କୃଷ୍ଠ ନିବାରଣ, ସ୍ୱଚ୍ଛ ଭାରତ ଏବଂ ବେଟୀ ବଚାଓ, ବେଟୀ

**ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକପ୍ରକାଶ**

ପଢ଼ାଓ ଭଳି ସାମାଜିକ ପଦକ୍ଷେପ ଉପରେ ଅନେକ ଗୀତ ମଧ୍ୟ ଲେଖିଥିଲେ । ମୁଖ୍ୟତଃ ସେ ଲୋକକଳା ଭଳି ଚଇତି ଘୋଡ଼ାନାଚକୁ ଓଡ଼ିଶା ତଥା ଭାରତ ବାହାରେ ମଧ୍ୟ ପରିଚିତ କରାଇଥିଲେ । ସେ ୧୯୪୫ ଏପ୍ରିଲ ୧୪ରେ କଟକ ଜିଲ୍ଲା ଚୌଦ୍ୱାର ଅନ୍ତର୍ଗତ ମଣିଆ ଗାଁରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗଜେନ୍ଦ୍ର ଦାସ ଓ ମାତାଙ୍କ ନାମ ସଖୀ ଦେଇ । ୭ବର୍ଷ ବୟସରେ ତାଙ୍କ ମାଙ୍କର ପରଲୋକ ଘଟିଥିଲା । ତା ପରେ ସେ ମାମୁଘରେ ରହି ପାଠ



ପଢ଼ିଥିଲେ । ପିଲାଦିନରୁ ଉତ୍ସବ ଚରଣ ଦାସ ଚିତ୍ର ଆଙ୍କିବା, ମୂର୍ତ୍ତି ତିଆରି କରିବା ଓ ବହି ବନ୍ଧା ଆଦି ବିଭିନ୍ନ କଳା ପ୍ରତି ମଧ୍ୟ ଆକୃଷ୍ଟ ଥିଲେ । ପାନ ଦୋକାନ କରି ନିଜେ ରୋଜଗାର ମଧ୍ୟ କରୁଥିଲେ । ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଉତ୍ସବ ଚରଣ ଦାସ କଳାରେ ସ୍ନାତକ କରିଥିଲେ । ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଟ୍ୱିଟ କରି ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି ।

ଅନ୍ୟପକ୍ଷରେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ, ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ନିଜର ନିଖୁଣ ଅଭିନୟ, ଗୀତିକବିତା ଏବଂ ନିର୍ଦ୍ଦେଶନା ମାଧ୍ୟମରେ ସେ ଓଡ଼ିଶାର ଲୋକସଂସ୍କୃତିକୁ ସମୃଦ୍ଧ କରିବାରେ ଯେଉଁ ଅବଦାନ ରଖିଛନ୍ତି, ତାହା ଅତୁଳନୀୟ । ତାଙ୍କର ଆବର୍ତ୍ତମାନରେ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଓଡ଼ିଶାର ଲୋକକଳାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ତାଙ୍କର ସମର୍ପଣ ଆଗାମୀ ପିଢ଼ିର କଳାକାରମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ । ଶ୍ରୀ ପ୍ରଧାନ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

ଏନ୍‌ସିଇଆର୍‌ଟି ବିବାଦ ପ୍ରସଙ୍ଗ

# 'କୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରାଯିବ'

**ଭୁବନେଶ୍ୱର,୨୬।୨/ଏନ୍ଏନ୍ଏସ୍:** ଏନସିଇଆରଟିର ବିବାଦୀୟ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ଥିବା ବିଷୟବସ୍ତୁକୁ ସୁପ୍ରିମକୋର୍ଟକୁ ବ୍ୟାନ କରିବା ସହ ଅଦାଲତ ଅବମାନନା ନୋଟିସ ଜାରି କରିବା ପରେ ମୁହଁ ଖୋଲିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ ପୂରା ପ୍ରସଙ୍ଗରେ ଦୁଃଖ ପ୍ରକାଶ କରିବା ସହ ସରକାର ସଂପୂର୍ଣ୍ଣ ଭାବେ କୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରିବେ ବୋଲି କହିଛନ୍ତି । ଜାମସେଦପୁରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ "ଆମେ ନ୍ୟାୟପାଳିକାଙ୍କୁ ସମ୍ମାନ କରୁ । କୋର୍ଟ ଯାହା ବି କହିଛନ୍ତି କିମ୍ବା ଯାହା ବି କହିବେ, ଆମେ ଏହାକୁ ଅନୁପାଳନ କରିବୁ । ଯାହା ସବୁ ଘଟିଛି ସେଥିପାଇଁ ମୁଁ ଅତ୍ୟନ୍ତ ମର୍ମାହତ । ମୁଁ ପୂରା ଘଟଣାରେ ମୋର ଦୁଃଖପ୍ରକାଶ କରୁଛି ।"ଶ୍ରୀ ପ୍ରଧାନଙ୍କ କହିବା କଥା ଯେ ତାଙ୍କ ଦୃଷ୍ଟିକୁ ଏହି ପ୍ରସଙ୍ଗ ଆସିବା କ୍ଷଣି ସେ ତୁରନ୍ତ ଏନସିଇଆରଟିକୁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ କହିଥିଲେ । ସେ କହିଛନ୍ତି, "ନ୍ୟାୟପାଳିକାଙ୍କୁ ଅସମ୍ମାନ କରିବାର କୌଣସି ଉଦ୍ଦେଶ୍ୟ ନଥିଲା । ସରକାରଙ୍କ ସେଭଳି କୌଣସି ଆଭିମୁଖ୍ୟ କେବେ ବି ନଥିଲା । ଆମେ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛୁ । ନିଶ୍ଚିତ ଭାବେ ଗୋଟିଏ ତଦନ୍ତ ହେବ ।" ବହି ପ୍ରସ୍ତୁତ



କରିଥିବା ଓ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ସହ ଜଡ଼ିତ ଲୋକଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି, "ନ୍ୟାୟପାଳିକା ଉପରେ ଆମର ସଂପୂର୍ଣ୍ଣ ବିଶ୍ୱାସ ରହିଛି ଓ ଏହାର ନିର୍ଦ୍ଦେଶକୁ ପାଳନା କରିବା ଆମର ସମ୍ବିଧାନିକ ଏବଂ ନୈତିକ ଦାୟିତ୍ୱ ।" ସେ ଲୋକଙ୍କୁ ଆଶ୍ୱସନା ଦେଇଛନ୍ତି ଯେ ସରକାର ନ୍ୟାୟପାଳିକାଙ୍କ ଆଦେଶକୁ ସମ୍ମାନ କରିବା ପାଇଁ ପ୍ରତିବଦ୍ଧ ରହିଛନ୍ତି । ସୁପ୍ରିମକୋର୍ଟଙ୍କ ନାଲି ଆଖି ପରେ ପ୍ରଥମେ କେନ୍ଦ୍ର ସରକାର ବିବାଦୀୟ ବିଷୟବସ୍ତୁ ପାଇଁ କ୍ଷମା ମାଗିଥିଲେ । ଏଥିସହ ଏପରି ବିଷୟବସ୍ତୁ ପ୍ରସ୍ତୁତ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଧର୍ମେନ୍ଦ୍ରଙ୍କ ବୟାନ ସାମ୍ନାକୁ ଆସିଛି ।

# ରାଜ୍ୟସଭା ନିର୍ବାଚନ ବିଜ୍ଞପ୍ତି ପରେ କସରତ ଆରମ୍ଭ

**ଭୁବନେଶ୍ୱର,୨୬।୨/ଏନ୍ଏନ୍ଏସ୍:** ରାଜ୍ୟସଭା ନାମାଙ୍କନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତତ୍ପର ହୋଇପଡ଼ିଛନ୍ତି ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ । ଖୁବଶୀଘ୍ର ପ୍ରାର୍ଥୀ ଘୋଷଣା କରିବ କହିଛି ବିଜେପି । ବିଜେପି ରାଜ୍ୟ ପ୍ରଭାରୀ କହିଛନ୍ତି ଖୁବଶୀଘ୍ର ସଂସଦୀୟ ବୋର୍ଡ ବୈଠକ ବସିବ । ଏହି ବୈଠକରେ ନିଷ୍ପତ୍ତି ହେବ କିଏ ଯିବ ରାଜ୍ୟସଭା । କୋର କମିଟି ବୈଠକରେ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା ସଂସଦୀୟ ବୋର୍ଡକୁ ପଠାଯାଇଛି । ଶେଷ ନିଷ୍ପତ୍ତି ସଂସଦୀୟ ବୋର୍ଡ ନେବ । ଦିନେ ଦି ଦିନ ଭିତରେ ନାମ ଘୋଷଣା ହୋଇପାରେ । ୫ ତାରିଖ ଆଗରୁ ଘୋଷଣା ହେବ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ।



ସେପଟେ ରାଜ୍ୟସଭା କାହାକୁ ପ୍ରାର୍ଥୀ କରିବ ବିଜେଡି ସେନେଇ ଆଜି ସନ୍ଧ୍ୟା ବସିଥିଲା ଦଳର ପିଏସି ବୈଠକ । ନବୀନ ନିବାସରେ ଦଳ ସଭାପତି ତଥା ପିଏସି ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବୈଠକ । ବୈଠକ ପରେ ଦଳର ଉପସଭାପତି ତଥା ପିଏସି ସଦସ୍ୟ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଛି । ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଏହି ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ପିଏସି ଅଧିକୃତ କରିଛି । ଦଳ କେତୋଟି ଆସନରେ ପ୍ରାର୍ଥୀ ଦେବ ଓ କାହାକୁ ପ୍ରାର୍ଥୀ କରିବ ସେ ନିଷ୍ପତ୍ତି ନବୀନ ବାବୁ ହିଁ ନେବେ ବୋଲି ସେ କହିଛନ୍ତି ।

ରାଜ୍ୟସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଜି ଫର୍ମ ନେଇଛି ବିଜେଡି । ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ନେଇଛନ୍ତି ୬ ସେଟ୍ ଫର୍ମ । ବିଧାନସଭା ସମ୍ମିଳନୀ କକ୍ଷରୁ ନେଇଛନ୍ତି ଏହି ଫର୍ମ । ୪ଟି ଆସନରୁ ବିଜେଡି ଅନାୟସରେ ଗୋଟିଏ ଆସନ ହାତେଇବ । ତେବେ ଚତୁର୍ଥ ଆସନ ପାଇଁ ଦଳ ଏଯାଏଁ କାର୍ଡ ଖୋଲିନି । ଏପରିକି ବିଜେଡି କାହାକୁ ପ୍ରାର୍ଥୀ କରିବ ସେନେଇ କୌଣସି ନିଷ୍ପତ୍ତି ଏଯାଏଁ ହୋଇନି । ଏସବୁ ଭିତରେ ଫର୍ମ ନେଇଥିଲେ ମଧ୍ୟ ରାଜ୍ୟସଭା ନିର୍ବାଚନକୁ ନେଇ ମୁହଁ ଖୋଲିନାହାନ୍ତି । ତେବେ ଯେଉଁମାନଙ୍କୁ ସାଧାରଣ ନିର୍ବାଚନରେ ଟିକେଟରୁ ବଞ୍ଚିତ କରାଯାଇଥାଏ ସେମାନଙ୍କୁ ରାଜ୍ୟସଭା ପଠାଯାଏ । ଦଳରେ ଏଭଳି ଅନେକ ନେତା ଅଛନ୍ତି, ଯେଉଁମାନଙ୍କୁ ରାଜ୍ୟସଭା ପ୍ରତିଶ୍ରୁତି ଦିଆଯାଇଛି । ସେମାନଙ୍କୁ ଦିଆ ଗଲେ ଦଳର ଓ ସଭାପତିଙ୍କ ସମ୍ମାନ ରହିବ ବୋଲି କହିଛନ୍ତି ଭୁପିନ୍ଦର ସିଂହ । ସେପଟେ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ମତ ରଖିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । କହିଛନ୍ତି, ଆସନ୍ତା ୨୮ ତାରିଖ ସୁଦ୍ଧା ରାଜ୍ୟସଭା ନିର୍ବାଚନରେ ପାର୍ଥୀ ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବ । ଦିନେ କି ଦୁଇ ଦିନ ଭିତରେ ଦିଲ୍ଲୀ ଯିବ କଂଗ୍ରେସ ଟିମ୍ । ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଭକ୍ତ ଦାସ ।

# ଚାଷୀଙ୍କ ମୃତ୍ୟୁ ପାଇଁ ବର୍ଷିଲା ବିଜେଡି

**ଭୁବନେଶ୍ୱର,୨୬।୨/ଏନ୍ଏନ୍ଏସ୍:** ଧାନ ସଂଗ୍ରହ ବ୍ୟବସ୍ଥା ରାଜ୍ୟରେ ଭୁଶୁଡ଼ି ପଡିଛି ବୋଲି ଅଭିଯୋଗ କରି ଆସୁଥିବା ବେଳେ ଆଜି ରାଜନଗର ଅଞ୍ଚଳରେ ଜଣେ ଚାଷୀଙ୍କ ମୃତ୍ୟୁକୁ ନେଇ ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଧାନ ସଂଗ୍ରହ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ କହିଛନ୍‌ଗତି ।

ଶ୍ରୀ ମିଶ୍ର କହିଥିଲେ ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି । ଧାନ ସଂଗ୍ରହ ବ୍ୟବସ୍ଥା ବିଫଳତା କାରଣରୁ ଆଜି ରାଜ୍ୟର ଜଣେ ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ହୋଇଛି । ଶ୍ରୀ ମିଶ୍ର କହିଥିଲେ, ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏକ ଭିଡିଓ ବାର୍ତ୍ତାରେ ଧାନ କିଣା ରାଜ୍ୟରେ ସୁରୁଖୁରୁରେ ଚାଲିଛି ବୋଲି କହିଛନ୍ତି, ଯାହା ଡାହା ମିଛ । ଶ୍ରୀ ମିଶ୍ର ଆହୁରି କହିଥିଲେ ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ୧୯୩ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଛି । ରାଜ୍ୟ ବିଜେପି ସରକାର ସମସ୍ତ ଧାନ କିଣିବ ବୋଲି କହିଥିବା ବେଳେ ଏବେ ସୁଦ୍ଧା ମାତ୍ର ୬୩ ଲକ୍ଷ ମେଟ୍ରିକ ଟନ କିଣା ଯାଇଛି, ଯାହା ସମୁଦାୟ ଧାନ ଉତ୍ପାଦନର ମାତ୍ର ୩୩



ପ୍ରତିଶତ । ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନ କିଣା ଚାଲିବ ବୋଲି କୁହାଯାଇଥିବାରୁ ଆଉ ମାତ୍ର ଗୋଟିଏ ମାସରେ ସରକାର ବଳକା ଧାନ କିଣିବାରେ ସକ୍ଷମ ହେବେ ବୋଲି ବିଶ୍ୱାସଯୋଗ୍ୟ ନୁହେଁ ।

ଡ଼ ଲେନିନ ମହାନ୍ତି କହିଥିଲେ, ବିଜେପି ସରକାର କଟନୀ ଛଟନି ବିନା ଧାନ କିଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ପ୍ରତି କ୍ୱିଣ୍ଟାଲ ପିଛା ୭ କେଜିରୁ ୧୦ କେଜି କଟାଯାଉଛି । ୪୮ ଘଣ୍ଟା ଭିତରେ ଧାନର ମୂଲ୍ୟ ଡିବିଟି ମାଧ୍ୟମରେ କୃଷକ ମାନଙ୍କୁ ପ୍ରଦାନ କରାଯିବ ବୋଲି କୁହା ଯାଇଥିଲେ ମଧ୍ୟ ପ୍ରାୟ ତିନି ସପ୍ତାହ ପର୍ଯ୍ୟନ୍ତ ମୂଲ୍ୟ ମିଳିପାରୁନାହିଁ । ପଞ୍ଜିକରଣ, ଟୋକନ ବିତରଣ ଓ ମଣ୍ଡିରେ ଅବ୍ୟବସ୍ଥା ଇତ୍ୟାଦି କୃଷକ ମାନଙ୍କୁ ନାହିଁ ନଥିବା ସମସ୍ୟାରେ ପକାଇଛି । ଆଜି ଚାଷୀ ଭାଇର ମୃତ୍ୟୁ ପାଇଁ ଯୋଗାଣ ମନ୍ତ୍ରୀ ଦାୟୀ । ତେଣୁ ନୈତିକତା ଦୃଷ୍ଟିରୁ ଯୋଗାଣ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି ।

ଓଡ଼ିଶା ଜଳ ଯୋଗାଣ ଓ ପରିମଳ ବୋର୍ଡର ୨୮ତମ ବୋର୍ଡ ବୈଠକ

# ପ୍ରଶାସନିକ ଓ କଲ୍ୟାଣକାରୀ ସଂସ୍କାର ପାଇଁ ନିଷ୍ପତ୍ତି

**ଭୁବନେଶ୍ୱର,୨୬।୨/ଏନ୍ଏନ୍ଏସ୍:** ଓଡ଼ିଶା ଜଳ ଯୋଗାଣ ଓ ପରିମଳ ବୋର୍ଡର ୨୮ତମ ବୋର୍ଡ ବୈଠକରେ ବୃହତ ପ୍ରଶାସନିକ ଓ କଲ୍ୟାଣକାରୀ ସଂସ୍କାର ଅନୁମୋଦିତ ଭୁବନେଶ୍ୱରସ୍ଥିତ ଉନ୍ନତି ଭବନର ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦୀର୍ଘ ଦିନରୁ ପଡ଼ି ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସେବା, ଆର୍ଥିକ ଏବଂ ପ୍ରଶାସନିକ ସଂସ୍କାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହା ସହିତ ସହକାରୀ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ପାହ୍ୟାରେ ଥିବା ଡେପୁଟି ପ୍ରକଳ୍ପ ଇଞ୍ଜିନିୟରମାନଙ୍କୁ 'ଅତିରିକ୍ତ ପ୍ରକଳ୍ପ ଇଞ୍ଜିନିୟର' ଭାବେ ପୁନଃ ନାମିତ କରାଯିବା ସହ ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ପଦୋନ୍ନତି ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇଛି । ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଇଞ୍ଜିନିୟରମାନେ ସହରୀ ଭିତ୍ତିଭୂମିର ମେରୁଦଣ୍ଡ ହୋଇଥିବାରୁ ସେମାନଙ୍କ



ପାଇଁ ଉଚିତ ସେବା ସର୍ତ୍ତାବଳୀ ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା । କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ଦୈନିକ ମଜୁରିଆ ମାନଙ୍କ ପାଇଁ ମଧ୍ୟ ବୋର୍ଡ ଏକ ମାନବୀୟ ନିଷ୍ପତ୍ତି ଗ୍ରହଣ କରିଛି । ସେମାନଙ୍କର କଠିନ ପରିଶ୍ରମକୁ ସମ୍ମାନ ଜଣାଇ ଦୈନିକ ୨୦୦ ଟଙ୍କାର ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି । ଏହା ବ୍ୟତୀତ ୬୦ ବର୍ଷ ବୟସରେ ଅବସର ନେଉଥିବା ଡିଏଲ୍‌ଆର୍ କର୍ମଚାରୀମାନେ ଏବେ ଗ୍ରାଚ୍ୟୁଇଟି ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ ହେବେ, ଯାହା ସେମାନଙ୍କୁ ଅବସର ପରେ ଆର୍ଥିକ ସୁରକ୍ଷା ପ୍ରଦାନ କରିବ । ମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି ଯେ, ଅବିରତ ଜଳ ଯୋଗାଣ ସୁନିଶ୍ଚିତ କରୁଥିବା ଏହି କର୍ମଚାରୀମାନେ ଉପଯୁକ୍ତ ସାମାଜିକ ସୁରକ୍ଷା ପାଇବା ନିହାତି ଆବଶ୍ୟକ । ପ୍ରଶାସନିକ ଓ ଆର୍ଥିକ ସ୍ୱାୟତ୍ତତା କ୍ଷେତ୍ରରେ ମଧ୍ୟ ବୈଠକରେ ବଡ଼ ପରିବର୍ତ୍ତନ କରାଯାଇଛି । ବୋର୍ଡ ଏଣିକି ନିଜସ୍ୱ ଉତ୍ସରୁ ଆଦାୟ ହେଉଥିବା ରାଜସ୍ୱକୁ ନିଜର ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବାରେ ବ୍ୟବହାର କରିପାରିବ, ଯାହାଦ୍ୱାରା ପ୍ରକଳ୍ପଗୁଡ଼ିକ ଅଧିକ ନମନୀୟତା ଓ କ୍ଷିପ୍ରତା ସହିତ ଶେଷ ହୋଇପାରିବ । ଶାସନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ବୋର୍ଡର ସଦସ୍ୟ ସଚିବ ଦାୟିତ୍ୱ ଦିଆଯାଇଛି । ଜଟିଳ ବୈଷୟିକ ଏବଂ ଆଇନଗତ ସମସ୍ୟାର ସମାଧାନ ପାଇଁ ସାଧାରଣ ପ୍ରଶାସନ, ଅର୍ଥ ଏବଂ ନଗର ଉନ୍ନୟନ ବିଭାଗର ପ୍ରତିନିଧିମାନଙ୍କୁ ନେଇ ଏକ ସ୍ଥାୟୀ ସବ୍-କମିଟି ଗଠନ କରାଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏହି ସଂସ୍କାରଗୁଡ଼ିକୁ ସ୍ୱାଗତ କରିବା ସହ ଏହା ବୋର୍ଡକୁ ଅଧିକ କ୍ଷମତାପନ୍ନ ଓ ଉତ୍ତରଦାୟୀ କରିବ ବୋଲି କହିଛନ୍ତି । ଏହି ବୈଠକରେ ୱାଟକୋର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଓଡ଼ିଶା ସୂଚନା କମିଶନ: ରେକର୍ଡ ସଂଖ୍ୟକ ଫଇସଲା

# ଦଶ ମାସରେ ୧୨୦୦୦ ମାମଲାର ନିଷ୍ପତ୍ତି

**ଭୁବନେଶ୍ୱର,୨୬।୨ /ଏନ୍ଏନ୍ଏସ୍:** ବିଗତ ଦଶ ମାସରେ ୧୨୯୨୮ଟି ମାମଲା ଫଇସଲା କରି ଓଡ଼ିଶା ସୂଚନା କମିଶନ ଏକ ଐତିହାସିକ ରେକର୍ଡ ହାସଲ କରିଛି । ବିଚାରାଧୀନ ମାମଲା ସଂଖ୍ୟା ୨୨୬୧୧ ରୁ ୯୬୮୩ କୁ ହ୍ରାସ ପାଇଛି । ନୂତନ ସରକାରଙ୍କ ଦ୍ୱାରା ରାଜ୍ୟ ମୁଖ୍ୟ ସୂଚନା ଅଧିକାରୀ ଏବଂ ତିନି ଜଣ ନୂତନ ସୂଚନା କମିଶନରଙ୍କ ନିଯୁକ୍ତି ପରେ ସୂଚନା କମିଶନର ଫଇସଲାର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ ସୂଚନା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ କମିଶନ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ମାମଲାଗୁଡ଼ିକର ଦ୍ରୁତ ନିଷ୍ପତ୍ତି ତଥା ଅନାବଶ୍ୟକ ସ୍ଥଗିତତା ଏଡ଼ାଇବା ଉପରେ ମଧ୍ୟ କମିଶନ ଧ୍ୟାନ ଦେଉଛି ।

**ବିଚାରାଧୀନ ମାମଲା ସଂଖ୍ୟା ୨୨୬୧୧ରୁ ୯୬୮୩କୁ ହ୍ରାସ**

୨୦୨୧ ଏବଂ ୨୦୨୨ ବର୍ଷର ସମସ୍ତ ବିଚାରାଧୀନ ମାମଲାର ଫଇସଲା ହୋଇଥିବାବେଳେ ୨୦୨୩ ଏବଂ ୨୦୨୪ ବର୍ଷର ଅଳ୍ପ କିଛି ମାମଲା ଫଇସଲା ହେବାକୁ ବାକି ଅଛି । କମିଶନ ଏବେ ୨୦୨୫ ଏବଂ ୨୦୨୬ ରେ ଦାଖଲ ହୋଇଥିବା ନୂତନ ମାମଲାଗୁଡ଼ିକର ଶୁଣାଣି ଆରମ୍ଭ କରିଛି । ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ କମିଶନ ପ୍ରତ୍ୟେକ ପ୍ରାର୍ଥୀଙ୍କ ସାକ୍ଷାତକାର ମାର୍କ ସାର୍ବଜନୀନ କରିବା ପାଇଁ ଓଡ଼ିଶା ଲୋକସେବା କମିଶନକୁ ନିର୍ଦ୍ଦେଶ ଦେଇଛନ୍ତି । ସଫଳ ଏବଂ ବିଫଳ ପ୍ରାର୍ଥୀମାନଙ୍କୁ ଦକ୍ଷତା ପରୀକ୍ଷା ଏବଂ କମ୍ପ୍ୟୁଟର ପରୀକ୍ଷା ମାର୍କ ପ୍ରଦାନ କରିବାକୁ ଓଡ଼ିଶା କର୍ମଚାରୀ ଚୟନ କମିଶନକୁ ନିର୍ଦ୍ଦେଶ ଦିଆଯାଇଛି । ଅନେକ କ୍ଷେତ୍ରରେ ଜନସୂଚନା ଅଧିକାରୀମାନେ ସୂଚନା ଉପଲବ୍ଧ ନ ଥିବା ଦର୍ଶାଇ ଆବେଦନକାରୀଙ୍କୁ ସୂଚନା ଦେବାରୁ ବଞ୍ଚିତ କରୁଥିଲେ । କମିଶନ ଏହାକୁ ଗମ୍ଭୀର ଭାବରେ ବିଚାର କରି ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିଛନ୍ତି ଏବଂ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇ ଦୋଷୀମାନଙ୍କୁ ଦଣ୍ଡ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କିଛି ଅଭ୍ୟାସଗତ ଆବେଦନକାରୀ ନକଲି ବିପିଏଲ୍ କାର୍ଡ ବ୍ୟବହାର କରି ସରକାରଙ୍କଠାରୁ ମାଗଣାରେ ସୂଚନା ଦାବି କରୁଥିଲେ ତଥା ଶହ ଶହ ଆବେଦନ ଦାଖଲ କରି ସରକାରଙ୍କୁ ହଇରାଣ କରୁଥିଲେ । କମିଶନ ଏପରି ମାମଲାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି । ଏକ ନିର୍ଦ୍ଦିଷ୍ଟ ମାମଲାରେ ଯେଉଁଠାରେ ବଲାଙ୍ଗୀରର ଜଣେ ବ୍ୟକ୍ତି ସୂଚନା ଅଧିକାର ଆବେଦନ ପ୍ରତ୍ୟାହାର କରିବା ପାଇଁ ପିଆଇଓଙ୍କଠାରୁ ଲାଞ୍ଚ ମାଗୁଥିବାର ଜଣାପଡ଼ିଥିଲା, ତାହାକୁ ତଦନ୍ତ ପାଇଁ ପୋଲିସକୁ ପଠାଯାଇଛି । ସୂଚନା ଯୋଗାଣରେ ଅହେତୁକ ବିଳମ୍ବ ପାଇଁ କମିଶନ ଦୋଷୀ ଅଧିକାରୀମାନଙ୍କ ଉପରେ ୧,୪୭,୭୬,୨୫୦ ଟଙ୍କା ଜରିମାନା ଲଗାଇଛନ୍ତି । ଏକ ସାମ୍ପ୍ରତିକ ମାମଲାରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା ସୂଚନା ଅଧିକାର ଆଇନ ଉଲ୍ଲଙ୍ଘନ ପାଇଁ ଗଞ୍ଜାମ ଜିଲ୍ଲାର ପୁଲିସ ଅଧିକାରୀଙ୍କ ଉପରେ ୨୫,୦୦୦ ଟଙ୍କା ଜରିମାନା ଲଗାଇଛନ୍ତି । ସମାନ ବିଷୟ ଉପରେ ଏକାଧିକ ଆବେଦନ ମାଧ୍ୟମରେ ଦାଖଲ ହେଉଥିବା ଆରଟିଆଇ ଆବେଦନଗୁଡ଼ିକୁ ତନଖି କରିବା ପାଇଁ କମିଶନ ଆବେଦନଗୁଡ଼ିକର ଯାଞ୍ଚ ମଧ୍ୟ ଆରମ୍ଭ କରିଛନ୍ତି । ନିୟମିତ କର୍ମଚାରୀ ଅଭାବ ସତ୍ତ୍ୱେ କମିଶନ ପ୍ରତି ମାସରେ ୧୫୦୦ ମାମଲା ସମାଧାନ କରୁଛନ୍ତି । ପ୍ରତି ମାସରେ ଆବେଦନକାରୀଙ୍କ ଦ୍ୱାରା ହାରାହାରି ୫୦୦ ମାମଲା ଦାଖଲ ହେଉଛି ।

ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମୃତ ମାଟ୍ରିକ୍ ଛାତ୍ରୀଙ୍କ ପରିବାର

## ଭୟଭୀତ କରିଥିବା ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



**ବ୍ରହ୍ମପୁର,୨୬।୨/ଏନ୍‌ଏନ୍‌ଏସ୍:** ମାଟ୍ରିକ୍ ପରୀକ୍ଷାରେ କପି ନେଇ ଧରାପଡିବା ପରେ ମୃତ୍ୟୁବରଣ କରିଥିବା ବଡ ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ତୃତୀୟ ଲାଇନ୍ ଅଞ୍ଚଳର ଛାତ୍ରୀ ଶ୍ରୀୟା ସାହୁଙ୍କ ପରିବାର ଆଜି ବ୍ରହ୍ମପୁର ଏସ୍‌ପିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଛନ୍ତି। ମୃତକ ଛାତ୍ରୀଙ୍କ ପିତା କାଳିଆ ସାହୁ ତାଙ୍କ ଝିଅକୁ ଭୟଭୀତ କରାଯିବା କାରଣରୁ ସେ ମୃତ୍ୟୁବରଣ କରିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। କାଳିଆଙ୍କ ଅଭିଯୋଗ ପ୍ରକାରେ ଗତ ଶନିବାର ଦିନ ଭି.ଭି.ଗିରି ସରକାରୀ ବିଦ୍ୟାଳୟକୁ ଝିଅ ଶ୍ରୀୟା ପରୀକ୍ଷା ଦେବାକୁ ଯାଇଥିଲା। ଏହି ସମୟରେ ସେଠାରେ କିଛି ଶିକ୍ଷୟିତ୍ରୀ ଚେକିଂ ବେଳେ କୁଆଡେ କପି ଧରିଥିବା ନେଇ ସହପାଠୀମାନେ କହିଥିଲେ। ଶିକ୍ଷୟିତ୍ରୀ ଜଣକ ଶ୍ରୀୟାଙ୍କୁ ଏମ୍‌ପି କରିବାକୁ ଭୟଭୀତ କରିବା ସହ ତିନି ବର୍ଷ ପାଇଁ ପରୀକ୍ଷା ଦେଇପାରିବୁନି ବୋଲି ଧମକାଇଥିଲେ। ଏଥିରେ ଛାତ୍ରୀ ଜଣକ ଭୟଭୀତ ହୋଇପଡିଥିଲେ। ପରୀକ୍ଷା ଦେଇ ଘରକୁ ଫେରିବା ବେଳେ ଶ୍ରୀୟା ମାନସିକ ଭାରସାମ୍ୟ ହରାଇଥିଲା। ଘରେ କେହି ନଥିବା ବେଳେ ସେ ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଛାତ୍ରୀଙ୍କ ବାପା କାଳିଆ ସାହୁ ଅଭିଯୋଗ କରିଛନ୍ତି। ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସେ ଆଖୁ ବିକି ପରିବାର ଚଳାଉଥିଲେ। ଏଭଳି ସ୍ଥିତିରେ ଝିଅକୁ ହରାଇ ଦୁଃଖରେ ଭାଙ୍ଗି ପଡିଥିବା କହିଛନ୍ତି। ତୁରନ୍ତ ଭୟଭୀତ କରିଥିବା ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନ୍ୟାୟ ପ୍ରଦାନ କରିବାକୁ ଏସ୍‌ପିଙ୍କୁ ଅନୁରୋଧ କରିଥିବା ଜଣାପଡିଛି। ଅଭିଯୋଗ ବେଳେ ଆଇନଜୀବୀ ପ୍ରଦୀପ ବେହେରା ଉପସ୍ଥିତ ଥିଲେ।

## ଆଧ୍ୟାତ୍ମିକ ପରିବେଶରେ ପାଳିତ ହେଲା ସୁଦଶା ବ୍ରତ



**ଆସିକା,୨୬।୨/ଏନ୍‌ଏନ୍‌ଏସ୍:** ହିନ୍ଦୁ ସଂପ୍ରଦାୟର ସଂସ୍କୃତି ଓ ପରମ୍ପରା ଅନୁସାରେ ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ । ସେଥି ମଧ୍ୟରୁ ଫାଲ୍‌ଗୁନ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ପବିତ୍ର ସୁଦଶା ବ୍ରତ ପାଳନ କରାଯାଇଥାଏ। ଧନଦାତ୍ରୀ ମା ମହାଲକ୍ଷ୍ମୀଙ୍କୁ ସମର୍ପିତ ଏହି ସୁଦଶା ବ୍ରତ ପରିବାରର ସୁଖଶାନ୍ତି, ଧନଧାନ୍ୟ, ସମୃଦ୍ଧି ଓ ମଙ୍ଗଳ ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଥିବାରୁ ଆସିକା ସହର ଏହାର ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ମହିଳାମାନେ ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ନିଷ୍ଠାର ସହ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଥିଲା । ସପ୍ତାହର ୭ଟି ବାର ମଧ୍ୟରୁ ମା ମହାଲକ୍ଷ୍ମୀଙ୍କ ସବୁଠାରୁ ଅତି ପ୍ରିୟ ବାର ଗୁରବାର ହୋଇଥିବାରୁ ଆଜି ଶ୍ରଦ୍ଧାଳୁ ବ୍ରତଧାରୀ ମହିଳାମାନେ ନିଷ୍ଠାର ପୂଜାର୍ଚ୍ଚନାରେ ନିମଗ୍ନ ରହିଥିବା ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ମହିଳାମାନେ ପବିତ୍ର ସୁଦଶା ବ୍ରତ ପାଳନ ଅବସରରେ ପଦ୍ମାଳୟା ମା ମହାଲକ୍ଷ୍ମୀଙ୍କୁ ପଦ୍ମଫୁଲ ଓ ଗେଣ୍ଡୁ ଫୁଲ ସାଙ୍ଗକୁ ଅନ୍ୟାନ୍ୟ ସୁବାସିତ ଫୁଲରେ ସୁସଜ୍ଜିତ କରି ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରିଥିବା ପରିଲକ୍ଷିତ ହୋଇଥିଲା। ଶୁକ୍ଳପକ୍ଷ ଦଶମୀ ତିଥିରେ ପଡୁଥିବା ଗୁରବାରରେ ଓଡିଆ ଘରର ଶ୍ରଦ୍ଧାଳୁ ମହିଳାମାନେ ସୁଦଶା ବ୍ରତ ପାଳନ କରିବାର ବିଧି ରହିଥିବା ବେଳେ ଆଜି ଆଧ୍ୟାତ୍ମିକପ୍ରେମୀ ମହିଳାମାନେ ନିଷ୍ଠାର ସହ ବ୍ରତ ପାଳନ କରିଥିଲେ।

## ବାଲ୍ୟ ବିବାହ ରୋକିବା ନେଇ ସଚେତନତା ଶିବିର

**ଶେରଗଡ,୨୬।୨/ଏନ୍‌ଏନ୍‌ଏସ୍:** ଜିଲ୍ଲା ଆଇନ ସେବା ସମିତି ଏବଂ ଶେରଗଡ଼ ତାଲୁକ ସ୍ତରୀୟ ଆଇନ ପ୍ରାଧିକରଣର ମିଳିତ ଭାବେ ଆଜି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତ ପରିସରରେ ବାଲ୍ୟ ବିବାହ ରୋକ ନେଇ ଏକ ସଚେତନତା ଶିବିର ମାଜିଷ୍ଟ୍ରେଟ ଶ୍ରୀକାନ୍ତ ପାଢ଼ୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି ମାଜିଷ୍ଟ୍ରେଟ ଶ୍ରୀ ପାଢ଼ୀ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ବ୍ୟୋମକେଶ ନାୟକ ଉପସ୍ଥିତ ରହି ନିଜ ବକ୍ତବ୍ୟ ରେ ବାଲ୍ୟ ବିବାହ ରୋକିବା, ବାଲ୍ୟ ବିବାହ ର କାରଣ ଖୋଜିବା ସହ ଏହାକୁ



କିଭଳି ରୋକି ହେବ ବିଶେଷକରି ବାଳିକା ଏବଂ ସେମାନଙ୍କ ଅଭିଭାବକ ମାନଙ୍କୁ ନେଇ କିଭଳି ସଚେତନତା କରାଯାଇ ପାରିବ ସେ ନେଇ କହିବା ସହ ବାଲ୍ୟ ବିବାହ ର ଆଇନ ବ୍ୟବସ୍ଥା, ବାଲ୍ୟ ବିବାହ ପରବର୍ତ୍ତୀ ପଦକ୍ଷେପ ଉପରେ ସଚେତନତା କରାଇଥିଲେ ସଚେତନତା ଶିବିର ରେ ଶ୍ରୀ ତ୍ରିନାଥ ଉଚ୍ଚ ମାଧମିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଏବଂ ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ରହି ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ସଚେତନ ହୋଇଥିଲେ ଅଦାଲତ ର ସମସ୍ତ କର୍ମଚାରୀ ଶିବିର ପରିଚାଳନା କରିଥିଲେ ।

ହଳଦିଆପଦର ଦୁର୍ଘଟଣାରେ ୫ ଜୀବନ ଯିବା ଘଟଣା

# ଓଭରବ୍ରିଜ୍ ତଦାରଖ କଲେ ବୈଷୟିକ ଟିମ୍





**ବ୍ରହ୍ମପୁର,୨୬।୨/ଏନ୍‌ଏନ୍‌ଏସ୍:** ହଳଦିଆପଦର ଓଭରବ୍ରିଜ ଦୁର୍ଘଟଣାରେ ୫ ଜୀବନ ଯିବା ପରେ ଆରମ୍ଭ ହୋଇଛି ଓଭରବ୍ରିଜର ତ୍ରୁଟି ଖୋଜା । ଓଭରବ୍ରିଜରେ ରହିଥିବା ତ୍ରୁଟିକୁ ଜାଣିବା ପାଇଁ ଆଜି ହଳଦିଆପଦର ଓଭରବ୍ରିଜରେ ପହଞ୍ଚିଥିଲେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ । ଏହି ଟିମ୍ ଓଭରବ୍ରିଜର ପିଲର କାମ, ଭୌଗଳିକ ସ୍ଥିତି, ବୁଲାଣି, ଚଉଡ଼ା ଭଳି ବିଭିନ୍ନ ଦିଗକୁ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିଥିଲେ । ଟ୍ରାଫିକ ସର୍ଭେ, ଟ୍ରାଫିକ ଅଡ଼ିଟ୍ କରିବା ପରେ କଣ ସବୁ ସମସ୍ୟା ରହିଛି ଜଣାପଡ଼ିବ । ଏହାକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି ମୁଖ୍ୟ ଯନ୍ତ୍ରୀ । ୨୦ରୁ ଅଧିକ ଜୀବନ ଯିବା ପରେ ସରକାରଙ୍କ ଚେତା ପଶିଛି, ବୈଷୟିକ ଟିମ୍ ଦ୍ୱାରା ଓଭରବ୍ରିଜରେ ରହିଥିବା ତ୍ରୁଟି ଖୋଜା ଆରମ୍ଭ ହୋଇଛି । ତେବେ ଖୁବଶୀଘ୍ର କିଭଳି ଡ଼ିଜାଇନ ପରିବର୍ତ୍ତନ ହୋଇ ଯାତ୍ରୀଙ୍କୁ ସୁରକ୍ଷା ଦିଆଯିବ ସେ ନେଇ ସରକାର ଧ୍ୟାନ ଦିଅନ୍ତୁ ବୋଲି ଦାବି କରିଛନ୍ତି ସହରବାସୀ । ୨୫ରୁ ଅଧିକ ମୁଣ୍ଡ ଗଡ଼ିବା ପରେ ସରକାରଙ୍କ ଚେତା ପଶିଲା । ଓଭରବ୍ରିଜରେ କଣ ରହିଛି ଢ଼ାଞ୍ଚାଗତ ତ୍ରୁଟି ତାହା ଖୋଜିବା ନିମନ୍ତେ ପହଞ୍ଚିଲେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ । ଚଳିତ ବର୍ଷ ଜାନୁଆରୀ ମାସ ୩୧ ତାରିଖରେ ଓଭରବ୍ରିଜ ଉପରେ ଏକ ଟ୍ରକ ଦୁର୍ଘଟଣା ଘଟାଇବା ଫଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ସରକାର ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ସେହିକ୍ରମରେ ଆଜି ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଆସି ପହଞ୍ଚିଥିଲେ ହଳଦିଆପଦର ଓଭରବ୍ରିଜରେ । ଏହି ଟିମ୍‌ରେ ରହିଥିଲେ ବ୍ରିଜର ମୁଖ୍ୟ ଯନ୍ତ୍ରୀ ଅରବିନ୍ଦ ତ୍ରିପାଠୀ, ପ୍ଲାନିଂ ପ୍ରକ୍ୟୁରମେଣ୍ଟ ଇନ୍‌ଭେସଟିଗେସନ୍‌ର ମୁଖ୍ୟ ଯନ୍ତ୍ରୀ ହରିଲାଲ ଅଗ୍ରୱାଲ, ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ଶତପଥି ଓ ଡ଼ିଜାଇନର ମୁଖ୍ୟ ଯନ୍ତ୍ରୀ ମାନସ ରଞ୍ଜନ ବେହେରା । ଏହି ଚାରି ଜଣିଆ ବୈଷୟିକ ଟିମ୍ ପହଞ୍ଚିବା ପରେ ପ୍ରଥମେ ହଳଦିଆପଦର ଓଭରବ୍ରିଜ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଛକରେ ପହଞ୍ଚିଥିଲେ । ସେଠିକାର ସ୍ଥିତି ପରିଖିବା ସହିତ ଓଭରବ୍ରିଜ ଜାତୀୟ ରାଜପଥକୁ ସଂଯୋଗ କରିବା ପୂର୍ବରୁ ବୁଲାଇକୁ ନେଇ ଚିନ୍ତା ପ୍ରକଟ କରିଥିଲେ । କାରଣ ଓଭରବ୍ରିଜ ସିଧାସଳଖ ଭାବେ ଜାତୀୟ ରାଜପଥକୁ ସଂଯୋଗ ନ କରି ବୁଲାଣି କରି ତାହା ଜାତୀୟ ରାଜପଥକୁ ସଂଯୋଗ କରୁଛି । ଯାହାଫଳରେ ଦୁର୍ଘଟଣାର ମାତ୍ରା ଅଧିକ ହେବାର ସମ୍ଭାବନା ରହିଛି । ଏହାପରେ ଓଭରବ୍ରିଜର ମଧ୍ୟଭାଗ ଓ ଗୋଷାଣୀନୂଆଗାଁକୁ ସଂଯୋଗ କରୁଥିବା ରାସ୍ତାକୁ ମଧ୍ୟ ତନ୍ନତନ୍ନ କରି ଯାଞ୍ଚ କରିଥିଲେ ବୈଷୟିକ ଟିମ୍ । ଓଭରବ୍ରିଜରେ ଅଧିକ ମାତ୍ରାରେ ଗାଡ଼ି ମୋଟର ଯାତାୟତ କରୁଥିବା ବେଳେ ଢ଼ାଞ୍ଚାଗତ ତ୍ରୁଟି ମଧ୍ୟ ରହିଛି । ତେଣୁ ଟ୍ରାଫିକ ସର୍ଭେ, ଟ୍ରାଫିକ ଅଡ଼ିଟ୍ କରାଯିବା ପରେ କଣ ସବୁ ସମସ୍ୟା ରହିଛି ତାହା ବାହାରକୁ ଆସିବ । ଓଭରବ୍ରିଜର ଡ଼ିଜାଇନରେ କଣ ପରିବର୍ତ୍ତନ କରାଗଲେ ଦୁର୍ଘଟଣା ହେବ ନାହିଁ ସେ ନେଇ ଏକ ବିସ୍ତୃତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି ମୁଖ୍ୟଯନ୍ତ୍ରୀ । ଏହି ହଳଦିଆପଦର ଓଭରବ୍ରିଜ ନିର୍ମାଣ ହେବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ପ୍ରାୟ ୨୫ରୁ ଅଧିକ ଲୋକଙ୍କ ଜୀବନ ମଧ୍ୟ ଏହି ଓଭରବ୍ରିଜରେ ଚାଲିଗଲାଣି । ଏତେ ଜୀବନ ଯିବା ପରେ ଓ ଅଘଟଣ ହେବା ପରେ ବର୍ତ୍ତମାନ ସରକାରଙ୍କ ଚେତା ପଶିଛି ଓ ବୈଷୟିକ ଟିମ୍ ପହଞ୍ଚି ବ୍ରିଜ ନିର୍ମାଣର ଢ଼ାଞ୍ଚାଗତ ତ୍ରୁଟି ଖୋଜିଛନ୍ତି । କେବଳ ତ୍ରୁଟିକୁ ଖୋଜିବା ପରେ ଓ କାରଣ ଜଣାପଡ଼ିବା ପରେ ଚୁପ୍ ବସିଲେ ହେବ ନାହିଁ । ବରଂ କିଭଳି ଡ଼ିଜାଇନରେ ଖୁବଶୀଘ୍ର ପରିବର୍ତ୍ତନ କରାଯିବ ସେ ନେଇ ପଦକ୍ଷେପ ନେବା ଆବଶ୍ୟକ । ଏହାସହ ଓଭରବ୍ରିଜରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାକୁ ବୁଲାଣିକୁ ବନ୍ଦ କରାଯାଇ ସିଧାସଳଖ ସଂଯୋଗ କରାଯିବା ନେଇ ମଧ୍ୟ ଚିନ୍ତାର କରିବାର ଆବଶ୍ୟକତା ରହିଛି । ଯାହାଫଳରେ ଦୁର୍ଘଟଣାର ସଂଖ୍ୟା ମଧ୍ୟ କମ ହୋଇପାରିବ । ଏହାସହ ଦୁର୍ଘଟଣା ରୋକିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ରାଜ୍ୟ ସରକାଙ୍କ ନିଅନ୍ତୁ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଏହି ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଖୁବଶୀଘ୍ର ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ପରେ ଡ଼ିପିଆର ପ୍ରସ୍ତୁତ ହୋଇ ଓଭରବ୍ରିଜର ଡିଜାଇନ୍ ପରିବର୍ତ୍ତନର କାମ ମଧ୍ୟ ଆରମ୍ଭ ହେବ । ବୈଷୟିକ ଟିମ୍ ସହ ଗଞ୍ଜାମ ଜିଲ୍ଲାର ପୂର୍ତ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ରହି ଟିମ୍‌କୁ ଅନୁଧ୍ୟାନରେ ସହାୟତା କରିଥିଲେ ।

## ବିନା ସ୍ୱୀକୃତିରେ ଡିଜେ ବାଜିଲେ କାର୍ଯ୍ୟାନୁଷ୍ଠାନ

ନିୟମ ଉଲ୍ଲଂଘନ କଲେ ରୁଜୁ ହେବ ଅପରାଧିକ ମାମଲା

**ବ୍ରହ୍ମପୁର,୨୬।୨/ଏନ୍‌ଏନ୍‌ଏସ୍:** ବର୍ତ୍ତମାନ ବାହାଘର ଋତୁ ଚାଲିଥିବା ବେଳେ ବରଯାତ୍ରୀରେ ଡିଜେର ବ୍ୟବହାର ହେଉଛି। ସହରରେ ଉଚ୍ଚଶବ୍ଦରେ ଡିଜେ ବାଜୁଥିବାରୁ ଶବ୍ଦ ପ୍ରଦୁଷଣ ହେବା ସହ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଏହାର କୁପ୍ରଭାବ ଶିଶୁ ଓ ବୃଦ୍ଧବୃଦ୍ଧାଙ୍କ ଉପରେ ପଡୁଛି। ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣ ଅନେକେ ସମୟରେ ଭିଡରେ ଫସି ରହୁଛନ୍ତି। ଏଭଳି ଅଭିଯୋଗ ଆସିବା ପରେ ନିୟମ ଉଲଘଂନକାରୀଙ୍କ ବିରୋଧରେ ବ୍ରହ୍ମପୁର ପୁଲିସ୍ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି। ନିୟମ ଉଲ୍ଲଙ୍ଘନ କରି ଡିଜେ ଚଳାଉଥିବା ନଜରକୁ ଆସିଲେ ସମ୍ପୃକ୍ତ ଡିଜେ ଚାଳକ ଓ ଆୟୋଜକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ବର୍ତମାନ ବ୍ରହ୍ମପୁର ସହରରେ ବାହାଘର ବରଯାତ୍ରୀରେ ଡିଜେ ବ୍ୟବହାର ହେଉଥିବା ବେଳେ ସ୍ଥାନୀୟ ପୁଲିସ୍ ଥାନାରୁ ଏନେଇ ସ୍ୱୀକୃତି ଆଣିବାକୁ କୁହାଯାଇଛି। ବିନା ସ୍ୱୀକୃତିରେ ଡିଜେ ନ ଚଳାଇବାକୁ ଏସ୍‌ପି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ସରକାରୀ ନିୟମ ପ୍ରକାରେ ସକାଳ ୬ରୁ ରାତ୍ର ୧୦ଟା ମଧ୍ୟରେ ହିଁ ଡିଜେ ବଜାଇବା ପାଇଁ ଅନୁମତି ରହିଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଡିଜେ ଚଳାଇବା, ରାସ୍ତାରେ ଡିଜେ ଗଲାବେଳେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ନ କରିବା, ଶବ୍ଦ ପ୍ରଦୁଷଣ କଲା ଭଳି ଉଚ୍ଚ ସ୍ୱରରେ ଡିଜେ ନ ବଜାଇବା, ସାଇଲେଣ୍ଟ ଜୋନ୍ ଭାବେ ବିବେଚିତ କୋର୍ଟ, ହସ୍‌ପିଟାଲ ଏବଂ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିସର ମଧ୍ୟରେ ଡିଜେ ନ ବଜାଇବାକୁ ଏସ୍‌ପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ନିୟମର ଉଲ୍ଲଙ୍ଘନ କଲେ ସମ୍ପୃକ୍ତ ଡିଜେକୁ ଜବତ କରାଯିବା ସହ ଚାଳକଙ୍କ ସମେତ ଆୟୋଜକଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହେବ ବୋଲି କୁହାଯାଇଛି। ଜନସାଧାରଣ ଏ ଦିଗରେ ପୂର୍ଣ୍ଣ ସହଯୋଗ କରିବାକୁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ଅନୁରୋଧ କରିଛନ୍ତି।

## ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଲା ୭୪୦୦ ମାଗଣା ପାଠ୍ୟପୁସ୍ତକ




**ବୁଗୁଡ଼ା,୨୬।୨/ଏନ୍‌ଏନ୍‌ଏସ୍:** ଆଗାମୀ ଶିକ୍ଷାବର୍ଷ ୨୦୨୬-୨୭ ଏପ୍ରିଲରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ କେତେକ ଶ୍ରେଣୀର ପୁସ୍ତକ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି । ଆସନ୍ତା ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ୭୪୦୦ ଖଣ୍ଡ ବହି ପହଞ୍ଚିଥିବା ବେଳେ ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀର ଗଣିତ ଖେଳ ୧୩୦୦ ଖଣ୍ଡ , ଦ୍ୱିତୀୟ ଶ୍ରେଣୀର ମଜାମଜାରେ ଗଣିତ ୧୪୫୦ ଖଣ୍ଡ , ତୃତୀୟ ଶ୍ରେଣୀର ଭାଷା ମହକ-୧ମ ଭାଗ ୧୫୦୦ ଖଣ୍ଡ , ଷଷ୍ଠ ଶ୍ରେଣୀର ସାହିତ୍ୟ ଶୁଦ୍ଧା ୧୭୫୦ ଖଣ୍ଡ , ହିନ୍ଦୀ କଳିକା ୭୦୦ ଖଣ୍ଡ ଓ କୌଶଳ ବୋଧ ୭୦୦ ଖଣ୍ଡ ବହି ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସମସ୍ତ ବହି ଆସିବାକୁଥିବା ବେଳେ ବାର୍ଷିକ ପରୀକ୍ଷା ପରେ ନୂତନ ଶିକ୍ଷାବର୍ଷ ବେଳକୁ ସ୍ଥାନୀୟ ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ୧୧ଟି କ୍ଲଷ୍ଟର ମଧ୍ୟରେ ରହିଥିବା ୭୨ଟି ପ୍ରାଥମିକ, ୪୦ଟି ଉଚ୍ଚ ପ୍ରାଥମିକ ଓ ୧୮ଟି ଉଚ୍ଚ ବିଦ୍ୟାଳୟ ହିସାବରେ ମୋଟ ୧୩୦ଟି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢିବାକୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ଏହି ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଇଓ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି।

## ଭୁବନେଶ୍ୱର ଧାରଣାରେ ଯୋଗ ଦେବେ ସମସ୍ତ ଠିକାଦାର




**ଫୁଲବାଣୀ,୨୬।୨/ଏନ୍‌ଏନ୍‌ଏସ୍:** ଫୁଲବାଣୀ ପ୍ରେସ କ୍ଲବ ଠାରେ ଠିକାଦାର ସଂଘର ଜିଲା ସଭାପତି ଅଭୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ମିଳିତ ଠିକାଦାର ସଙ୍ଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଠିକାଦାର ମାନଙ୍କର ସମସ୍ୟା ଶୁଣିବା ସହିତ ରାଜ୍ୟ ସରକାରଙ୍କ ନିକଟରେ ଦାବି ଗୁଡ଼ିକ ଉପସ୍ଥାପନା କରିବି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ଶାନ୍ତନୁ କୁମାର ପ୍ରଧାନ ,ନାରାୟଣ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଗୋପାଳ ଚନ୍ଦ୍ର ତ୍ରିପାଠୀ, ପ୍ରସନ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ରହି ଠିକାଦାର ମୁଖ୍ୟ ସମସ୍ୟା ଗୁଡ଼ିକ ବିଧାୟକଙ୍କୁ ଜଣାଇଥିଲେ । ପ୍ରକାଶ ଥାଉକି ଫେବୃଆରୀ ୨୦ରୁ ରାଜ୍ୟବ୍ୟାପୀ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ସହ ରାଜରାସ୍ତାକୁ ଓହ୍ଲାଇ ଠିକାଦାର ଏକାଠି ହୋଇ ରାଜ୍ୟର ତିନି ପ୍ରମୁଖ ଠିକାଦାର ସଂଘ ଏକ ମିଳିତ ମହାମଞ୍ଚ ଗଠନ କରି ନିଜର ୮ ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ଶେଷରେ ଚେତାବନୀ ଦେଇଛନ୍ତି। ଟେଣ୍ଡର ସୀମା ବୃଦ୍ଧି, ସର୍ଟ ଟେଣ୍ଡର କଲ୍ ନୋଟିସ ଦ୍ୱାରା ସର୍ବାଧିକ ଟେଣ୍ଡର ମୂଲ୍ୟକୁ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା,ଏକ ରାଜ୍ୟ ଏକ ଆଇନ, ସମଗ୍ର ରାଜ୍ୟରେ ଷ୍ଟାଣ୍ଡାର୍ଡ ବାଇଣ୍ଡିଂ ଡକୁମେଣ୍ଟ ପ୍ରଚଳନ ଏବଂ ଅରବିଟ୍ରେସନ କ୍ଲଜ ଖଣିଜ ଦ୍ରବ୍ୟ ସମସ୍ୟା, ସଚଳ ଖଣିଗୁଡ଼ିକର ତାଲିକା ପ୍ରସ୍ତୁତ କରି ଟେଣ୍ଡରରେ ଖଣିର ନାମ ସ୍ପଷ୍ଟ ଉଲ୍ଲେଖ କରିବା ଜରିମାନା ଛାଡ, କାର୍ଯ୍ୟର ସମୟସୀମା ବୃଦ୍ଧି ବେଳେ ଦିନପିଛା ଜରିମାନା ବ୍ୟବସ୍ଥାକୁ ରଦ୍ଦ କରିବା,ଦରଦାମ ବୃଦ୍ଧି ହିସାବ ୨୦୧୨ରୁ ୨୦୧୯ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ଦରଦାମର ଉଚିତ ହିସାବ ପ୍ରଦାନ ଓ୍ୱାମିଶ ସ୍ଥାନାନ୍ତର, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଓ୍ୱାମିଶ ପରିଚାଳନା ହେତୁ ଅଯଥା ବିଳମ୍ବକୁ ଦୂର କରିବା ପାଇଁ, ମୂଳ ବିଭାଗକୁ ସ୍ଥାନାନ୍ତରିତ ହେବ ଅର୍ଥାତ୍ କାର୍ଯ୍ୟ ବିଭାଗର ଇ-ପ୍ରକ୍ୟୁରମେଣ୍ଟ ସେଲ ଭଳି କାର୍ଯ୍ୟ କରିବା ପାଇଁ ଦାବି କରିଛି କ୍ଷ ଆସନ୍ତା କାଲି ଶୁକ୍ରବାର ଦିନ କନ୍ଧମାଳ ସଙ୍ଘ ପକ୍ଷରୁ ଭୁବନେଶ୍ୱର ରାଜ ରାସ୍ତାରେ ଧାରଣା ଦେବାକୁ ସ୍ଥିର କରାଯାଇଛି ବୋଲି ଠିକାଦାର ସଂଘ ସଭାପତି ସୂଚନା ଦେଇଛନ୍ତି । ଏହି ସମ୍ମିଳନୀରେ ୫୦ରୁ ଊର୍ଦ୍ଧ୍ୱ ଠିକାଦାର ଯୋଗ ଦେଇଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

**ଫୁଲବାଣୀ,୨୬।୨/ଏନ୍‌ଏନ୍‌ଏସ୍:** ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଫୁଲବାଣୀ ଫାଷ୍ଟ ଟ୍ରାକ ପୋକସୋ କୋର୍ଟ ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହିତ ଦୋଷୀକୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡି ଥାନା ଅଞ୍ଚଳର ରଞ୍ଜନ ନାୟକ। ଘଟଣାର ଅନ୍ୟତମ ଅଭିଯୁକ୍ତ ରଞ୍ଜନଙ୍କ ସ୍ତ୍ରୀ ଚାନ୍ଦିନୀ ପ୍ରଧାନଙ୍କୁ ମଧ୍ୟ ଦୁଇ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନା ଅନୁଯାୟୀ, ପୀଡିତା ନାବାଳିକା ଜଣକ ତାଙ୍କ ସମ୍ପର୍କୀୟ ମଉସା ରଞ୍ଜନଙ୍କ ଘରେ ରହୁଥିଲେ। ୨୦୨୪ ଡିସେମ୍ବର ୧୮ ତାରିଖରେ ରଞ୍ଜନ ତାଙ୍କୁ ନିଶା ବଟିକା ଖୁଆଇ ଦୁଷ୍କର୍ମ କରିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ କାହା ଆଗରେ ପ୍ରକାଶ କଲେ ଜୀବନରୁ ମାରିଦେବେ ବୋଲି ସେ ଧମକ ଦେଇଥିଲେ। ପରେ ପୀଡିତା ନିଜ ଘର ଲୋକଙ୍କୁ ଏ ନେଇ ଜଣାଇବାରୁ ଦାରିଙ୍ଗବାଡି ଥାନାରେ ଏତଲା ଦିଆ ଯାଇଥିଲା। ପୁଲିସ ୨୩୪/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆଜି ଏହି ମାମଲାର ବିଚାର କରି ପୋକସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ୧୪ ଜଣ ସାକ୍ଷୀ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

## ଚବିଶ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**କନ୍ଧମାଳ,୨୬।୨/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଦଳପଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଚବିଶ ପ୍ରହର ନାମଯଜ୍ଞ ଅବସରରେ ଆଜି ଭବ୍ୟ କଳସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶଙ୍ଖ, ଘଣ୍ଟା ଓ ବାଜା ବାଦ୍ୟର ଧ୍ୱନୀ ସମଗ୍ର ଅଞ୍ଚଳକୁ ଆଧ୍ୟାତ୍ମିକ ମାହୋଲରେ ମୁଗ୍ଧ କରିଦେଇଥିଲା । ଅପରାହ୍ନ ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଭକ୍ତ ଏକତ୍ରିତ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ବାଦେରୀପାଜୁ ଜଳାଶୟ ନିକଟକୁ ପ୍ରସ୍ଥାନ କରିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପବିତ୍ର ଜଳ କଳସୀରେ ଉଠାଇ ଶୋଭାଯାତ୍ରା ମାଧ୍ୟମରେ କୁଞ୍ଜ ମଣ୍ଡପକୁ ଆଣାଯାଇଥିଲା। ମହିଳାମାନେ ମୁଣ୍ଡରେ କଳସୀ ବୋହି ଭକ୍ତିଗୀତ ଓ ହରିନାମ ସଙ୍କୀର୍ତ୍ତନରେ ଅଧିକ ଆକର୍ଷଣୀୟ କରିଥିଲେ। ଏହି ଚବିଶ ପ୍ରହର ନାମଯଜ୍ଞ ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଅବିରତ ଭାବେ ଚାଲିବ। ଯଜ୍ଞ ପରିଚାଳନା କମିଟି ସଭାପତି ଶ୍ରୀମତୀ ପଦ୍ମିନୀ ମଲିକଙ୍କ ନେତୃତ୍ୱରେ ସମ୍ପାଦକ ଆଦିକନ୍ଦ କହଁର, ରମାକାନ୍ତ ମଲିକ,ଚକାଡୋଲା ଜାନୀ, ନଳୀତ କହଁର, ବଳରାମ ଦେହୁରୀ, ଜିତେନ୍ଦ୍ର ଦେହୁରୀ, ଅର୍ଜୁନ କହଁର, କମ୍ବୁପାଣି ବେହେରା, ରାଜ କିଶୋର ବଗର୍ତ୍ତି, ଦୁଷ୍ମନ୍ତ ସାହୁ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଯଜ୍ଞର ସୁଚାରୁ ପରିଚାଳନାରେ ସକ୍ରିୟ ଭୂମିକା ନିଭାଉଛନ୍ତି। ସମଗ୍ର ଦଳପଡା ପଞ୍ଚାୟତ ଏବେ ଭକ୍ତିମୟ ପରିବେଶରେ ମହିମାମୟ ହୋଇଉଠିଛି।

# ରଙ୍ଗର ପର୍ବ ହୋଲି ପାଇଁ ସହର ଚଳଚଞ୍ଚଳ



**ଆସିକା,୨୬।୨/ଏନ୍‌ଏନ୍‌ଏସ୍:** ଆସନ୍ତା ୩ ତାରିଖ ମଙ୍ଗଳବାର ଦୋଳପୂର୍ଣ୍ଣିମା ଓ ତାପର ଦିନ ହୋଲି। ରଙ୍ଗର ପର୍ବ ହୋଲିକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ପାଇଁ ବର୍ତ୍ତମାନ ଠାରୁ ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି। ହୋଲି ଦିନଟିକୁ ସ୍ମରଣୀୟ ତଥା ରଙ୍ଗୀନ କରିବା ପାଇଁ ବିଭିନ୍ନ ଅଞ୍ଚଳର ଯୁବଗୋଷ୍ଠୀ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି । ସହରର ବିଭିନ୍ନ ସ୍ଥାନରେ ଖୋଲିଥିବା ରଙ୍ଗ ଦୋକାନ ଗୁଡିକରେ ବିଭିନ୍ନ ଭେରାଇଟିର ରଙ୍ଗ, ପିଚକାରୀ, ଟୋପି, ଚଷମା ଉପଲବ୍ଧ ହେଉଛି । ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପ୍ରାୟ ସବୁ ରଙ୍ଗ ସାମଗ୍ରୀର ଦର ଆଶାତୀତ ଭାବେ ବୃଦ୍ଧି ପାଇଥିଲେ ସୁଦ୍ଧା ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରେ ବେପାର ଠିକଠାକ୍ ଚାଲିଥିବା ଦେଖିବାକୁ ମିଳିଛି । ଆସିକା ସହରର କେନ୍ଦ୍ର ସ୍ଥଳରେ ବିନାୟକ ବଜାର ଆନ୍ନା ସିଜନ୍ ଷ୍ଟୋରର ମାଲିକ ଡି.ନାଗଭୂଷଣ ପାତ୍ର ପ୍ରକାଶ କରି କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ରଙ୍ଗର ପର୍ବ ହୋଲି ପାଇଁ ବ୍ୟବସାୟ ଜୋର ଧରିନି ତେବେ ଆଗାମୀ ଦିନରେ ନିଶ୍ଚିତ ଭାବେ ଭଲ ବ୍ୟାବସାୟ ହେବା ସମ୍ଭାବନା ରହିଛି । ଆସିକା ସହରର ବିଭିନ୍ନ ଅଞ୍ଚଳରେ ରଙ୍ଗର ପର୍ବ ହୋଲି ପାଇଁ ଖୋଲିଥିବା ବ୍ୟବସାୟ ଦୋକାନ ଗୁଡିକରେ ଗ୍ରାହକଙ୍କ ସଂଖ୍ୟା ଜମୁଥିବା ବେଳେ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଆହୁରି ଅନେକ ରଙ୍ଗ ଦୋକାନ ଖୋଲିବାର ସମ୍ଭାବନା ରହିଛି। ଛୋଟ ଛୋଟ ପିଲାଙ୍କ ହୋଲି ପାଇଁ ଆବଶ୍ୟକ ପଡୁଥିବା ପିଚକାରୀ ଓ ଅନ୍ୟାନ୍ୟ ସାମଗ୍ରୀ ଗୁଡିକର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଆଉ ଦିନ କେଇଟା ପରେ ଆସୁଛି ରଙ୍ଗର ପର୍ବ ହୋଲି । ଅବିର ଠାରୁ ଆରମ୍ଭ କରି ମୁଖା, ପିଚ୍‌କାରୀ ଭଳି ବିଭିନ୍ନ ହୋଲି ସାମଗ୍ରୀକୁ ସଜେଇ ସାରିଲେଣି ଦୋକାନୀ । ହୋଲି ଆନନ୍ଦ ଓ ଉତ୍ସବର ପର୍ବ ହୋଇଥିବାରୁ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଏହି ଦିନରେ ରଙ୍ଗ ଖେଳି ଡିଜେ ବଜାଇବା ସହ ପରସ୍ପରକୁ ହୋଲିର ଶୁଭେଚ୍ଛା ଜଣାଇବେ। ଯଦିଓ ସାଧାରଣତଃ ରଙ୍ଗକୁ ଦୃଷ୍ଟିରେ ରଖି ବହୁ ବ୍ୟକ୍ତି ହୋଲିରେ ପୁରୁଣା ପୋଷାକ ପରିଧାନ କରନ୍ତି ତେବେ କିଛି ଯୁବପିଢୀଙ୍କ କ୍ଷେତ୍ରରେ ପରିବର୍ତ୍ତନ ଆସିଛି । ଅନେକ ଯୁବପିଢୀ ହୋଲି ପାଳନ ବେଳେ ହାପି ହୋଲି ଓ ହୋଲି ଶୁଭେଚ୍ଛା ଭଳି ବାର୍ତ୍ତା ଲେଖି ଆକର୍ଷଣୀୟ ଟି ସାର୍ଟ ପରିଧାନ କରୁଥିବା ଦେଖିବାକୁ ମିଳୁଛି । ଅପର ପକ୍ଷରେ ଗୁରବାର ପବିତ୍ର ଫଗୁଦଶମୀ ତିଥି ଠାରୁ ଆସିକା ତଥା ଏହାର ଆଖପାଖ ଅଞ୍ଚଳରେ ଦୋଳଯାତ୍ରା ଆରମ୍ଭ ହୋଇଯାଇଛି । ଦୋଳରେ ଦୋଳଗୋବିନ୍ଦ, ଚାପରେ ମଧୁସୂଦନ, ରଥରେ ବାମନରୂପୀ ଭଗବାନଙ୍କୁ ଦର୍ଶନ କଲେ ସାଂସାରିକ ମୋହମାୟା କବଳରୁ ମୁକ୍ତି ମିଳିଥାଏ ବୋଲି ଲୋକପ୍ରଥା ପ୍ରଚଳିତ ହୋଇଆସିଛି । ସଂସ୍କୃତି ସଂପନ୍ନ ଆସିକା ସହରର ଖମ୍ବେଶ୍ୱରୀପାଟଣା, ଚିନିଶିଳ୍ପ ନୁଆଗାଁ, ବାବନପୁର ତଥା ଏହାର ଆଖପାଖ ଅଞ୍ଚଳରେ ଦୋଳପୂର୍ଣ୍ଣିମା ଓ ହୋଲିର ମାହୋଲ ଜମିବାରେ ଲାଗିଛି। ଏଥିପାଇଁ ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଲାଣି ଭଳିକି ଭଳି ରଙ୍ଗର ପସରା ଦୋକାନ ।

# ପଞ୍ଚମଶ୍ରେଣୀ ଦଳିତଛାତ୍ରର ମୃତ୍ୟୁ ପାଇଁ କୋଟିଏ ଟଙ୍କା ଆର୍ଥିକ କ୍ଷତିପୂରଣ ଦାବି କଲା କଂଗ୍ରେସ




**ନୟାଗଡ଼,୨୬।୨/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବେଲପଡାପାଟଣା ନୋଡାଲ ୟୁପି ସ୍କୁଲ ପଞ୍ଚମ ଶ୍ରେଣୀ ଛାତ୍ର ଭୋଳାନାଥ ମଲ୍ଲିକକୁ ଛୁଆଁଅଛୁଆଁ ଭେଦଭାବ ଆଧାରରେ ସ୍କୁଲ ପାଇଖାନା ବ୍ୟବହାର ପାଇଁ ଅନୁମତି ନଦେବା ଯୋଗୁଁ ସମ୍ପୃକ୍ତ ଛାତ୍ର ସ୍କୁଲ ପରିସର ବାହାରକୁ ଝାଡ଼ା ଫେରିବା ପାଇଁ ଯାଇ ଏକ ଚୁଆରେ ବୁଡ଼ି ମରିଯିବା ଘଟଣା ସମଗ୍ର ଗଣିଆ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କ ବିଶ୍ୱସନିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ ଆଜି ନୟାଗଡ଼ ଠାରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଘଟଣାକୁ ତିନି ସପ୍ତାହ ବିତି ଯାଇଥିଲେ ମଧ୍ୟ ଗଣିଆ ପୋଲିସ ମୃତକ ପରିବାରକୁ ନ୍ୟାୟ ଦେବାରେ ବିଫଳ ହୋଇଥିବା ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି। ଦାୟିତ୍ୱରେ ଗୁରୁତର ଅବହେଳା କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀ କେବଳ ନିଲମ୍ବନ କରିଥିବା ବେଳେ ସେମାନଙ୍କ ବିରୁଦ୍ଧରେ ଉଚିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପଛରେ ରାଜନୈତିକ ଯୋଗସୂତ୍ର ଥିବା କଂଗ୍ରେସ ଅଭିଯୋଗ କରିଛି। ଶ୍ରେଣୀ ଶିକ୍ଷୟିତ୍ରୀ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷଙ୍କ ପତ୍ନୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ କନ୍ଧମାଳ ସାଂସଦ ଲିଙ୍କ୍ ଥିବାରୁ ଗଣିଆ ଥାନା ଏବଂ ଖଣ୍ଡପଡା ଏସଡ଼ିପିଓ ଉଭୟଙ୍କୁ ଗିରଫ କରିବା ପାଇଁ ସାହସ ଜୁଟାଇପାରୁ ନାହାନ୍ତି ଏବଂ ଏହି ଉଭୟ ଶିକ୍ଷୟିତ୍ରୀ ରାଜନୀତି ଲିଙ୍କ୍‌ରେ ସେହି ବିଦ୍ୟାଳୟରେ ପ୍ରାୟ ୧୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ଜିଲ୍ଲା କଂଗ୍ରେସ ସଭାପତି ଅଭିଯୋଗ କରିଛନ୍ତି। ମୃତକ ଭୋଳା ତା ପିତାମାତାଙ୍କ ଏକମାତ୍ର ପୁତ୍ର ସନ୍ତାନ ହୋଇଥିବାରୁ ତା'ର ପିତାମାତାଙ୍କ ସାହାରା ପାଇଁ ଅନ୍ୟୁନ ଏକ କୋଟି ଟଙ୍କା ଆର୍ଥିକ ଅନୁଦାନ ଆମ ରାଜ୍ୟର ଆଦିବାସୀ ମୁଖ୍ୟମନ୍ତ୍ରୀ ପ୍ରଦାନ କରିବା ସହ ମୃତକର ଭଉଣୀଙ୍କୁ ସରକାରୀ ଚାକିରୀ ନିଯୁକ୍ତି ପାଇଁ କଂଗ୍ରେସ ପ୍ରତିନିଧି ଦଳ ଜିଲ୍ଲାପାଳ ମଧୁମିତା ରଥଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। ଆଗାମୀ ବିଧାନସଭା ଅଧିବେଶନରେ ଏ ସମ୍ପର୍କରେ କଂଗ୍ରେସ ଦଳ ତାରକା ପ୍ରଶ୍ନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି କୁହାଯାଇଛି। ଦଳର ପରବର୍ତ୍ତୀ କାର୍ଯ୍ୟପନ୍ଥା ପିସିସି ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ଦ୍ଧାରଣ କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାଶ କହିଛନ୍ତି। ଏହି ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ, ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ, ଡିସିସି ଉପସଭାପତି ତଥା ତଥ୍ୟ ଅନୁସନ୍ଧାନକାରୀ ଦଳ ଅଧ୍ୟକ୍ଷା ବିନୋଦିନୀ ମହାନ୍ତି, ଡିସିସି ଉପସଭାପତି ଫକୀର ଚରଣ ମଲ୍ଲ, ବିଭୁପ୍ରସାଦ ମିଶ୍ର, ଡିସିସି ସାଧାରଣ ସମ୍ପାଦକ ଲଡୁକେଶ୍ୱର ଷଡ଼ଙ୍ଗୀ ଏବଂ ଗଣିଆ ବ୍ଲକ କଂଗ୍ରେସ ସଭାପତି ହାଲିମ ଖାଁ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରାଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ର ସଂସଦୀୟ କମିଟିର ୨ ଜଣିଆ ସଦସ୍ୟଙ୍କ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



**କୋଣାର୍କ,୨୬।୨/ଏନ୍ଏନ୍ଏସ୍:** ଗୁରୁବାର ଅପରାହ୍ନରେ କେନ୍ଦ୍ର ସରକାରଙ୍କ ଆସ୍ୟୁରାନ୍ସ ବିଭାଗ ସଂସଦୀୟ କମିଟିର ଦୁଇଜଣିଆ ପ୍ରତିନିଧି ମଣ୍ଡଳୀ ସଦସ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସୂଚନା ମୁତାବକ କେନ୍ଦ୍ର ସରକାରଙ୍କ ସରକାରୀ ଆଶ୍ୱାସନା ସଂସଦୀୟ କମିଟିର ଦୁଜଣିଆ ପ୍ରତିନିଧି ମଣ୍ଡଳୀ ଗୁରୁବାର ଭୁବନେଶ୍ୱରରୁ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପ୍ରଥମେ ପୂର୍ବରୁ ଉପସ୍ଥିତ ଥିବା ରାଜ୍ୟ ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାଶ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇ ସୂର୍ଯ୍ୟମନ୍ଦିର ପରିସରକୁ ପାଛୋଟି ନେଇଥିଲେ। ସେଠାରେ ସରକାରୀ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ଗାଇଡ ଆଭାସ ଚନ୍ଦ୍ର ମହାନ୍ତି କେନ୍ଦ୍ର ସରକାରଙ୍କ ସରକାରୀ ଆଶ୍ୱାସନା କମିଟିର ପ୍ରତିନିଧି ମଣ୍ଡଳୀଙ୍କୁ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଂସ୍କୃତି ଓ କଳାକୃତି ବିଷୟରେ ଟିକିନିଖି ଭାବେ ବୁଝାଇ ବୁଲାଇ ଦେଖାଇଥିଲେ। ସୂର୍ଯ୍ୟମନ୍ଦିରର ଐତିହ୍ୟ ଓ କଳାକୃତି ଦେଖି ସେମାନେ ଖୁବ ଆନନ୍ଦିତ ହେବା ସହ ଓଡ଼ିଶାର ପ୍ରାଚୀନ କଳାକୃତି କୁ ନେଇ ଖୁବ ପ୍ରଶଂସା କରିଥିଲେ। ପରେ ପ୍ରତିନିଧି ମଣ୍ଡଳୀ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି କେନ୍ଦ୍ର ପରିସରରେ ସୂର୍ଯ୍ୟ ମନ୍ଦିର ସମ୍ପର୍କୀତ ପ୍ରାମାଣିକ ଚିତ୍ରକୁ ମଧ୍ୟ ବସି ଉପଭୋଗ କରିଥିଲେ। ସଂସଦୀୟ କମିଟି ଙ୍କ ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଗୋପ ବ୍ଲକ ବିଡିଓ ଦାୟିତ୍ୱରେ ଥିବା ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ଓଟିଡିସି ଜିଏମ ଧର୍ମେନ୍ଦ୍ର ମଲ୍ଲିକ, ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନି ପରିଡାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସଂସଦୀୟ କମିଟିର ଗସ୍ତକୁ ନଜରରେ ରଖି କୋଣାର୍କ ଥାନା ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ବ୍ୟବସାୟୀଙ୍କ ବିୟୋଗରେ ଶୋକ



**ଖଣ୍ଡପଡ଼ା,୨୬।୨/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମର ବରିଷ୍ଠ ବ୍ୟବସାୟୀ ପ୍ରଫୁଲ୍ଲ କୁମାର ସାହୁ (୭୯)ଙ୍କ ଗୁରୁବାର ଅପରାହ୍ନ ସମୟରେ ପରଲୋକ ହୋଇଯାଇଛି। ଦୀର୍ଘ ମାସ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ସାହୁଙ୍କ ମରଶରୀରକୁ ବାସଭବନ ପରିସରରୁ ଏକ ଶୋଭାଯାତ୍ରାରେ ନିକଟସ୍ଥ ସନ୍ଥ ନିରଙ୍କରୀ ମିଶନ ପରିସରକୁ ନିଆଯାଇଥିଲା ବେଳେ ସେଠାରେ ପୁଷ୍ପମାଲ୍ୟ ଅର୍ପଣ କରି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସାକ୍ଷୀଗୋପାଳ,୨୬।୨/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକର ବିଜେଡି ଦଳର ସଭାପତି ଭାବେ ପ୍ରମୋଦ ରାଉତରାୟ ପୁନର୍ବାର ବ୍ଲକ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କ ଉପରେ ଦଳର ସୁପ୍ରିମୋ ଓ ଜିଲ୍ଲା ସଭାପତିଙ୍କ ଆସ୍ଥା ରହିଛି। ଏହି ଅବସରରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡାଙ୍କ ସହିତ ସୁକଳ ସମିତି ସଭ୍ୟ ବସନ୍ତ କୁମାର ବିଶ୍ୱାଳ ଅଳସା ପଞ୍ଚାୟତ ସରପଞ୍ଚ ଦେବୀ ପ୍ରସାଦ ଘଟୁଆରୀ, ନରେନ୍ଦ୍ରପୁର ସମିତି ସଭ୍ୟା ଝରଣା ମଲ୍ଲିକ, ଦାସ ବିଦ୍ୟାଧର ସମିତି ସଭ୍ୟା ଶକୁନ୍ତଳା ପ୍ରଧାନ, ପେଣ୍ଠପଡା ସମିତି ସଭ୍ୟ ସୁମନ୍ତ ଘଟୁଆରୀ, ଦୁଗଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରକାଶ ଖଟେଇ, ନରେନ୍ଦ୍ରପୁର ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ କୁମାର ମହାପାତ୍ର, ସୁବାସ ପ୍ରଧାନ ପ୍ରମୁଖ ବିଜେଡ଼ି କର୍ମୀ ମାନେ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ବିଜେଡି ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ବିଜେଡି ଦଳର ପୁରୀ ଜିଲ୍ଲାର ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ସଞ୍ଜୟ ଦାସବର୍ମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଦିବ୍ୟଜୀବନ ସଂଘ ପକ୍ଷରୁ ଭାଗବତ ସପ୍ତାହ

**ଚୌଦ୍ୱାର,୨୬।୨/ଏନ୍ଏନ୍ଏସ୍:** ଚୌଦ୍ୱାର କପାଳେଶ୍ୱର ସ୍ଥିତ ଦିବ୍ୟ ଜୀବନ ସଂଘ ପକ୍ଷରୁ ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମ ପରିସରରେ ଭାଗବତ ସପ୍ତାହର ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ଭାଗବତ ପ୍ରକାଶାନନ୍ଦ ସରସ୍ୱତୀ ଓ ପାଲା ଗାୟକ ସିଦ୍ଧେଶ୍ୱର ନାୟକ ବକ୍ତା ଭାବେ ଯୋଗ ଦେଇ ଭାଗବତରେ ଆତ୍ମତତ୍ତ୍ୱ, ନାମ ମାହାତ୍ମ୍ୟ ଓ ଯୁଗ ପରିବର୍ତ୍ତନ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ଓ ପ୍ରକାଶ ବଡ଼ ଜେନା ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ସଭାପତି ଅଦ୍ୱୈତ କୁମାର ବଳ ସଭା ପରିଚାଳନା କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ଅଚ୍ୟୁତାନନ୍ଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### କଣ୍ଟାପଡ଼ା ବ୍ଲକ୍ ଜନପ୍ରତିନିଧିଙ୍କ ଧାରଣା ୧୦ମଦିନରେ

## ଆନ୍ଦୋଳନକୁ ଜୋର୍‌ଦାର୍ କରିବାକୁ ନିଷ୍ପତ୍ତି, ରାଜ୍ୟ ନେତୃବୃନ୍ଦ ସାମିଲ୍

**କଣ୍ଟାପଡ଼ା,୨୬।୨/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକରେ ଜନପ୍ରତିନିଧିଙ୍କ ଅହୋରାତ୍ର ଧାରଣା ଆଜି ୧୦ମ ଦିନରେ ପହଞ୍ଚିଛି। ୧୦ ଦିନ ଧରି ବ୍ଲକ ସମ୍ମୁଖରେ ଅହୋରାତ୍ର ଧାରଣା ଦେଉଥିବା ସତ୍ତ୍ୱେ କୌଣସି ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ଆନ୍ଦୋଳନରତ ଜନ ପ୍ରତିନିଧିଙ୍କ ନିକଟରେ ନ ପହଞ୍ଚିବା, ସେମାନଙ୍କ ସହିତ କୌଣସି ଆଲୋଚନା କରି ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରାଯିବା ନିମିତ୍ତ ପ୍ରୟାସ ନ କରିବା ପ୍ରତିବାଦରେ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯାହାକୁ ନେଇ ଆନ୍ଦୋଳନରତ ଜନ ପ୍ରତିନିଧିମାନେ ସେମାନଙ୍କର ରଣନୀତିକୁ ଭିନ୍ନ ଢଙ୍ଗରେ କରିବା ନିମିତ୍ତ ଆପାତତଃ ନିଷ୍ପତି ନେଇଥିବା ଜଣାଯାଇଛି। ଆଜିଠାରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରୁ ଶତାଧିକ ଲୋକ ସ୍ୱତଃପ୍ରବୃତ୍ତ ଭାବରେ ସାମିଲ ହେଉଥିବା ଜାଣିବାକୁ ମିଳୁଛି। ଏହି କ୍ରମରେ ଗତକାଲି ବିଜେଡି ରାଜ୍ୟ ପ୍ରବକ୍ତା ଲେନିନ ମହାନ୍ତିଙ୍କ ନେତୃତ୍ୱରେ ବିଜେଡି ରାଜ୍ୟ କମିଟିର ପ୍ରତିନିଧି ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ଆଲୋଚନା କରି ଫେରିଛନ୍ତି। ସ୍ଥାନୀୟ ବହୁ ସଂଖ୍ୟାରେ ଯୁବନେତୃତ୍ୱ ମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହେଉଥିବା ଦେଖିବାକୁ ମିଳିଛି। କଣ୍ଟାପଡ଼ା ବ୍ଲକ ବିଜେଡି ସଭାପତି କୌଳାସମହାରଣା,କାର୍ଯ୍ୟକାରୀ ସଭାପତି ଯୁବ ସଂଗଠକ ସୁବ୍ରତ କୁମାର ପାତ୍ର, ବରିଷ୍ଠ ନେତା ପ୍ରାକ୍ତନ କଣ୍ଟାପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କାନୁନଗୋ, ଯୁବନେତା ପ୍ରଶାନ୍ତ କୁମାର ପ୍ରଧାନ, କଟକ ଜିଲ୍ଲା ବିଜେଡି ଯୁବ ସଂପାଦକ ଧରଣୀଧର ସ୍ୱାଇଁ ପ୍ରମୁଖ ବହୁ ସଂଖ୍ୟାରେ ଯୁବବର୍ଗ ସାମିଲ ହୋଇଥିଲେ। ଆଗକୁ ଆନ୍ଦୋଳନ ନିର୍ଣ୍ଣାୟକ ମୋଡ଼ ନେବାକୁ ଯାଉଥିବା ଜଣାପଡ଼ିଛି। ପ୍ରଶାସନକୁ ଏହାର ଉତ୍ତରଦେବାକୁ ବାଧ୍ୟ କରାଯିବ ବୋଲି ବ୍ଲକ ଅଧ୍ୟକ୍ଷା ଜୀନା ଭୋଇ, ୮ନମ୍ବର ଜିଲ୍ଲାପରିଷଦ ସଭ୍ୟ ପିୟୁଷ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ପ୍ରଧାନଶିକ୍ଷକଙ୍କ ନିଲମ୍ବନ ଘଟଣାରେ ଆସୁନାହାନ୍ତି ଛାତ୍ରଛାତ୍ରୀ

## ବିଦ୍ୟାଳୟରେ ବସି ବସି ଫେରୁଛନ୍ତି ଶିକ୍ଷକ

**ମାହାଙ୍ଗା,୨୬।୨/ଏନ୍ଏନ୍ଏସ୍:** ମାହାଙ୍ଗା ଯଶୁଆପୁର ସ୍ଥିତ ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦେହୁରୀଙ୍କୁ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ସରକାର ମଧ୍ୟାହ୍ନଭୋଜନ

**୬ ଦିନ ଧରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ବନ୍ଦ**



ବ୍ୟତିକ୍ରମକୁ ଆଳ କରି ନିଲମ୍ବନ କରିବା ଓ ଘଟଣାର ୬ ଦିନ ପରେ ବି ବିଦ୍ୟାଳୟରେ ପାଠ ପଢା ନ ହେବା ଏବଂ ବିଦ୍ୟାର୍ଥି ମାନେ ବିଦ୍ୟାଳୟକୁ ନ ଆସିବା ଘଟଣା ସମଗ୍ର ମାହାଙ୍ଗାରେ ଆଲୋଚନାର ବିଷୟ ହୋଇଥିବା ବେଳେ ମାହାଙ୍ଗା ଶିକ୍ଷା ବିଭାଗ ଏହି ସମସ୍ୟା ସମାଧାନ ନ କରିବା ଯୋଗୁ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଗତି କରୁଛି। ବିଦ୍ୟାର୍ଥିଙ୍କ ଅତି ପ୍ରିୟ ସାର ଉମେଶ ଦେହୁରୀ ବିଦ୍ୟାଳୟକୁ ଆସି ପାଠ ନ ପଢାଇବା ପର୍ଯ୍ୟନ୍ତ ସ୍କୁଲ ଓ ବାର୍ଷିକ ପରୀକ୍ଷା ବର୍ଜନ କରିବେ ବୋଲି ଛାତ୍ରଛାତ୍ରୀ ମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏପରି ସ୍ଥଳେ ଏହି ବିଦ୍ୟାଳୟରେ ଯୋଗ ଦେଇଥିବା ନୂତନ ଶିକ୍ଷକ ବିଦ୍ୟାଳୟକୁ ଆସି ବସି ବସି ଘରକୁ ଫେରୁଥିବା ବେଳେ ମାହାଙ୍ଗା ବିଇଓ ମୋନାଲିସା ସରକାର ଏଭଳି ଘଟଣାକୁ ଅତି ହାଲୁକା ସହ ନେଇ ଏହାର ସ୍ଥାୟୀ ସମାଧାନ ନ କରିବା ଏବଂ ନିଜ ଜିଦରେ ଅଟଳ ରହିବା ଘଟଣା ପିଲାଙ୍କ ଭବିଷ୍ୟତ ସହ ଶିକ୍ଷା ବିଭାଗ ଖେଳ ଖେଳୁଥିବା ଅଭିଯୋଗ ହୋଇଛି। ଏଥିନେଇ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କିମଟି ସଭ୍ୟ ସଭ୍ୟା ଶିକ୍ଷାମନ୍ତ୍ରୀ, ଜିଲ୍ଲାପାଳ ,ବିଡିଓ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏହି ସମସ୍ୟାର ସମାଧାନ ନିମନ୍ତେ ପତ୍ର ଲେଖି ଅଭିଯୋଗ କରିଛନ୍ତି। କଣ ପାଇଁ ଓ କେଉଁ ଉଦ୍ଦେଶ୍ୟରେ ବିଇଓ ଏକ ସାଧାରଣ ଘଟଣାକୁ ବଡ ରୂପ ଦେଇ ପିଲାଙ୍କ ଭବିଷ୍ୟତକୁ ନଷ୍ଟ ଆଡକୁ ଠେଲି ଦେଉଛନ୍ତି ଏହାର ଏକ ନିରପେକ୍ଷ ତଦନ୍ତ କରି ସଠିକ୍ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହୋଇଛି। ଦୀର୍ଘ ୬ ଦିନ ଧରି ଏହି ବିଦ୍ୟାଳୟରେ ପାଠପଢା ବନ୍ଦ ହେବା ଓ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଆସୁ ନଥିଲେ ମଧ୍ୟ ଶିକ୍ଷାବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏହାକୁ ଦୃଷ୍ଟି ନ ଦେବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯାଇଛି।

## ସୁଦଶା ବ୍ରତରେ ଲକ୍ଷ୍ମୀମନ୍ଦିରରେ ଭିଡ଼



**କୋଣାର୍କ,୨୬।୨/ଏନ୍ଏନ୍ଏସ୍:** ଗୁରୁବାର ଶୁକ୍ଳପକ୍ଷ ଦଶମୀ ତିଥିରେ ଆଜି ଶତାଧିକ ବିବାହିତ ମହିଳାମାନେ ସୁଦଶା ବ୍ରତ ଓଷା ପାଇଁ କୋଣାର୍କ ରାଜରାମ ଜଗନ୍ନାଥ ମନ୍ଦିରରେ ନିଜ ପରିବାରର ସୁଖ ସଂବୃଦ୍ଧି ବୃଦ୍ଧି ପାଇଁ ମା' ଲକ୍ଷ୍ମୀଙ୍କ ପୂଜାଅର୍ଚ୍ଚନା କରିଛନ୍ତି। ଆଜି ପ୍ରତ୍ୟୁଷରୁ ବିବାହିତା ମହିଳାମାନେ ସ୍ନାନ ପରେ ନୂତନବସ୍ତ୍ର ପରିଧାନ କରି ଦଶଖିଆ ଧଳା ସୁତାରେ ଦଶହାତ ସୁତାରେ ମା' ଲକ୍ଷ୍ମୀଙ୍କ ଦଶଟି ନାମରେ ଦଶଟି ଗଣ୍ଠି ପକାଯାଇ ସୁଦଶା ବ୍ରତ ତିଆରି କରି କୋଣାର୍କ ଜଗନ୍ନାଥ ମନ୍ଦିରରେ ମା' ଲକ୍ଷ୍ମୀଙ୍କ ନିକଟରେ ପୂଜା କରି ବିବାହିତା ମହିଳା ମାନେ ବାଇଶି ପାହାଚରେ ବସି ନିଜ ହାତରେ ଧାରଣକରି ଏହି ବ୍ରତ ଓଷାକୁ ପାଳନ କରିଥିଲେ। କୋଣାର୍କ ଜଗନ୍ନାଥ ମନ୍ଦିର, ରାମମନ୍ଦିର, ଅର୍କେଶ୍ୱର ମନ୍ଦିର, ତ୍ରିବେନିଶ୍ୱର ମନ୍ଦିର, ମଙ୍ଗୁଳେଶ୍ୱର ସମେତ ବିଭିନ୍ନ ମନ୍ଦିରରେ ସୁଦଶା ବ୍ରତ ପାଇଁ ମହିଳାଙ୍କ ଗହଳି ଲାଗି ରହିଥିଲା।

## ବୋଲଗଡ଼ ରତ୍ନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ବୋଲଗଡ଼,୨୬।୨/ଏନ୍ଏନ୍ଏସ୍:** ବୋଲଗଡ଼ ରତ୍ନ କୃଷ୍ଣ ମୋହନ ପାଲଟାସିଂହଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ନିଜ ବାସ ଭବନ ନିକଟସ୍ଥ ପାଲଟାସିଂହ ମୈଦାନରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି।ଆୟୋଜିତ ଉତ୍ସବରେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅକ୍ଷୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇ ସ୍ୱର୍ଗତ କୃଷ୍ଣ ମୋହନଙ୍କ ବହୁ ଗୁଣ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ।ସେ ଏକାଧାରରେ ସଙ୍ଗୀତଜ୍ଞ, ନାଟ୍ୟକାର, ପ୍ରାକ୍ତନ କମ୍ୟୁନିଷ୍ଟ ଓ ଭାଗଚାଷୀ ନେତା, କଳାକାର, ରାଜନୈତିକ, ପୂର୍ବତନ ସରପଞ୍ଚ ଓ ସର୍ବୋପରି ବୋଲଗଡ଼ ମହୋତ୍ସବର କାର୍ଯ୍ୟକାରୀ ସଭାପତି ଥିଲେ। ପରେ କଂଗ୍ରେସରେ ଯୋଗଦେଇ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଏକାନ୍ତ ଅନୁଗତ ହୋଇ ପାରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ରବିନ୍ଦ୍ର ପରିଡା ଯୋଗ ଦେଇ ସ୍ୱଗତ ରତ୍ନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଫୁଲ୍ଲ ସୁବୁଦ୍ଧି, ପ୍ରାଧ୍ୟାପକ ସୁନୀଲ କୁମାର, ପ୍ରାଧ୍ୟାପକ ଭବାନୀ ଶଙ୍କର ପଟ୍ଟନାୟକ, ମହୋତ୍ସବ ସାଧାରଣ ସମ୍ପାଦକ ବୀର ଦାସ,ବିଜେପି ନେତା ପ୍ରକାଶ ରଣ ବିଜୁଳି, ବାସୁଦେବ ସାହୁ, ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ, ଗୋପୀନାଥ ଖାଡଙ୍ଗା, ପ୍ରଫୁଲ୍ଲ ମହାପାତ୍ର, ରଘୁନାଥ ଦଳବେହେରା, ଦିବାକର ପରମଗୁରୁ, ରାଧାଶ୍ୟାମ ରାୟ ଗୁରୁ, ଶାରଙ୍ଗ ମାର୍ଥା, ରଘୁନାଥ ସାହୁ, ବାନାମ୍ବର ମାଝୀ, ନକୁଳ ରାଉତରାୟ, ଅଖିଳେଶ ମହାପାତ୍ର, ହରିବନ୍ଧୁ ସାହୁ, ପ୍ରସନ୍ନ ଶ୍ରୀଚନ୍ଦନ, ଶୁଭେନ୍ଦ୍ର କୁମାର ସାହୁ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ସୁଶ୍ରୀ ଗୌରୀ ଦେବୀ, ଅଭୟ ପଟ୍ଟନାୟକ, ବୈକୁଣ୍ଠ ମହାରଣା ଓ ମନ ମୋହନ କହଲସିଂହ ପ୍ରମୁଖ ଯୋଗଦେଇ ଥିଲେ। ପ୍ରାରମ୍ଭରେ ଅତିଥି ମାନେ ସ୍ୱର୍ଗତଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଉତ୍ସବକୁ ଆଇନଜୀବୀ ତଥା ଭାଷ୍ୟକାର ଚନ୍ଦ୍ରବିଜୟୀ ମିଶ୍ର ସଂଯୋଜନା କରିଥିଲେ। ଅତିଥି ମାନେ ବୋଲଗଡ଼ ରତ୍ନ ସ୍ୱର୍ଗତ ପାଲଟାସିଂହଙ୍କ ଉଦ୍ଦେଶ୍ୟରେ 'ସ୍ମୃତିରେ କୃଷ୍ଣମୋହନ' ନାମକ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ଶେଷରେ ଜ୍ୟେଷ୍ଠ ପୁତ୍ର ଅଧାପକ ବ୍ରଜେନ୍ଦ୍ର ପାଲଟାସିଂହ ଓ କନିଷ୍ଠ ପୁତ୍ର ଆଇନଜୀବୀ ରାଜେନ୍ଦ୍ର ପାଲଟାସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଧାକାନ୍ତଜିଉ ମହୋତ୍ସବ ଉଦ୍‌ଯାପିତ




**ସାଲେପୁର,୨୬।୨/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ପାଟପୁର ସ୍ଥିତ ଶ୍ରୀ ଶ୍ରୀ ରାଧାକାନ୍ତଜିଉ ମନ୍ଦିର ପରିସରରେ ତିନିଦିନ ବ୍ୟାପୀ ଅନୁଷ୍ଠିତ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜିଉ ମହୋତ୍ସବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ବିଶିଷ୍ଟ ସାହିତ୍ୟକ ଡ. ପୂର୍ଣ୍ଣଚନ୍ଦ୍ର ଓଝା ଓ ସମାଜସେବୀ ଅବତନ ଷଡଙ୍ଗୀ ଅତିଥିଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଏହି ମହୋତ୍ସବ କଳା, ସଂସ୍କୃତି ଓ ସାହିତ୍ୟକୁ ଉଦ୍ଜୀବିତ କରିବା ସହିତ ଏହି ଅଞ୍ଚଳର ଶହ ଶହ ଜନସାଧାରଣଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି ବୋଲି ପ୍ରକାଶ କରିଥିଲେ। ବୁଧବାର ସନ୍ଧ୍ୟାରେ ତ୍ରିଦିବସୀୟ ବିଷ୍ଣୁ ମହାଯଜ୍ଞର ପୂଜାର୍ଚ୍ଚନା ଯଥା ରୀତିନୀତିରେ ସମ୍ପନ୍ନ ହୋଇଥିଲା।ପୂର୍ଣ୍ଣ ଆହୁତି ସମୟରେ ଶହ ଶହ ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ, ଜୟ ରାଧାକାନ୍ତକାର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ପରିବେଶ।ରାଧାକାନ୍ତଜୀଉ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱରର ମେଲୋଡି ଅନୁଷ୍ଠାନ ସୁରତାଲ କ୍ରିଏଟିଭର କଳାକାରଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ଏହା ସହିତ ରାଜ୍ୟର ବହୁ ସୁନାମଧନ୍ୟ କଳାକାର, କଣ୍ଠଶିଳ୍ପୀମାନଙ୍କ ସହ ବିଶିଷ୍ଟ ସଙ୍ଗୀତଜ୍ଞ ମନ୍ମଥ ମିଶ୍ରଙ୍କ ସୁମଧୁର ଭଜନ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଓ ସାଲେପୁରର ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଦିଲ୍ଲୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ବିଶ୍ୱରଂଜନ ସାହୁ, ଜୟନ୍ତ ଦାଶ, ଶରତ ପ୍ରଧାନ, ହିମାଂଶୁ ଦାଶ, ବିଜୟ ଦାଶ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଦାଶ, ଜଗମୋହନ ଦାଶ, ହେମନ୍ତ କୁମାର ନନ୍ଦ, ବଜ୍ରବାହନ ପ୍ରଧାନ, ଗୋପବନ୍ଧୁ ମହାନ୍ତି, ସଞ୍ଜିତ୍ କୁମାର ଦାଶ, ଦୁର୍ଯ୍ୟୋଧନ ବେହେରା, ଅଲୋକ ସାମଲ ପ୍ରମୁଖଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବୟାଳିଶମୌଜା,୨୬।୨/ଏନ୍ଏନ୍ଏସ୍:** କଟକ ସଦର ୪୨ମୌଜା କଳପଡା ପଞ୍ଚାୟତ ଅନ୍ତର୍ଗତ ରାଉତରାପୁର ଗ୍ରାମର ମଠପଡିଆ ଠାରେ ରାଉତରାପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାରିଦିନ ଧରି କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ମନୋଜ୍ କୁମାର ନାୟକ। ସେ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଟିମ୍ କୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ୮ଗୋଟି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ନେତାଜୀ ସ୍ପୋର୍ଟି କ୍ଲବ ବମ୍ଫୁରୀକୁ ହରାଇ ଫକୀରପଡା କ୍ଲବ୍ ବିଜେତା ହୋଇଥିଲା। ବିଜେତା ଟିମକୁ ୧୦ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଟିମ୍‌କୁ ୮ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏଥିରେ ପ୍ରକାଶ ମାଝୀ, ଅଲେଖ ଭୋଇ, ଜୟନ୍ତ ମାଝୀ, ପାର୍ଥସାରଥି ଜେନା, ସମୀର ମାଝୀ, ତାରିଣୀ ପ୍ରସାଦ ମହାପାତ୍ର, ଜଗା ସେଠି, ସରାଫତ୍ ଅଲି ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ବିଡ଼ାନାସୀ ଫାଇନାଲ୍‌ରେ



**ଖଣ୍ଡପଡ଼ା,୨୬।୨/ଏନ୍ଏନ୍ଏସ୍:** ଖଣ୍ଡପଡା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ବିଡାନାସୀ ଫୁଟବଲ ଏକାଡେମୀ ୫-୩ ଟ୍ରାଇବ୍ରେକର ଗୋଲରେ ବାପୁଜୀ କ୍ଲବ୍ କଟକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ଜଣାଯାଇଛି। ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଦ୍ୱେ ସମାଦାର, ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ଯ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ରାଜୁ ମହାନ୍ତି ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ପ୍ରସନ୍ନ ନାୟକ ଓ ରମେଶ ପାଇକରାୟ। ଚତୁର୍ଥ ରେଫରୀ ଭାବେ କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ଦାୟୀତ୍ୱ ତୁଲାଇଥିଲେ। ଆସନ୍ତାକାଲି ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ପପୁଲାର କ୍ଲବ ଢେଙ୍କାନାଳ ଓ ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସ୍ପୋର୍ଟସ ଆସୋସିଏସନର ମୁଖ୍ୟ ତଥା ବରିଷ୍ଠ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କ ଠାରୁ ପ୍ରକାଶ।

**ନିତି ଭାରତୀ**

ନିରବତା ହେଉଛି ଈଶ୍ୱରଙ୍କ ଭାଷା, ଅନ୍ୟସବୁ ଦୁର୍ବଳ ଅନୁବାଦ। - ରୁମି

# ବନ୍ୟପ୍ରାଣୀ ସୁରକ୍ଷା ଆଇନ ଓ ଆହ୍ୱାନ



ପ୍ରଫୁଲ୍ଲ କୁମାର ସାହୁ

ପ୍ରାକୃତିକ ପରିସଂସ୍ଥାକୁ ପରିପୁଷ୍ଟ, ପ୍ରାଣବନ୍ତ ଓ ପ୍ରଭାବଶାଳୀ କରିବା ଦିଗରେ ବନ୍ୟପଶୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ବିଶ୍ୱଖାଦ୍ୟ ଓ ଜଳ ନିରାପତ୍ତା ଏବଂ ଜୈବ ବିବିଧତାର ପ୍ରାଚୁର୍ଯ୍ୟକୁ ଋଦ୍ଧିମନ୍ତ କରିବା ନିମନ୍ତେ ଏମାନଙ୍କର ଉପସ୍ଥିତି ଏକାନ୍ତ କାମ୍ୟ। ଅଥଚ ଅସହନୀୟ ବିକାଶର ମାର୍ଗ ଓ ନକାରାତ୍ମକ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ବନ୍ୟପ୍ରାଣୀଙ୍କ ଜୀବନ ଏବେ ବିପନ୍ନ। ବାସସ୍ଥଳୀ ସଙ୍କୁଚନ, ଖାଦ୍ୟ ପାନୀୟର ଅଭାବ, ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଓ ଅବୈଧ ପଶୁ ଶିକାର ଆଦି ନାନା ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନପାରି କିଛି ପ୍ରଜାତି ନିଶ୍ଚିହ୍ନ ହୋଇ ସାରିଥିବା ବେଳେ ଆଉ କିଛି ବିଲୁପ୍ତିର ଦ୍ୱାରଦେଶରେ।

ଜଙ୍ଗଲ ହେଉଛି ପ୍ରାକୃତିକ ସମ୍ପଦର ଗନ୍ତାଘର ଓ ବନ୍ୟପ୍ରାଣୀଙ୍କ ବାସସ୍ଥାନ। ବିଭିନ୍ନ କାରଣରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀକୁ ଅକ୍ତିଆର କରୁଛି ମଣିଷ। ଖଣି ଖନନ, ଶିଳ୍ପାୟନ ଓ ସହରୀକରଣର ଦ୍ରୁତ ବିକାଶ ଫଳରେ ସଙ୍କୁଚିତ ହେଉଛି ଜଙ୍ଗଲର ଆକାର। ତଥ୍ୟ ଅନୁସାରେ ବିଭିନ୍ନ କାରଣରୁ ପ୍ରତି ବର୍ଷ ବିଶ୍ୱରୁ ଲୋପ ପାଉଛି ହାରାହାରି ୧୨ ନିୟୁତ ହେକ୍ଟର ପରିମିତ ଜଙ୍ଗଲ। ଅରଣ୍ୟ ଧ୍ୱଂସ ପାଇଗଲେ ପାହାଡ଼ ମୁଣ୍ଡିଆରୁ ବୃକ୍ଷଲତାର ପରିମାଣ କମିଗଲେ ଉପତ୍ୟକା ଅଞ୍ଚଳ ଓ ତତ୍ ସଂଲଗ୍ନ ସମତଳ ଭୂମିରେ ଅସ୍ତିତ୍ୱ ହରାଏ ଜଳ ପ୍ରବାହର ସତ୍ତା। ଏହା ଫଳରେ ଖାଦ୍ୟ ଓ ଜଳ ସଙ୍କଟର ସମ୍ମୁଖୀନ ହୋଇ ବିଲୁପ୍ତ ହୋଇ ଯାଆନ୍ତି ସେଠାରେ ବସବାସ କରୁଥିବା ଭିନ୍ନ ଭିନ୍ନ ଜାତିର ପ୍ରାଣୀ। ପରିବେଶ ବିଜ୍ଞାନୀଙ୍କ ଆକଳନ ଅନୁଯାୟୀ, ଗଲା ଦଶ ବର୍ଷ ମଧ୍ୟରେ ପୃଥିବୀ ପୃଷ୍ଠରୁ ଲୋପ ପାଇ ସାରିଲେଣି ୭୩୨ ପ୍ରକାର ବନ୍ୟପଶୁ ଓ ପକ୍ଷୀ। 'ଦି ୱାର୍ଲ୍ଡୱାଇଡ୍ ଫଣ୍ଡ ଫର ନେଚର ଆଣ୍ଡ ଦ ଜୁଲୋଜିକାଲ ସୋସାଇଟି ଅଫ୍ ଲଣ୍ଡନ' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି, ଚାରି ଦଶନ୍ଧି ପୂର୍ବରୁ ପୃଥିବୀ ପୃଷ୍ଠରେ ଯେତେ ବଣୁଆ ଜୀବ ଥିଲେ, ଏବେ ତା'ର ସଂଖ୍ୟା ଅଧାରୁ ବି କମ୍।

ଜଗତକୁ ମଞ୍ଜୁଳ ଓ ମଧୁମୟ କରିବା ନିମନ୍ତେ ସକଳ ପ୍ରକାରର ଜୀବଜନ୍ତୁଙ୍କ ସହାବସ୍ଥାନ ପ୍ରକୃତିର ନିୟମ ଓ ନିର୍ଦ୍ଦେଶ। ତେଣୁ ସମସ୍ତଙ୍କ ସୁରକ୍ଷିତ ଜୀବନକୁ ସୁନିଶ୍ଚିତ କରିବା ନିମନ୍ତେ ପ୍ରକୃତି ଖଞ୍ଜିଛି ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା, ଯାହାଦ୍ୱାରା ସକଳ ଜୀବ ଜାତି ବଞ୍ଚିବେ ଆପଣା ଆପଣା ବାଗରେ। ପ୍ରକୃତିର ଏହି ନିୟମ ମାନି ପ୍ରତ୍ୟେକ ଜୀବଜନ୍ତୁ ଜୀବନଧାରଣ କରୁଥିବା ବେଳେ ବୁଦ୍ଧିମାନ ମଣିଷ ସେଥି ପ୍ରତି ଉଦାସୀନ। କେତେବେଳେ ଖାଦ୍ୟ ଲାଳସାର ବଶବର୍ତ୍ତୀ ହୋଇ ସେ ଜୀବହତ୍ୟା କରୁଛି ତ କେତେବେଳେ ବନ୍ୟପଶୁଙ୍କୁ ମାରି ସେମାନଙ୍କ ଚମଡ଼ା, କାତି ଓ ହାଡ଼ ଇତ୍ୟାଦି ସଂଗ୍ରହ କରୁଛି ବ୍ୟବସାୟ ଉଦ୍ଦେଶ୍ୟରେ। କିଛି ବନ୍ୟଜନ୍ତୁଙ୍କ ଅଙ୍ଗରୁ କୁଆଡ଼େ ଦୁରାରୋଗ୍ୟ ବ୍ୟାଧିର ପ୍ରଭାବଶାଳୀ ଔଷଧ ତିଆରି ହୋଇ ପାରୁଥିବାରୁ ଆନ୍ତର୍ଜାତିକ ବଜାରରେ ବଢ଼ି ଚାଲିଛି ସେମାନଙ୍କ ଅଙ୍ଗର ବୈପଣିକ ଚାହିଦା। ଏହି ବାଣିଜ୍ୟିକ ଦୃଶ୍ୟପଟରେ ଗୋଟିଏ ଭାରତୀୟ ବଜ୍ରକାପ୍ତାର ମୂଲ୍ୟ ଏବେ ୧୦ ଲକ୍ଷ ଟଙ୍କାରୁ ଅଧିକ। ଗୋଟିଏ ମୃତ ମହାବଳ ବାଘର ମୂଲ୍ୟ ୪୦ ଲକ୍ଷ ଟଙ୍କା ହୋଇଥିବା ସ୍ଥଳେ କେବଳ ତା'ର ଗୋଟିଏ ଆଖିର ମୂଲ୍ୟ କୁଆଡ଼େ ପାଖାପାଖି ୨୦ ହଜାର ଟଙ୍କା। ତେଣୁ ଗଲା କେତେ ଦଶନ୍ଧି ପୂର୍ବରୁ ବନ୍ୟଜନ୍ତୁଙ୍କ ଚମଡ଼ା, ନଖ, ଦାନ୍ତ, ଆଖି ଓ ହାଡ଼ ଆଦି ଅଙ୍ଗକୁ ନେଇ ବିଶ୍ୱ ବଜାରରେ ବହୁ କୋଟି ଟଙ୍କାର ବ୍ୟବସାୟ ଚାଲିଛି, ଯାହାର ପରିଣାମ ସ୍ୱରୂପ ବିଲୁପ୍ତି ଆଶଙ୍କାରେ ଏବେ ଅନେକ ପ୍ରଜାତିର ଜୀବଜନ୍ତୁ।

ଜୀବନଧାରଣ ଉପଯୋଗୀ ପରିବେଶଟିଏ ତିଆରି କରିବାରେ ବନ୍ୟଜନ୍ତୁଙ୍କର ଅପାର ଅବଦାନକୁ ଦୃଷ୍ଟିରେ ରଖି ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସ୍ତରରେ ଅନୁଷ୍ଠିତ ହେଉଛି ସମ୍ମେଳନ। ପ୍ରକାଶ ପାଉଛି ଘୋଷଣାନାମା। ବିଲୁପ୍ତପ୍ରାୟ ଜାତିର ବନ୍ୟପ୍ରାଣୀ ଏବଂ ଉଦ୍ଭିଦର ସୁରକ୍ଷା ନିମନ୍ତେ ୧୯୭୩ରେ ଅନୁଷ୍ଠିତ ଆନ୍ତର୍ଜାତିକ ବାଣିଜ୍ୟ ସମ୍ମେଳନ (ସାଇଟସ୍) ଏବଂ ୧୯୯୨ରେ ଜୈବ ବିବିଧତା ସମ୍ମେଳନ (ସିବିଡି) ବ୍ୟତୀତ ଅନ୍ୟ କେତେକ ସମ୍ମେଳନରେ ଗୃହୀତ ଚୁକ୍ତିନାମା ଆଧାରରେ ବିଭିନ୍ନ ଦେଶରେ ତିଆରି ହୋଇଛି କଠୋର ଆଇନ। ଏଥି ସହିତ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟରତ ରହିଛି ବିଶ୍ୱ ବନ୍ୟଜୀବ ପାଣ୍ଠି (ଡବ୍ଲ୍ୟୁଡବ୍ଲ୍ୟୁଏଫ୍), ବନ୍ୟଜନ୍ତୁ ସଂରକ୍ଷଣ ସମାଜ (ଡବ୍ଲ୍ୟୁସିଏସ୍), ପ୍ରାଣୀ ଓ ଉଦ୍ଭିଦ ଅନ୍ତଃରାଷ୍ଟ୍ରୀୟ ସଂସ୍ଥା (ଏଫ୍ଏଫ୍ଆଇ) ଓ ସଂରକ୍ଷଣ ଅନ୍ତଃରାଷ୍ଟ୍ରୀୟ ସଂସ୍ଥା (ସିଆଇ) ଆଦି ଅନେକ ଆନ୍ତର୍ଜାତିକ ବେସରକାରୀ ଅନୁଷ୍ଠାନ। ଏହା ସତ୍ତ୍ୱେ ମାଂସ, ଚମଡ଼ା, ଦାନ୍ତ ଇତ୍ୟାଦି ପାଇଁ ମଣିଷ ପ୍ରତି ବର୍ଷ ହତ୍ୟା କରୁଛି ପ୍ରାୟ ଶହେ କୋଟିରୁ ଅଧିକ ପଶୁ। କେତେକ ସ୍ଥାନରେ ଜୀବନ୍ତ ପଶୁର ଚମଡ଼ା ଉତରା ଯାଉଛି ଅତି ନିର୍ଦ୍ଦୟ ଭାବରେ। ବିଜ୍ଞାନାଗାରରେ ଯନ୍ତ୍ରଣାଦାୟକ ପରୀକ୍ଷା ନିରୀକ୍ଷାରେ ନିୟୋଜିତ ହେଲା ପରେ ମୃତ୍ୟୁର ଶିକାର ହେଉଛନ୍ତି ଠେକୁଆ, ମାଙ୍କଡ଼ ଇତ୍ୟାଦି ନାନା ଜାତିର ପଶୁ।

ଭାରତୀୟ ଦଣ୍ଡବିଧି ଆଇନ- ୧୯୬୬ର ଧାରା ୪୨୮ ଓ ୪୨୯ ଏବଂ ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ (ସଂଶୋଧିତ ୨୦୨୨)ର ଧାରା ୯, ୩୮(ଜେ), ୩୯, ୪୦(୨) ଅନୁଯାୟୀ ବନ୍ୟପ୍ରାଣୀ ଧରିବା, ଆଘାତ ଦେବା, କିଣାବିକା କରିବା ଏକ ଦଣ୍ଡନୀୟ ଅପରାଧ। ଏଥିପାଇଁ ରହିଛି ଏକ ବର୍ଷରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଓ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା। ଏହା ସତ୍ତ୍ୱେ ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ କ୍ଷୟ ଆଦି ସମସ୍ୟାକୁ ବଳି ଗଲାଣି ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ। ପ୍ରାୟତଃ ପ୍ରତି ଦିନ ଗଣମାଧ୍ୟମରେ ପ୍ରକାଶ ପାଉଥିବା ବନ୍ୟପ୍ରାଣୀ ହତ୍ୟା ସମ୍ପର୍କିତ ବିମର୍ଷକର ସମ୍ବାଦ କଥା ଭାବିଲେ ଲାଗୁଛି ମଣିଷର ନିଷ୍ଠୁରତା ଓ ଲାଭଖୋର ମନୋବୃତ୍ତି ଆଗରେ କୌଣସି ଅର୍ଥ ବହନ କରୁନି ଭାରତୀୟ ଦଣ୍ଡବିଧି ଆଇନର ଭୟ କିମ୍ବା ଜୀବେ ଦୟା ଭାବ।



ଭାରତୀୟ ଜୈବ ମଣ୍ଡଳରେ ରହିଛନ୍ତି ୩୫୦ ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ, ୪୦୮ ପ୍ରକାର ସରୀସୃପ ଓ ୧୯୭ ପ୍ରକାର ଉଭୟଚର ପ୍ରାଣୀ। ସମ୍ପ୍ରତି ଅତି ଆହ୍ୱାନପୂର୍ଣ୍ଣ ହୋଇ ପଡ଼ିଛି ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ। କାରଣ ଭାରତୀୟ ଜଙ୍ଗଲ, ବିଶେଷକରି ଓଡ଼ିଶା ବନଖଣ୍ଡ ସମୂହରେ ବିପଜ୍ଜନକ ଭାବରେ ହ୍ରାସ ପାଉଛି ବନ୍ୟଜନ୍ତୁଙ୍କ ସଂଖ୍ୟା। କେବଳ ବନାଗ୍ନି ବିଭୀଷିକାରେ ପ୍ରତି ବର୍ଷ ଜଳିପୋଡ଼ି ଧ୍ୱଂସ ପାଉଛନ୍ତି ହଜାର ହଜାର ବନ୍ୟପ୍ରାଣୀ। ଚନ୍ଦକା ହେଉ କି ଶିମିଳିପାଳ ହେଉ, ସବୁଠି ଫେଲ୍ ମାରିଛି ବନ୍ୟପ୍ରାଣୀ ସୁରକ୍ଷା ଯୋଜନା। ବିକାଶ ଓ ପରିବେଶ ମଧ୍ୟରେ ସମନ୍ୱୟ ନ ରହିବା କାରଣରୁ ତା'ର ସିଧାସଳଖ ପ୍ରଭାବ ପଡୁଛି ଜଙ୍ଗଲ ଉପରେ। ତଥ୍ୟ ଅନୁସାରେ, ଓଡ଼ିଶାରେ ଦୈନିକ ସଫା ହେଉଛି ଏକ ଏକର ପରିମିତ ପ୍ରାକୃତିକ ଜଙ୍ଗଲ।

ଜଙ୍ଗଲ କ୍ଷୟ ଯୋଗୁଁ ରାଜ୍ୟରେ ସବୁଠାରୁ ବେଶି ପ୍ରଭାବିତ ହୋଇଛି ହାତୀ, ଯେଉଁ ବିଶାଳ ପ୍ରାଣୀକୁ ମିଳିଛି ଜାତୀୟ ଐତିହ୍ୟର ମାନ୍ୟତା। ବନ ବିଜ୍ଞାନ ଅନୁସାରେ, ହାତୀ ରହୁଥିବା ପ୍ରତ୍ୟେକ ଜଙ୍ଗଲରେ ରହିଛି ଏକ ନିର୍ଦ୍ଦିଷ୍ଟ ଗଜ ଧାରଣ କ୍ଷମତା। ଜଙ୍ଗଲର ସେହି କ୍ଷମତାକୁ କ୍ରମାଗତ ଭାବରେ ହ୍ରାସ କରୁଛି ତା'ର ସଙ୍କୁଚନ ଓ ତା' ଭିତରେ ମନୁଷ୍ୟର ମନଇଚ୍ଛା ଓ ବେପରୁଆ କାର୍ଯ୍ୟକଳାପ। ଜଙ୍ଗଲରେ ଡାଳପତ୍ର ଓ ଫଳମୂଳ ଖାଇ ଏବଂ ଝରଣାର ଜଳପାନ କରି ସ୍ୱଚ୍ଛନ୍ଦରେ ବିହାର କରୁଥିବା ହାତୀକୁ ଆଉ ମିଳୁନି ପ୍ରଚୁର ପରିମାଣର ଆହାର। ହାତୀର ପ୍ରିୟ ଖାଦ୍ୟ ହେଉଛି ଶାଳିଆ ବାଉଁଶ, ଧନତିରୀ ଘାସ, କିଆ, ବଣ କଦଳୀ, ଅର୍ଜୁନ ଓ ପଳାସ ଇତ୍ୟାଦି। ସେସବୁ ପ୍ରଚୁର ପରିମାଣରେ ନ ମିଳିବା କାରଣରୁ ସେ ଜଙ୍ଗଲ ଛାଡ଼ି ଧାଉଁଛି ଜନପଦଆଡ଼େ। ଚାଷ ଜମିରେ ପଶି ନଷ୍ଟ କରୁଛି ଫସଲ। ଏହି କାରଣରୁ ବଢୁଛି ହାତୀ ମଣିଷ ଲଢ଼େଇ। ହାତୀ ଉପଦ୍ରବରେ ଅତିଷ୍ଠ ହୋଇ କେଉଁଠି ତାକୁ ମାରିବା ପାଇଁ ବିଜୁଳି ତାର ସଂଯୋଗ କରାଯାଉଛି ତ କେଉଁଠି ପାଣିରେ ମିଶାଯାଉଛି ବିଷ। ତଥ୍ୟ ଅନୁସାରେ, ଗଲା ଦଶ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୮୬୨ଟି ହାତୀଙ୍କର ମୃତ୍ୟୁ ହୋଇଛି ଓ ସେଥି ମଧ୍ୟରୁ ଟ୍ରେନ୍ ଦୁର୍ଘଟଣାରେ ୩୧ଟି, ସଡ଼କ ଦୁର୍ଘଟଣାରେ ୬ଟି, ବିଦ୍ୟୁତ୍ ଆଘାତରେ ୧୩୫ଟି ଓ ବିଷକ୍ରିୟାରେ ୩୭ ଟି ହାତୀ ମରି ଥିବା ବେଳେ ୮୬ ଟି ହାତୀଙ୍କର ଜୀବନ ଯାଇଛି ଶିକାରୀଙ୍କ ଗୁଳିରେ। କେବଳ ହାତୀ ନୁହେଁ, ରାଜ୍ୟରେ ବାଘ, ସମ୍ବର, ଗୟଳ ଓ ଠେକୁଆ ଆଦି ବନ୍ୟପ୍ରାଣୀଙ୍କ ଜୀବନ ମଧ୍ୟ ଅସୁରକ୍ଷିତ। ୨୦୨୨ ବ୍ୟାଘ୍ର ଗଣନା ତଥ୍ୟ ଅନୁସାରେ ଗଲା ୧୬ ବର୍ଷ ମଧ୍ୟରେ ଓଡ଼ିଶାରୁ ବାଘ ସଂଖ୍ୟା ୩୬ ପ୍ରତିଶତ ହ୍ରାସ ପାଇଛି ଏବଂ ସମ୍ପୂର୍ଣ୍ଣ ବାଘଶୂନ୍ୟ ହୋଇ ପଡ଼ିଛି ସୁନାବେଡ଼ା ଓ ସାତକୋଶିଆ ଅଭୟାରଣ୍ୟ। ଯେଉଁ କୋରାପୁଟ ଚିତ୍ରକୋଣ୍ଡା ଅଞ୍ଚଳରେ ଲୋକେ ଦିନରେ ବି ବାଘ ଦେଖୁଥିଲେ, ସେ ଅଞ୍ଚଳ ମଧ୍ୟ ବାଘଶୂନ୍ୟ।

୧୯୭୬ ମସିହାରେ ୪୨ତମ ସଂଶୋଧନ ମାଧ୍ୟମରେ ସମ୍ବିଧାନର ଅଷ୍ଟମ ପରିଚ୍ଛେଦର ଧାରା ୨୫୬ ଅନୁସାରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଯୁଗ୍ମ ତାଲିକାଭୁକ୍ତ ହେଲା ଏବଂ ତା'ର ଦାୟିତ୍ୱ ରହିଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ। ସେହି ଅନୁଯାୟୀ କେନ୍ଦ୍ର ସରକାର ନୀତି ନିର୍ଦ୍ଧାରଣ କରୁଥିବା ବେଳେ ତାକୁ କାର୍ଯ୍ୟକାରୀ କରୁଛନ୍ତି ରାଜ୍ୟ ସରକାର। ମାତ୍ର ବନ୍ୟଜନ୍ତୁ ସୁରକ୍ଷା ପାଇଁ କେବଳ ଆଇନ କାନୁନ୍ ବା ସରକାରୀ ବ୍ୟବସ୍ଥା ଯଥେଷ୍ଟ ନୁହେଁ, ବରଂ ଏଥି ସହିତ ଆବଶ୍ୟକ ଜନ ସମ୍ପୃକ୍ତି ଓ ସହଭାଗିତା। ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ନ ଦେବା କାରଣରୁ ଶିକାର ଓ ଅନ୍ୟାନ୍ୟ ଅପରାଧକୁ ରୋକିବା କ୍ଷେତ୍ରରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ମିଳୁନାହିଁ କି ଠିକଣା ଢଙ୍ଗରେ କାର୍ଯ୍ୟକାରୀ ହୋଇ ପାରୁନି ବନ୍ୟପ୍ରାଣୀ ସୁରକ୍ଷା ଆଇନ। ଉଲ୍ଲେଖଯୋଗ୍ୟ ବିଷୟ ହେଉଛି, ବନ୍ୟଜନ୍ତୁ ଶିକାର କରିବା କ୍ଷେତ୍ରରେ ବନାଞ୍ଚଳରେ ବାସ କରୁଥିବା ନିରୀହ ଆଦିବାସୀଙ୍କ ସମ୍ପୃକ୍ତି ବେଶି। ଏମାନେ ପ୍ରାୟତଃ ଆଇନ କାନୁନ୍ ଓ ପରିବେଶ ସୁରକ୍ଷା ସମ୍ପର୍କରେ ଅଜ୍ଞ। ତେଣୁ ଏ ବିଷୟରେ ସରକାର ସେମାନଙ୍କୁ ପ୍ରଥମେ ସଚେତନ କରାଇବା ଉଚିତ୍। ସ୍ଥାନୀୟ ବାସିନ୍ଦା ସଚେତନ ହେଲେ ସେମାନଙ୍କ ସହଯୋଗରେ ଗଢ଼ାଯାଇ ପାରିବ ପରିସଂସ୍ଥା ଉନ୍ନୟନ ନିମନ୍ତେ ବିଭିନ୍ନ ସମିତି। ଜନ ଭାଗିଦାରୀକୁ ଅଧିକ ବ୍ୟାପକ କରିବା ନିମନ୍ତେ ଜନ୍ତୁ ଉପଦ୍ରବଜନିତ ଅନୁକମ୍ପା ରାଶି ପରିବର୍ତ୍ତେ ସରକାର କ୍ଷୟକ୍ଷତି ଭରଣା କରିବା ଦରକାର। କ୍ଷୟକ୍ଷତିର ଉପଯୁକ୍ତ ଭରଣା ନହେଲେ ଏ ଦିଗରେ ମିଳିବନି ଜନ ସମର୍ଥନ।

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ନିତିଦିନ

NITIDIN

ଶୁକ୍ରବାର, ୨୭ ଫେବୃଆରୀ ୨୦୨୬

## ଟ୍ରମ୍ପଙ୍କ ଭାଷଣରେ ଭାରତ

ଡୋନାଲ୍ଡ ଟ୍ରମ୍ପଙ୍କ ୨୦୨୬ର ଷ୍ଟେଟ୍ ଅଫ୍ ଦ ୟୁନିଅନ୍ (ସୋଟୁ) ଭାଷଣ ଭୂରାଜନୀତି, ବିଶ୍ୱ ବାଣିଜ୍ୟ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଆଦର୍ଶର ଆହ୍ୱାନମୂଳକ ପରିବର୍ତ୍ତନ ପ୍ରେକ୍ଷାପଟରେ ଆସିଛି। ଆମେରିକା ସ୍ୱାଧୀନତାର ୨୫୦ତମ ବାର୍ଷିକୀ ପାଳନ ହେବା ନିମନ୍ତେ ଆଉ ମାତ୍ର କିଛି ମାସ ବାକି ଥିବା ବେଳେ ଟ୍ରମ୍ପ ଆମେରିକୀୟ ପ୍ରାଥମିକତା ସମ୍ପର୍କରେ ତାଙ୍କ ଦୃଷ୍ଟିକୋଣ ବିଷୟରେ ଅବଶ୍ୟ ନିଜ ଭାଷଣରେ ଉଲ୍ଲେଖ କରିଛନ୍ତି, ଯାହାର ଅବଶିଷ୍ଟ ବିଶ୍ୱ ପାଇଁ ଗୁରୁତର ପରିଣାମ ଆସିବାର ସମ୍ଭାବନା ରହିଛି। ତାଙ୍କ ଭାଷଣରେ ସେ ରାଜନୀତିରେ ନିଜ କଞ୍ଜରଭେଟିଭ୍ ସମର୍ଥନ ଆଧାରକୁ ଦ୍ୱିଗୁଣିତ କରିବା ପାଇଁ ଅପ୍ରବାସନ, ଜୀବନ ବଞ୍ଚିବାର ମୂଲ୍ୟ, ଟାରିଫ୍ ସମେତ ବିଦେଶ ନୀତି ଏବଂ ଇରାନ୍ ପରିପ୍ରେକ୍ଷୀରେ ଯୁଦ୍ଧର ସମ୍ଭାବନା ସମ୍ପର୍କରେ ଧ୍ରୁବୀକରଣ ନୁହେଁ, ବରଂ ବିଭାଜନକାରୀ ସଫଳତାଗୁଡ଼ିକ ଉଲ୍ଲେଖ କରିଛନ୍ତି। ଏହି ଉଦ୍‌ବୋଧନ ସେତିକି ବେଳେ ଆସିଛି, ଯେତେବେଳେ କି ହ୍ୱାଇଟ୍ ହାଉସ୍‌କୁ ଏକ ଝଟ୍‌କା ଲାଗିବା ଭଳି ଆମେରିକାର ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି ଯେ ଟ୍ରମ୍ପ ପ୍ରଶାସନ ଭାରତ ସମେତ ଏହାର ବ୍ୟବସାୟିକ ଅଂଶୀଦାରମାନଙ୍କ ଉପରେ ଉଚ୍ଚ ହାରର ଟାରିଫ୍ ଲଗାଇବା ପାଇଁ ଆନ୍ତର୍ଜାତିକ ଜରୁରୀକାଳୀନ ଅର୍ଥନୀତିକ କ୍ଷମତା ଆଇନ (ଆଇଇଇପିଏ)କୁ କାର୍ଯ୍ୟରେ ଲଗାଇଛନ୍ତି। ଆପାତତଃ ଅଦମ୍ୟ ଶ୍ରୀଯୁକ୍ତ ଟ୍ରମ୍ପ ସୋସିଆଲ ମିଡିଆରେ ଏହି ରାୟ ବିରୁଦ୍ଧରେ ପ୍ରଦାନ କରିଥିବା ନିଜର ପୂର୍ବର ମନ୍ତବ୍ୟକୁ ଭାଷଣରେ ଦୋହରାଇବାକୁ ଯାଇ କହିଛନ୍ତି ଯେ ଏହା 'ଦୁର୍ଭାଗ୍ୟପୂର୍ଣ୍ଣ' ଏବଂ ଏହାର କାରଣ ଭାବରେ ଯୁକ୍ତି ଦର୍ଶାଇଛନ୍ତି କି ବଢ଼ି ଚାଲିଥିବା ସରକାରୀ ଋଣର ବୋଝରୁ ମୁକ୍ତି ପାଇବା ନିମନ୍ତେ ଏହାର ଜରୁରୀ ଆବଶ୍ୟକତା ରହିଛି; ତାଙ୍କ ସରକାର ଦ୍ୱାରା ଗୃହୀତ ଟାରିଫ୍ ରାଜସ୍ୱ ଯୁକ୍ତରାଷ୍ଟ୍ର ଆମେରିକାକୁ ଏହି ବୋଝରୁ 'ରକ୍ଷା' କରୁଛି। ସେହିଭଳି ସେ ମିନ୍ନିଆପୋଲିସ୍‌ରେ ଆଇସିଇ ଘେରାଉ ସମୟରେ ନିହତ ଦୁଇ ଆମେରିକୀୟଙ୍କ ସମ୍ପର୍କରେ ବା 'ଅପରାଧିକ ପୃଷ୍ଠଭୂମି ଥିବା ଅଜଣା ବ୍ୟକ୍ତି' ଏବଂ 'ଡ୍ରଗ୍ ବେପାରୀ'ମାନଙ୍କ ଉପରେ ତାଙ୍କର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କିଛି କହିବାକୁ ଏଡ଼ାଇ ଯାଇଥିଲେ। ପ୍ରତିବାଦକାରୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ କରିବା ପରେ ପଶ୍ଚିମ ଏସିଆରେ ଦ୍ରୁତ ବେଗରେ ନିଜର ସେନାବାହିନୀକୁ ସଜାଗ କରିବା ପରେ ଇରାନ୍ ବାବଦରେ ଶ୍ରୀଯୁକ୍ତ ଟ୍ରମ୍ପ ଏକ ବୁଝାମଣା କରିବା ପାଇଁ ଇଚ୍ଛୁକ ଥିବା ଜଣା ପଡ଼ିଥିଲା ଯେତେବେଳେ ସେ କହିଥିଲେ ଯେ 'କୂଟନୀତି ଜରିଆରେ ଏହି ସମସ୍ୟାର ସମାଧାନ କରିବା ଉପରେ ମୁଁ ପ୍ରାଧାନ୍ୟ ଦେଉଛି। କିନ୍ତୁ... ବିଶ୍ୱରେ ଆତଙ୍କବାଦର ଏକ ନମ୍ବର ପ୍ରାୟୋଜକଙ୍କୁ ମୁଁ ଏକ ଅଣୁ ଅସ୍ତ୍ର ଧାରଣ କରିବାର ଶକ୍ତି ହାସଲ କରିବାକୁ ସୁଯୋଗ ଦେଇ ପାରିବି ନାହିଁ।'

କଂଗ୍ରେସରେ ଶ୍ରୀଯୁକ୍ତ ଟ୍ରମ୍ପଙ୍କ ବିବୃତିଗୁଡ଼ିକୁ ଯଦି ନିଜର ପିଠିକୁ ନିଜେ ଥାପୁଡ଼ାଇବା ଭଳି କୁହାଯାଏ, ତା'ହେଲେ ତା'ର କାରଣ ହେଉଛି, ସେହି ଶବ୍ଦଗୁଡ଼ିକ ହୁଏତ ଭଲ ଭାବରେ ରିହର୍ସାଲ କରାଯାଇଥିବା ଏକ ପ୍ରଚାର ଅଭିଯାନର ଭାଷଣ ଥିଲା, ଯାହା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ସେ ବ୍ୟବହାର କରିଥିଲେ। ଏକଥା ସତ ଯେ ତାଙ୍କର ଦ୍ୱିତୀୟ ପାଳିର ଶାସନ କାଳରେ ଆମେରିକାରେ ମୁଦ୍ରାସ୍ଫୀତି ଧୀରେ ଧୀରେ ନିମ୍ନଗାମୀ ହେଉଛି, କିନ୍ତୁ ଜୀବନଧାରଣର ମୂଲ୍ୟ ବୃଦ୍ଧି ପାଉଥିବା ସମ୍ପର୍କରେ ସେ ଯାହା କହିଛନ୍ତି, ତାହା କେତେକାଂଶରେ ଅତିରଞ୍ଜନ ବୋଲି କୁହାଯାଇପାରେ, ବିଶେଷକରି ତାଙ୍କର ପୂର୍ବ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସମୟରେ ୨୦୨୨ର ମଧ୍ୟଭାଗ ବେଳକୁ ଏହା ୯ ପ୍ରତିଶତରେ ପହଞ୍ଚି ଥିବା ବେଳେ ସେ ହ୍ୱାଇଟ୍ ହାଉସ୍‌ରେ ପ୍ରବେଶ କରିବା ବେଳକୁ ଏହା ୨.୯ ପ୍ରତିଶତ ଥିଲା, ଯାହା ବର୍ତ୍ତମାନ ସୁଦ୍ଧା ୨.୪ ପ୍ରତିଶତରେ ପହଞ୍ଚିଛି। ତେବେ ଶ୍ରୀଯୁକ୍ତ ଟ୍ରମ୍ପଙ୍କର ଟାରିଫ୍ ନୀତି ଏବଂ ରାଷ୍ଟ୍ରର ଅର୍ଥନୀତି ଉପରେ ଆର୍ଥିକ ବୋଝ ପକାଇବାକୁ ଅନେକ ଆଇନ ନିର୍ମାତାଙ୍କ ସମେତ ସାଧାରଣ ନାଗରିକମାନେ ନାପସନ୍ଦ କରିଛନ୍ତି।

ଶ୍ରୀଯୁକ୍ତ ଟ୍ରମ୍ପଙ୍କ ଭାଷଣରେ ବ୍ୟବହାର ହୋଇଥିବା ଶବ୍ଦଗୁଡ଼ିକୁ ବିଶ୍ଳେଷଣ କଲେ ଭାରତ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ କଥା ମିଳେ। ଭୂରାଜନୀତି କ୍ଷେତ୍ରରେ 'ପଶ୍ଚିମ ଗୋଲାର୍ଦ୍ଧ'ରେ ଆମେରିକାର ସ୍ୱାର୍ଥଗୁଡ଼ିକ ହାସଲ କରିବା, ଯେଉଁଥିରେ ଆମେରିକାର ପଡ଼ୋଶୀ ରାଷ୍ଟ୍ର ସମୂହ ତଥା ଲାଟିନ୍ ଆମେରିକାରେ ସକ୍ରିୟ ହସ୍ତକ୍ଷେପ ଅନ୍ତର୍ଭୁକ୍ତ, ତାହା ଶ୍ରୀଯୁକ୍ତ ଟ୍ରମ୍ପଙ୍କ ଉଚ୍ଚାଭିଳାଷୀ ପ୍ରାଥମିକତା ମଧ୍ୟରେ ସାମିଲ ରହିଛି। ଯାହା କୁହାଯାଏ ଯେ ଏହାର ସ୍ୱାର୍ଥଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆମେରିକା ପୃଥିବୀର ଯେ କୌଣସି ଭାଗରେ ହେଲେ ମଧ୍ୟ ହସ୍ତକ୍ଷେପ କରିବାକୁ କୁଣ୍ଠାବୋଧ କରେନାହିଁ, ତାହା ଟ୍ରମ୍ପଙ୍କ ଭାଷଣରେ ଇରାନ୍ ବିରୁଦ୍ଧରେ ଧମକ ପ୍ରଦାନ କରିବାରୁ ସ୍ପଷ୍ଟ ପ୍ରତୀୟମାନ। ଚୀନ୍ ସମ୍ପର୍କରେ ଟ୍ରମ୍ପ କିଛି ହେଲେ ସିଧାସଳଖ କହି ନାହାନ୍ତି, କିନ୍ତୁ ଭାରତ-ପ୍ରଶାନ୍ତ ମହାସାଗରରେ ଦ୍ୱନ୍ଦ୍ୱକୁ ନେଇ ସେଥିରେ ଅଂଶଗ୍ରହଣ କରିଥିବା ଆମେରିକୀୟ ଅନୁଭବୀ ବ୍ୟକ୍ତିମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ପ୍ରକଟ ଚୀନ୍‌ର ଏହି ଅଞ୍ଚଳରେ ବିସ୍ତାରବାଦୀ କାର୍ଯ୍ୟକଳାପ ପ୍ରତି ସତେ ଯେପରି ଉଦ୍ଦିଷ୍ଟ ଥିଲା, ତାହା ମନେହୁଏ, ଯେହେତୁ ସେସବୁ ଆମେରିକା ଦ୍ୱାରା ଏହାର ସେନାବାହିନୀ ପ୍ରତି ଦ୍ୱିଦଳୀୟ ସମ୍ମାନ ପ୍ରଦର୍ଶନ କରିବାର ପରମ୍ପରା ବିଷୟରେ କୁହାଯାଇଥିଲା। ଭାରତ, ଏହାର ଉତ୍ତର ଦିଗରେ ରହିଥିବା ପଡ଼ୋଶୀ ସହିତ ଅସହଜ ସମ୍ପର୍କ ପରିପ୍ରେକ୍ଷୀରେ ତଥା ବ୍ୟବସାୟ ବାଣିଜ୍ୟ ଏବଂ ରଣନୀତିକ ଦୃଷ୍ଟିକୋଣରୁ ଭାରତ-ପ୍ରଶାନ୍ତ ମହାସାଗରର ଗୁରୁତ୍ୱ ପାଇଁ ଏହି ଅଞ୍ଚଳରେ ଚୀନ୍ ସହିତ ଭାରସାମ୍ୟ ରକ୍ଷା କରିବାର ଏକ ଦେଶ ଭାବରେ ଆମେରିକା ଦ୍ୱାରା ଉତ୍ତମ ସେବା ଲାଭ କରୁଛି ଏବଂ ଏ ବାବଦରେ ହୁଏତ ଶ୍ରୀଯୁକ୍ତ ଟ୍ରମ୍ପଙ୍କ ଭାଷଣରେ ଅଧିକ ବିଶଦ ଉଲ୍ଲେଖ ଆବଶ୍ୟକ କରୁଥିଲା।

# ସମ୍ପର୍କ: ଏ କାଳର ଓ ସେ କାଳର



ସଚ୍ଚିଦାନନ୍ଦ ଦାଶ

ମେଧାଯୁକ୍ତ ଓ ଆବେଗମୟ ମଣିଷ ଏକା ରହିବାକୁ ଚାହେଁ ନାହିଁ। ସେଥିପାଇଁ ମଣିଷ ସମ୍ପର୍କ ସୃଷ୍ଟି କରିଥାଏ। ପଶୁମାନେ ମଧ୍ୟ ପରସ୍ପର ସହିତ ସମ୍ପର୍କ ରଖିଥାନ୍ତି, ଯଦିଓ ସେମାନଙ୍କର ସମ୍ପର୍କ ମଣିଷ ଭଳି ବାହାରକୁ ପରିପ୍ରକାଶ ହୋଇ ପାରେନା। ସାଧାରଣତଃ ମଣିଷ ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କରିବାକୁ ହେଲେ ଅହଂଭାବକୁ ତ୍ୟାଗ କରିବାକୁ ପଡ଼ିଥାଏ। ତା' ଛଡ଼ା ଆଉ ଏକ ଉପାଦନ ହେଲା, କ୍ରୋଧ। କ୍ରୋଧ ମଧ୍ୟ ସମ୍ପର୍କ ନଷ୍ଟ କରିଦିଏ। ମାତ୍ର ପ୍ରେମ ଓ ଭକ୍ତି ସମାଜରେ ମଣିଷକୁ ସମ୍ପର୍କ ଗଢ଼ି ତୋଳିବାରେ ସାହାଯ୍ୟ କରିଥାଏ। ପ୍ରେମ ଓ ଭକ୍ତି ମିଶି ଏକ ସମ୍ମିଳିତ ଉନ୍ନତ ଜୀବନଧାରା ସୃଷ୍ଟି କରିବାର ପ୍ରେରଣା ଯୋଗାଇ ଥାଏ। ମୋଟାମୋଟି ଭାବେ କହିବାକୁ ଗଲେ, ସମ୍ପର୍କ ଏକ ସୁସ୍ଥ ଜୀବନ ପାଇଁ ଅପରିହାର୍ଯ୍ୟ। ସମାଜ ବା ପରିବାରରେ ସମ୍ପର୍କ ବିଭିନ୍ନ ରୂପେ ଆଧାରିତ ହୋଇଥାଏ। ଯଥା- ପିତାମାତା ଆଦର, ଭକ୍ତି ଓ କର୍ତ୍ତବ୍ୟର ଏକ ସମନ୍ୱୟ ସମ୍ପର୍କ। ପତ୍ନୀ ସହ ସମ୍ପର୍କ ପ୍ରେମାଧାରିତ। ସନ୍ତାନସନ୍ତତିଙ୍କ ସହ ବ୍ୟକ୍ତିର ସମ୍ପର୍କ ଆବେଗ ଓ ସ୍ନେହ ସହ ଜଡ଼ିତ। ପଡ଼ୋଶୀଙ୍କ ସହିତ ସମ୍ପର୍କ ସ୍ୱାର୍ଥ ପ୍ରଣୋଦିତ ଗୋଷ୍ଠୀ ମନୋଭାବର ଏକ ସଂସ୍କରଣ। କର୍ମ କ୍ଷେତ୍ରରେ ମଣିଷ ଦେଶ ଓ ଜାତି ପାଇଁ ତଥା ଭବିଷ୍ୟତ ପିଢ଼ି ପାଇଁ କାମ କରି ଚାଲେ। ଏଠାରେ ସମ୍ପର୍କ ପ୍ରେମ ଅପେକ୍ଷା ଦେଶ ପ୍ରତି ଆନୁଗତ୍ୟଭିତ୍ତିକ ରହିଥାଏ। ଦେଶ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ କରାଯାଇଥାଏ। ଏ କ୍ଷେତ୍ରରେ ସମ୍ପର୍କରେ ପ୍ରତ୍ୟେକର ଦେଶପ୍ରୀତି ଭାବ ନିହିତ ଥାଏ। ପୁଅ ଝିଅ ମଧ୍ୟରେ ପ୍ରେମରେ ସ୍ୱାର୍ଥ ନଥିଲେ ସେଠାରେ ସମ୍ପର୍କ ଗଢ଼ି ଉଠେ ସମର୍ପଣ ଭାବ ନେଇ। ନିଜର କାମନା ବାସନାର ପୂରଣ ପାଇଁ ମଣିଷ ଈଶ୍ୱରଙ୍କଠାରେ ସମ୍ପର୍କ ରଖିଥାଏ। ମାତ୍ର ଏ ପ୍ରକାର ସମ୍ପର୍କ ସତ୍‌ମାର୍ଗରେ ଅନୁପ୍ରାଣିତ ନୁହେଁ। ଈଶ୍ୱରଙ୍କଠାରେ କାମନା ବିହୀନ ପୂଜା ଆରାଧନା ଦରକାର।

ପାଠକ ବନ୍ଧୁଗଣ! ଆସନ୍ତୁ ଆଜିର ସମ୍ପର୍କ ଓ ଆଗ କାଳର ସମ୍ପର୍କ ମଧ୍ୟରେ ଏକ ତୁଳନାତ୍ମକ ଚିତ୍ରର ଅନୁଶୀଳନ କରିବା। ଆଜିର ସମ୍ପର୍କ ଆଗ କାଳର ସମ୍ପର୍କଠାରୁ ଏକ ଭିନ୍ନ ରୂପ ନେଇ ସାରିଛି। ଆଜିର ସମ୍ପର୍କରେ ଆଗ କାଳର ସମ୍ପର୍କର ଆନ୍ତରିକତା ପରିବର୍ତ୍ତେ ବାହ୍ୟ ଚାକଚକ୍ୟ ବିଶେଷ ଭାବରେ ପରିସ୍ଫୁଟ। ଆଜିର ଯୁବ ପିଢ଼ି ସାଙ୍ଗସାଥୀ ଓ ବନ୍ଧୁମାନେ ଗଣମାଧ୍ୟମରେ ପାଉଥିବା ବିଭିନ୍ନ ପାଶ୍ଚାତ୍ୟ ମଡେଲର ଅଭିନନ୍ଦନ ଓ କଥୋପକଥନ ଯଥା- ଗୁଡ୍‌ବାଏ, ୱେଲ୍‌କମ୍, ହାଲୋ ହାଏ, ଭେରି ନାଇସ୍, ଥ୍ୟାଙ୍କ୍ ୟୁ ସୋ ମଚ୍ ଇତ୍ୟାଦିରେ ମସଗୁଲ। ମନେ ମନେ ଯୁବକଟି ଭାବିନିଏ ତା'ର ଅନେକ ବନ୍ଧୁଙ୍କ ସହିତ ସମ୍ପର୍କ ରହିଛି ଏବଂ ତାଙ୍କର ସମ୍ପର୍କର ପରିସୀମା ବହୁତ ବଡ଼। ମାତ୍ର ଏ ସମ୍ପର୍କ ସେମିତି ଗଣମାଧ୍ୟମ ସମ୍ପର୍କରେ ରହିଯାଏ! ଏହା କେବଳ ଉପରଠାଉରିଆ ବା ଔପଚାରିକ ସମ୍ପର୍କ। ଏବକାର ସମ୍ପର୍କରେ ଗଣମାଧ୍ୟମର ବହୁଳ ସକ୍ରିୟତା ହେତୁ କୌଣସି ବନ୍ଧୁ ପରିଜନ ଅସୁବିଧା ସୁବିଧାରେ ଭୌତିକ ଉପସ୍ଥିତିକୁ ଆପଣେଇବାକୁ ଅନେକ କୁଣ୍ଠାବୋଧ କରୁଛନ୍ତି।



ଏ ପ୍ରକାର ବାହ୍ୟ ସମ୍ପର୍କର ଫର୍ମୁଲାରେ ପଡ଼ି ଅନେକ ଲୋକ ସକାଳୁ ଉଠି ହ୍ୱାଟସଆପ୍, ଫେସ୍‌ବୁକ୍‌ରେ ଠାକୁରଙ୍କ ଫଟୋଟିଏ ଛାଡ଼ି ଗୁଡ଼ ମର୍ଣ୍ଣିଂ ୱିସ୍ ବା ଗଡ୍ ବ୍ଲେସ୍ ୟୁ କରିବାର ଅଭ୍ୟାସରେ ପଡ଼ି ଗଲେଣି। ଏପଟେ ଘରେ ଜୀବନ୍ତ ଠାକୁର ବାପା ମା'ଙ୍କ ସେବା କରନ୍ତୁ ବା ନ କରନ୍ତୁ, ସେଥିରେ କିଛି ଯାଏଆସେ ନାହିଁ। ନତୁବା ଘରେ ଈଶ୍ୱରଙ୍କ ଫଟୋ ରଖି କିଞ୍ଚିତ୍ ପ୍ରାର୍ଥନାରେ ନିଜକୁ ମଜାଇ ରଖିବାର ପ୍ରୟାସ ମଧ୍ୟ ଦେଖାଯାଏ ନାହିଁ। ଜନ୍ମଦିନରେ ଫେସ୍‌ବୁକ୍‌ରେ ହାପି ବାର୍ଥ୍ ଡେ ଛାଡ଼ିବାର ପ୍ରଥା ଏକ ରୀତିମତ ଅଭ୍ୟାସରେ ପରିଣତ ହୋଇଗଲାଣି। ମାତ୍ର ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଯେ ବାର୍ଥ୍ ଡେ ୱିସ୍ କରୁଥିବା ଲୋକଟି ସାଥୀଟିର ଅସମୟରେ କେବେହେଲେ ଯାଇ ଛିଡ଼ା ହୋଇ ନଥିବ। ଏବକାର ସମ୍ପର୍କରେ ସମସ୍ତେ ନ୍ୟୁକ୍ଲିୟର ପରିବାରକୁ ପସନ୍ଦ କଲେଣି। ନିଜେ ନିଜ ସ୍ତ୍ରୀ ଓ ଗୋଟିଏ କିମ୍ବା ଦୁଇଟି ଶିଶୁକୁ ନେଇ ପରିବାର ଗଢ଼ି ଉଠୁଛି। ଫଳରେ ପରିବାରର ମୂଳ ସଦସ୍ୟ ବାପା, ମା' ଅବହେଳାର ଶିକାର ହେଉଛନ୍ତି। ଆଜିକାଲିର ସମ୍ପର୍କକୁ ନେଇ ବାସ୍ତବରେ ଘଟୁଥିବା ଏକ ଉଦାହରଣଟିଏ ଉପସ୍ଥାପନା କରିବାକୁ ମନେ କରୁଛି।

ଜଣେ ବଡ଼ବଡ଼ିଆ ବିଭିନ୍ନ ଉପଦେଶ ଦେଇ ଚାଲନ୍ତି ବାପା ମା'ଙ୍କ ଭକ୍ତି ଓ ସେବାକୁ ନେଇ। ତତ୍ ସଙ୍ଗେ ପାଶ୍ଚାତ୍ୟ ଦେଶର ପ୍ରଥାକୁ ମଧ୍ୟ ଉଚ୍ଚ ପ୍ରଶଂସା କରି ଚାଲନ୍ତି, କାରଣ ସେ ନିଜେ ଆମେରିକାରେ ଅବସ୍ଥାପିତ। ବୃଦ୍ଧ ପିତା ରୁହନ୍ତି ଭାରତର ଏକ ସହରର ବୃଦ୍ଧାଶ୍ରମରେ ଏବଂ ମା' ରୁହନ୍ତି ଗାଁରେ ଥିବା ପୈତୃକ ଘରେ। ପଚାରି ଦେଲି କେମିତି ବାପା ମା'ଙ୍କର ଖବର ନିଅନ୍ତି। ଭଦ୍ରବ୍ୟକ୍ତି ଜଣକ କହିଲେ, ଉଭୟ ପିତା ଓ ମାତାଙ୍କ ପାଖକୁ ମାସକୁ ମାସ ଟଙ୍କା କିଛି ପଠାଇ ଦିଏ ଏବଂ ଫୋନ୍‌ରେ କିଛି ସମୟ ପାଇଁ କଥା ହୋଇଯାଏ। ଏହା ହିଁ ହେଉଛି ଏବକାର କ୍ରୂର ସମ୍ପର୍କ! ମାତ୍ର ସମ୍ପର୍କ ସେବକାର (ପୁରାତନ କାଳର) ଥିଲା ନିଆରା। ସମ୍ପର୍କ ଗଢ଼ି ଉଠିଥିଲା ସମ୍ବନ୍ଧର ନୀତି ନିୟମକୁ ନେଇ। ଯେଉଁ ପ୍ରକାର ସମ୍ପର୍କରେ ଥିଲା ଆନ୍ତରିକତା, ସ୍ନେହ, ଶ୍ରଦ୍ଧା ଓ ପ୍ରତ୍ୟକ୍ଷ ଭେଟଘାଟ, କିଛି ସମୟ ଦୁଃଖସୁଖ ହେବା। ମିଶିକରି ଖାଇବା ଓ ବୁଲିବା, ବିଭିନ୍ନ ସାମାଜିକ କାର୍ଯ୍ୟରେ ସାହାଯ୍ୟ ଓ ସହାନୁଭୂତି ପ୍ରଦର୍ଶନ କରିବା ଇତ୍ୟାଦି। ମାତ୍ର ଆଜିକାଲି ଏସବୁ ସ୍ୱପ୍ନରେ ପରିଣତ ହୋଇ ଯାଇଛି ପ୍ରଚୁର ସାମାଜିକ ଗଣମାଧ୍ୟମର ଉପଯୋଗ ଦ୍ୱାରା। ଏବେ ସହରମାନଙ୍କରେ ଫ୍ଲାଟ୍‌ରେ ରହୁଥିବା ଲୋକମାନଙ୍କର ଦିନରେ ସୁନା ଅଳଙ୍କାର, ଟଙ୍କା ପଇସା ଚୋରି ହୋଇ ଯାଉଛି। ପାଖ ପଡ଼ୋଶୀ ପ୍ରତିରୋଧ କରିବାକୁ କୁଣ୍ଠାବୋଧ କରୁଛନ୍ତି। ମାତ୍ର ଆଗ କାଳରେ ଜଣେ ବିପଦରେ ପଡ଼ିଲେ, ଆଉ ଦଶ ଜଣ ବାହାରି ଆସୁଥିଲେ। ସାହାଯ୍ୟର ହାତ ବଢ଼ାଇ। ଏପରି ଅଘଟଣ କ୍ଷେତ୍ରରେ ଆଗ କାଳରେ ଭାଇଚାରାର ପରିବେଶ ଦେଖିବାକୁ ମିଳୁଥିଲା। ଘଣ୍ଟା ଘଣ୍ଟା ଧରି ସାମାଜିକ ଗଣମାଧ୍ୟମରେ ସମୟ ନଷ୍ଟ କରାଯାଉଛି, ଯାହା କେବଳ ବାହ୍ୟ ସମ୍ପର୍କ ସ୍ଥାପନ କରି ଚାଲିଛି ଓ ସମ୍ପର୍କର ପ୍ରକୃତ ଅନ୍ତର୍ଦ୍ଦୃଷ୍ଟ ଓ ଦର୍ଶନ ହଜି ହଜି ଯାଉଛି। ମଣିଷମାନେ ପରସ୍ପରଠାରୁ ଦୂରେଇ ଯାଇ ଏକଘରିଆ ହୋଇ ଯାଉଛନ୍ତି। ତେବେ ଆସନ୍ତୁନା, ସେଇ ପୁରାତନ କାଳର ସମ୍ପର୍କର ପରମ୍ପରାକୁ ବଞ୍ଚାଇ ରଖିବା, ଯାହା ଦ୍ୱାରା ଆମ ସାମାଜିକ ଜୀବନ ଅନେକାଂଶରେ ପ୍ରଫୁଲ୍ଲିତ ହୋଇ ଉଠିବ।

**ସିଡିଏ, କଟକ**
**ମୋ: ୭୦୦୮୬୫୦୬୯୩**

## ଉପଯୋଗରୁ ଉପଭୋଗ

ମଣିଷ ପାଇଁ ଯାହା ଅଦରକାରୀ, ତାକୁ ଅଳିଆଗଦାକୁ ଫିଙ୍ଗିଦିଏ। ଯାହାକୁ ଫିଙ୍ଗିଦେଲା, ତା'ର ଯତ୍ନ ନେବା କ'ଣ ଦରକାର? କିନ୍ତୁ କେତେକ ଚତୁର ମଣିଷ ନଷ୍ଟ ହୋଇ ଯାଉଥିବା ଜିନିଷର ଉପଯୋଗ କରନ୍ତି। କେହି କେହି ଫୋପଡ଼ା ଯାଇଥିବା କଲମ, ଦିଆସିଲି, କାଚ, ଡବା ଇତ୍ୟାଦିକୁ ଫିଙ୍ଗନ୍ତିନି, ବରଂ ନୂଆ ରୂପରେ ସଜେଇ ଦିଅନ୍ତି। ଭଲ ଦେଖାଯାଏ।

ନଖ ବଢ଼ିଗଲେ ଆମେ କାଟିଦେଉ, କେଶ ବଢ଼ିଲେ ବି କାଟି ପକାଉ। କାରଣ ଏହା ଶରୀରର ବର୍ଜ୍ୟ ବସ୍ତୁ। କିନ୍ତୁ କେତେକ ଲୋକ ନଖ ଆଉ ଚୁଟିକୁ ସୁନ୍ଦର ଭାବରେ ସଜେଇ ଦିଅନ୍ତି। ଅନାବଶ୍ୟକକୁ ଆବଶ୍ୟକତାରେ ପରିଣତ କରି ଦିଅନ୍ତି। ଶରୀରର ଶୋଭା ବଢ଼ାନ୍ତି। ଏହା ଏକ ପ୍ରକୃଷ୍ଟ କଳା। ଖାଲି ନଖ, କେଶ ନୁହେଁ, ମଣିଷ ଭିତରେ ଅନେକ କିଛି ଅଛି। ସେ ସବୁକୁ ସଜେଇ ଦେଲେ, ତାହା ମଧ୍ୟ ମଣିଷର ଶୋଭା ବଢ଼େଇ ପାରନ୍ତା। ପରିବାରରେ ଅନେକ ସମୟରେ କଳି ଝଗଡ଼ା ଲାଗେ। ଆମ ଭିତରେ ସୃଷ୍ଟି ହେଉଥିବା କ୍ରୋଧ କାହା ଉପରେ ନା କାହା ଉପରେ ଅଜାଡ଼ି ହୋଇପଡ଼େ। ଫଳରେ ପାଖରେ ଥିବା ବ୍ୟକ୍ତି ବା ବସ୍ତୁ ତା'ର ଶିକାର ହୁଏ। ପରିବାରରେ ଝଗଡ଼ା ହେଲେ କେବେ ବାସନ ସବୁ ଫିଙ୍ଗା ଫିଙ୍ଗି କରୁ ତ କେବେ ଘରର ବିଭିନ୍ନ ଉପକରଣ ପିଟି, କଚାଡ଼ି ଭାଙ୍ଗିଦେଉ। କେବେ ପିଲାର ପାଠପଢ଼ା ନହେଲେ ବହିପତ୍ର ଚିରି ଫିଙ୍ଗିଦେଉ ତ କେବେ ପିଲାକୁ ମାଡ଼ ମାରିଥାଉ। ଏହାଦ୍ୱାରା କିଛି ସମୟ ପାଇଁ ନିଜର କ୍ରୋଧ ଶାନ୍ତ ହୋଇଯାଏ। ଆମର କ୍ରୋଧ ସିନା ଶାନ୍ତ ହୋଇଯାଏ, ହେଲେ ଅନେକ ଜିନିଷ ନଷ୍ଟ ହୁଏ; ପିଲାମାନେ ଅଯଥାରେ ମାଡ଼ର ଶିକାର ହୁଅନ୍ତି। ଥରେ ଯଦି ଗହିରେଇ ଭାବିବା, ତେବେ ବୁଝି ପାରିବା, ଦୁର୍ଗୁଣକୁ ଉପଯୋଗ କରିବାର ଅଭ୍ୟାସ କଲେ ବାସ୍ତବ ଜୀବନର ଲାଭ ସାଉଣ୍ଟି ହେବ। ଏ ନେଇ ଉଦାହରଣଟିଏ।

ଦିନେ ଜଣେ ଲୋକ ବଗିଚାରେ କାମ କରୁଥିଲା। ତା'ର ଫୁଲ ଚାଷ ଦେଖି ସମସ୍ତେ ମୁଗ୍ଧ ହେଉଥିଲେ। ସେ ଫୁଲର ବେଶି ଚାହିଦା ଥିଲା। ବହୁ ଲୋକ ତା'ର ଫୁଲକୁ କିଣି ନିଅନ୍ତି। ଦିନେ ଜଣେ ବାଟୋଇ ତାଙ୍କୁ ଏ ଫୁଲ ବିଷୟରେ ପଚାରିଲେ। ଲୋକଟି କହିଲା- 'ଏ ଫୁଲ ନୁହେଁ; ମୋର କ୍ରୋଧ। ମୁଁ ବହୁତ କ୍ରୋଧୀ। ଟିକିଏ କଥାରେ ରାଗିଯାଏ। ରାଗରେ ଅନ୍ୟ ଉପରେ ପ୍ରତିଶୋଧ ନିଏ। ଏହି ରାଗ ଅନ୍ୟ ଉପରେ ସୁଝେଇବାକୁ ଉପାୟ ଖୋଜେ। କେବେ ବାହାରେ ରାଗିଲେ ଘରେ ସ୍ତ୍ରୀ, ପିଲାଙ୍କୁ ବିରକ୍ତ ହୁଏ। ମାରଧର କରେ। କେବେ ଘରେ ରାଗିଲେ ବାହାରେ ଅନ୍ୟ ସହିତ କଳି ଝଗଡ଼ା କରେ। ଘରର ଜିନିଷପତ୍ର ଭାଙ୍ଗି ପକାଏ। ଦିନେ ରାଗିବା ଅବସ୍ଥାରେ ମାଟି ହାଣୁଥିଲି। କାରଣ ମୁଁ ବୁଝିଥିଲି ରାଗ ଏମିତି ଏକ ଅବସ୍ଥା, ଯେତେବେଳେ ମଣିଷର ଅନେକ ବଳ ଆସିଥାଏ। ସେହି ବଳରେ ବେଶି ମାଟି ହାଣି ପାରିଲି। ତା'ପରେ ଫୁଲ ଚାରା ଲଗେଇଲି। ଖୁସିରେ କେବେ ମୁଁ ଏତେ ମାଟି ହାଣିପାରି ନଥାନ୍ତି କିମ୍ବା ଫୁଲ ଗଛ ଲଗେଇ ପାରି ନଥାନ୍ତି। ତେଣୁ ଏ ସବୁକୁ ମୁଁ ଫୁଲ କହୁନି। ବରଂ ମୋର ଦୁର୍ଗୁଣକୁ ଏଇ ବାଟରେ ସଜେଇଛି। ପୁଣି କେବେ କ୍ରୋଧ ଆସିଲେ ଏଇ ଫୁଲକୁ ଦେଖେ। ଅତୀତର ରାଗିବା କଥାକୁ ମନେ ପକାଏ। ଏଇ ଫୁଲମାନେ ଯେମିତି ମତେ କହୁଥାନ୍ତି- 'ତୁମ କ୍ରୋଧରୁ ଆମର ଜନ୍ମ।' ଏଇ କଥାରେ ମୋର ରାଗ ଶାନ୍ତ ହୋଇଯାଏ।'

କେବେ ଯଦି ମନରେ କୌଣସି ଦୁର୍ଗୁଣ ବସା ବାନ୍ଧେ, ତେବେ ନିଜ ସ୍ଥିତିରେ ରହି ତା'ର ଦୁରୁପଯୋଗ ନୁହେଁ; ସଦୁପଯୋଗ କରାଯାଉ। ସଂସାରରେ ପରିତ୍ୟକ୍ତକୁ ଉପଯୋଗୀ କରିବା ଏକ ବିଶେଷ କଳା। ସେ କଳାଟି ପରମେଶ୍ୱର କେବଳ ମଣିଷକୁ ଦେଇଛନ୍ତି। ତେଣୁ ଦୁର୍ଗୁଣର ଉପଯୋଗ କରିବା ଉଚିତ୍।

ସମ୍ପାଦକଙ୍କୁ ପତ୍ର

## ଫଳ ପଚାଇବାର ବିକଳ୍ପ ଉପାୟ ଆପଣା ଯାଉ

ଫଳମୂଳ ପ୍ରାୟତଃ ଅନ୍ୟ ରାଜ୍ୟରୁ ଆମ ରାଜ୍ୟକୁ ଆମଦାନୀ କରା ଯାଇଥାଏ। ଶହଶହ କିଲୋମିଟର ଦୂରରୁ ପ୍ୟାକିଂ ହୋଇ ଅଣା ଯାଉ ଥିବାରୁ ବ୍ୟବସାୟୀମାନେ କଞ୍ଚା ଥିବା ଅବସ୍ଥାରେ ଫଳମୂଳ ଆଣିବାକୁ ପସନ୍ଦ କରିଥାନ୍ତି। ଘରେ ପହଞ୍ଚିଲା ପରେ ଅନେକ ଫଳ ବ୍ୟବସାୟୀ କଦଳୀ, ଆମ୍ବ ଭଳି ଫଳକୁ ଶୀଘ୍ର ପଚାଇବା ପାଇଁ କ୍ୟାଲସିୟମ କାର୍ବାଇଡ୍ ଭଳି ମାରାତ୍ମକ କର୍କଟ ରୋଗ ସୃଷ୍ଟିକାରୀ ରାସାୟନିକ ଦ୍ରବ୍ୟର ମାତ୍ରାଧିକ ବ୍ୟବହାର କରୁଛନ୍ତି। ଏ ଦିଗରେ ସାଧାରଣ ଲୋକ ସଚେତନ ନ ଥିବାରୁ ବିନା ବାଧାରେ ଏହି ବିଷଯୁକ୍ତ ଫଳ କିଣି ଖାଉଛନ୍ତି। ତେଣୁ ଲାଭଖୋର ବ୍ୟବସାୟୀମାନେ ଲୋକଙ୍କ ମୂଲ୍ୟବାନ ଜୀବନ ସହିତ ନ ଖେଳି ଫଳ ପଚାଇବାର ବିକଳ୍ପ ପନ୍ଥା ଅବଲମ୍ବନ କରିବା ଦରକାର। ପ୍ରଶାସନ ମଧ୍ୟ ଏଥି ପ୍ରତି ଦୃଷ୍ଟି ଦେଇ କ୍ୟାଲସିୟମ କାର୍ବାଇଡ୍‌ର ମାତ୍ରାଧିକ ବ୍ୟବହାର ପ୍ରତି ଅଙ୍କୁଶ ଲଗାଇବା ଜରୁରୀ।

**ବୈଷ୍ଣବ ମେହେର, ସିନାପାଲି, ନୂଆପଡ଼ା**

### ଖରିଫ ଧାନ ସଂଗ୍ରହ ସମ୍ପର୍କରେ ମନ୍ତ୍ରୀଙ୍କ ସମୀକ୍ଷା

# ୨୬ ଶୁଦ୍ଧା ମଣ୍ଡିରେ ୬,୩୯,୩୨୨ କ୍ୱିଣ୍ଟାଲ ଧାନ ବିକ୍ରୟ କଲେ ୧୬,୫୦୨ ଚାଷୀ

**ଜଗତ୍‌ସିଂହପୁର,୨୬।୨/ଏନ୍‌ଏନ୍‌ଏସ୍:** ଗୁରୁବାର ଖାଦ୍ୟ ଓ ଯୋଗାଣ, ଖାଉଟି କଲ୍ୟାଣ , ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭା ଗୃହଠାରେ ୨୦୨୫-୨୬ ଖରିଫ ଧାନ ସଂଗ୍ରହ ସମ୍ବନ୍ଧୀୟ ବୈଠକରେ ଯୋଗଦେଇ ସମୀକ୍ଷା କରିଛନ୍ତି। ସମିକ୍ଷା ବୈଠକରେ ଜିଲ୍ଲାପାଳ ଜେ. ସୋନାଲ ଅଧକ୍ଷତା କରି ଜିଲ୍ଲାରେ ଖୋଲା ଯାଇଥିବା ମଣ୍ଡି ସମ୍ପର୍କରେ ବିଷଦ ଭାବରେ ବିବରଣୀ ପ୍ରଦାନ କରିଥିଲେ। ୨୦୨୫-୨୬ ଖରିଫ୍ ଋତୁ ପାଇଁ ଜିଲ୍ଲାରେ ୪୯୬୮୫ଜଣ କୃଷକ ପଞ୍ଜୀକରଣ କରିଛନ୍ତି। ଆଜି (ଗୁରୁବାର) ଶୁଦ୍ଧା ଜିଲ୍ଲାରେ ସର୍ବମୋଟ୍ ୧୧୩ଟି ମଣ୍ଡିରେ ୨୦ଜଣ ମିଲର ଅଂଶ ଗ୍ରହଣ କରି ୬,୩୯,୩୨୨.୧୩ କ୍ୱିଣ୍ଟାଲ ଧାନ କ୍ରୟ କରିଛନ୍ତି। ୧୬ ହଜାର ୫୦୨ଜଣ ଚାଷୀ ସେମାନଙ୍କ ବଳକା ଧାନ ମଣ୍ଡିରେ ବିକ୍ରୟ କରିସାରିଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ହଜାର ୪୫୯ଜଣ ସେମାନଙ୍କ ସରକାରୀ ଧାର୍ଯ୍ୟ ମୂଲ୍ୟ ପାଇ ସାରିଛନ୍ତି। ଗତବର୍ଷ ଜିଲ୍ଲାରେ ୧୭ଲକ୍ଷ ୧୪ହଜାର ୯୦୩.୦୨ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ, ଚଳିତବର୍ଷ ୧୮ରୁ ୧୯ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ୍ ପୂରଣ ନିମନ୍ତେ ପ୍ରଚେଷ୍ଟା ଚାଲିଥିବା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲାର ଧାନମଣ୍ଡି ଖୋଲିବା ଓ ଧାନକ୍ରୟ ସମ୍ପର୍କରେ ଆଲୋଚନା କରିଥିଲେ। ଧାନର ଏଫ୍‌ଏକ୍ୟୁମାନକୁ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି। ତେଣୁ ପ୍ରତ୍ୟେକ ଚାଷୀ ଭାଇମାନେ ଉନ୍ନତମାନର ଧାନ ମଣ୍ଡିରେ ଦେଇ ସରକାରଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟ ନେଇପାରିବେ। ଚଳିତ ବର୍ଷ କଟନିଛଟନି ପାଇଁ କୌଣସି ସହନଶୀଳତା ନାହିଁ। ଧାନ ସଂଗ୍ରହ ବେଳେ, ମିଲରମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ମିଲର ଅଭାବରୁ ଧାନ କିଣା ମନ୍ଥର ହୋଇଥିବାରୁ ବାହାର ଜିଲ୍ଲାରୁ ତ୍ୱରିତ ମିଲର ଯୋଗାଇ ଦେବାକୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥି ସହିତ ଜିଲ୍ଲାର ଯୁବ ଉଦ୍ୟୋଗୀମାନଙ୍କୁ ମଣ୍ଡିର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଗତ ୨୦ମାସ ମଧ୍ୟରେ କୃଷକ ବନ୍ଧୁମାନେ ଖୁସିରେ ଅଛନ୍ତି। ଆଜି ପର୍ଯ୍ୟନ୍ତ କୌଣସି ଚାଷୀ ଜିଲ୍ଲାରେ ଆତ୍ମହତ୍ୟା କରି ନାହାନ୍ତି। ଏହାଛଡା ଜିଲ୍ଲାରେ ମନୋନୀତ ମିଲରମାନଙ୍କୁ ସେମାନଙ୍କ ଜଣଶୁଣାରେ ଥିବା ଅନ୍ୟ ମିଲରମାନଙ୍କୁ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଧାନମଣ୍ଡି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟକ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମ ସ୍ଥଳୀ, ପାନୀୟଜଳ ଇତ୍ୟାଦି ଅତ୍ୟାବଶ୍ୟକ ସେବା ଯୋଗାଇ ଦେବା ପାଇଁ ମନ୍ତ୍ରୀ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ ଯୋଗଦେଇ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖିନ ହେଲେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ସହକାରୀ ନିବନ୍ଧକ କୋପରେଟିଭ୍ ସୋସାଇଟି, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଉଦ୍ୟାନ ବିଭାଗ ଜିଲ୍ଲା ସରକାରୀ ନିର୍ଦ୍ଦେଶକ, ସମସ୍ତ ବିଡିଓ, ମିଲର, ବୃଦ୍ଧିଜୀବୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।




## ଦେବୀ ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ବିଧାୟକ



**ପରଜଙ୍ଗ,୨୬।୨/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ୍ କୁଆଳୋ ପଞ୍ଚାୟତ ଅନ୍ତର୍ଗତ ପରମହଂସପୁର ଗ୍ରାମର ୧୪୯ ନଂ ଜାତୀୟ ରାଜପଥକୁ ଲାଗି ଶ୍ରୀ ଶ୍ରୀ ବାବା ସିଦ୍ଧେଶ୍ୱର ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମା' ସିଦ୍ଧିଦାତ୍ରୀ ଦେବୀ ଦୁର୍ଗାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ମୁଣ୍ଡେଇଲୋ ପଞ୍ଚାୟତରେ ଗେହ୍ଲେଇ କାଟେଣି ଗ୍ରାମରେ ମା' ମହାପାଟଙ୍କ ନୂତନ ମନ୍ଦିର ଏବଂ କନ୍ତୋର ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ମା' ଯୋଗମାୟା ପାର୍ବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ବିଧି ପୂର୍ବକ ପୂଜା ଓ ନିତିକାନ୍ତିରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ପ୍ରତି ମନ୍ଦିରରେ ମା'ଙ୍କର ପ୍ରତିମୂର୍ତ୍ତିକୁ ପ୍ରାଣ ପ୍ରତିଷ୍ଠା କରାଯାଇ ମନ୍ଦିର ଭିତରେ ପ୍ରତିଷ୍ଠା କରାଯାଇଛି। ଗୁରୁବାର ସୁଦଶାବ୍ରତ ଦିନ ସୁପ୍ରଭାତରୁ ମନ୍ଦିରରେ ପୂଜା, ହୋମଯଜ୍ଞ, ବ୍ରାହ୍ମଣ ଓ ପୁରୋହିତଙ୍କ ଶ୍ଳୋକ ଉଚ୍ଚାରଣ, ଭଜନ କୀର୍ତ୍ତନ ଏବଂ ଅନ୍ନ ଭୋଜନ ଲାଗି ରହିଥିଲା। ହରିବୋଲ, ହୁଳହୁଳିରେ ମନ୍ଦିର ପରିସରରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠୁଥିଲା। ପ୍ରତ୍ୟେକ ପ୍ରତିଷ୍ଠା ଉତ୍ସବରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, କନ୍ତୋର ସରପଞ୍ଚ ସଂଯୁକ୍ତା, ବିଜେପି ନେତ୍ରୀ ବନଲତା ମହାନ୍ତି ସାହୁ,ବରିଷ୍ଠ ବିଜେପି ନେତା ଶରତ ସାହୁ, ପ୍ରଶାନ୍ତ କୁମାର ଦଳବେହେରା, ଦୁର୍ଗା ପ୍ରସାଦ ନାୟକ, ଅଜିତ ସାହୁ, ବିବସ୍ୱ ସାହୁ, ବୈଷ୍ଣବ ନାଥ, ଅନିଲ ସାହୁ, ଅରୁଣ ସାହୁ, ଅମରେଶ ସାହୁ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ନେଇଥିଲେ। ପ୍ରତ୍ୟେକ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଖବର ପ୍ରସାରଣ ପରେ ଚେତିଲା ଜନସ୍ୱାସ୍ଥ୍ୟ ବିଭାଗ

## ପାଇପ୍ ମରାମତି କାର୍ଯ୍ୟ ହେଲା ଆରମ୍ଭ

**କାମାକ୍ଷାନଗର,୨୬।୨/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୭ନଂ ୱାର୍ଡରେ ଦୀର୍ଘ ୨୦ ଦିନ ହେଲା ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ପାନୀୟଜଳ ପାଇପ୍ ଲାଇନ୍ ଫାଟି ରାସ୍ତା ଉପରେ ପାଣି ମାଡୁଥିଲା। ଯାହାଫଳରେ ସ୍କୁଲ୍ କଲେଜ୍ ଛାତ୍ରଛାତ୍ରୀ ଓ ଜନସାଧାରଣ ଯିବା ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତାସହ ପ୍ରତି ୱାର୍ଡକୁ ୩୫ ମି. ପାନୀୟଜଳ ଯୋଗାଇ ଦିଆଯାଉଛି। ପାଇପ୍ ଫାଟିବା ଫଳରେ ଲୋକମାନେ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ପାଇପାରୁ ନଥିଲେ। ଏହା ଦେଖି ୭ନଂ ୱାର୍ଡର କାଉନ୍‌ସିଲର ଅଭିମନ୍ୟୁ ପରିଡ଼ା ପିଏଚ୍‌ଡି ଅଧିକାରୀଙ୍କୁ ଜଣାଇଥିଲେ। ଦିର୍ଘ ୨୦ଦିନ ବିତି ଯାଇଥିଲେ ସୁଦ୍ଧା ଅଧିକାରୀ ଏହା ପ୍ରତୀ କୌଣସି ପଦକ୍ଷେପ ନେଇନଥିଲେ। ଗତକାଲି ଏହି ଖବର ଦୈନିକ ଖବରକାଗଜ ନିତିଦିନରେ ଖବର ପ୍ରକାଶ ହେବା ପରେ ଅଧିକାରୀ ନିଜର କିଛି ଷ୍ଟାଫ୍‌ଙ୍କୁ ପଠାଇ ପାଇପ୍‌ର ମରାମତି କରିଛନ୍ତି। ଫଳରେ ସେଇ ଅଞ୍ଚଳର କିଛି ବୁଦ୍ଧିଜୀବୀ ଖୁସିବ୍ୟକ୍ତ କରିବା ସହ ନିତିଦିନରେ ଖବର ପ୍ରକାଶ ହେବା ଯୋଗୁ ଆଜି ପାଇପ୍ ମରାମତି ହୋଇ ପାରିଲା ବୋଲି ଧନ୍ୟବାଦ୍ ଦେଇଛନ୍ତି।



## ଜଳଚକ୍ର, ସୋଲାର ପ୍ରଣାଳୀ ଓ ପ୍ରଦୂଷଣ ମୁକ୍ତ ପୃଥିବୀକୁ ନେଇ ସ୍ୱତନ୍ତ୍ର ବିଜ୍ଞାନ ପ୍ରଦର୍ଶନୀ

**କାମାକ୍ଷାନଗର,୨୬।୨/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସହର ସ୍ଥିତ ଜେଏମ୍‌ପି ମଡେଲ୍ ସ୍କୁଲ୍ ଠାରେ ଜଳଚକ୍ର, ସୋଲାର ପ୍ରଣାଳୀ ଏବଂ ପ୍ରଦୂଷଣ ମୁକ୍ତ ପୃଥିବୀ ଉପରେ ସଚେତନ କରିବାପାଇଁ ଏକ ସ୍ୱତନ୍ତ୍ର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଅତିରିକ୍ତ ଜିଲ୍ଲାପାଳ ବଟକୃଷ୍ଣ ମଲ୍ଲିକ, କାମାକ୍ଷାନଗର ଯୁକ୍ତତିନି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରେଣୁକା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଅବସରରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଜଳଚକ୍ର, ସୋଲାର ପ୍ରଣାଳୀ ଏବଂ ପ୍ରଦୂଷଣ ମୁକ୍ତ ପୃଥିବୀ ଗଠନ ଉପରେ ସ୍କୁଲର ତୃତୀୟ ଶ୍ରେଣୀ, ଚତୁର୍ଥ ଶ୍ରେଣୀ ଓ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ପ୍ରକଳ୍ପ ନିର୍ମାଣ କରିଥିଲେ। ସମୁଦାୟ ୮୦ଟି ପ୍ରକଳ୍ପ ନିର୍ମାଣ ହୋଇ ପ୍ରଦର୍ଶିତ ହୋଇଥିବା ବେଳେ ଅତିଥିମାନେ ପିଲାମାନଙ୍କୁ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝିବା ସହ ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ମନୋନୀତ କରିଥିଲେ। କାମାକ୍ଷାନଗର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଲିପ୍ସା ପ୍ରଧାନ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ବିଶେଷତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ଠାରୁ ଜାଣିବା ସହ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଜେଏମପି ମଡେଲ ସ୍କୁଲ୍‌ର ଅଧ୍ୟକ୍ଷ ଦୀନେଶ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁପ୍ରିୟା ଦାସ, ରାଜଲକ୍ଷ୍ମୀ ରାଉତ, ମୋନାଲିସା ପ୍ରିୟଦର୍ଶିନୀ,ସ୍ୱର୍ଣ୍ଣଲତା ନାହାକ, କଳ୍ପନା ନାୟକ, କରିସ୍ମା ଖୁଣ୍ଟିଆ, ସୁଚିସ୍ମିତା ତ୍ରିପାଠୀ, ଶ୍ରୁତିଲେଖା ପୃଷ୍ଟି, ରୁଚି ସିଂ, ଶୁଭଲକ୍ଷ୍ମୀ ଶତପଥୀ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଦେବାଶିଷ ମହାପାତ୍ର, ରଣବୀର ପ୍ରତାପ ବେହେରା, ଦେବୀ ପ୍ରସାଦ ସାହୁ, ସୁଧାଂଶୁ ଭୂଷଣ ରଣା, ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପ୍ରକଳ୍ପ ନିର୍ମାଣ ଓ ଏହାର ଉପଯୋଗିତା ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟର କର୍ମଚାରୀ ଶର୍ମିଷ୍ଠା ଦାସ ନର୍ମଦା ସାହୁ, ସୁଜିତ କୁମାର ସାହୁ, ସାରଳା ସାହୁ, ସୁମିତ୍ରା ନାଏକ କାର୍ଯ୍ୟକ୍ରମ ସହଯୋଗ କରିଥିବା ବେଳେ ଏହି ସ୍ୱତନ୍ତ୍ର ବିଜ୍ଞାନ ପ୍ରଦର୍ଶନୀ ପାଇଁ ବିଦ୍ୟାଳୟର ସମ୍ପାଦକ ଚିରଞ୍ଜୀବ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



## ନାଗପୁରରେ ଅଷ୍ଟପ୍ରହରୀ ନାମଯଜ୍ଞ

**କେନ୍ଦ୍ରାପଡ଼ା,୨୬।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ବ୍ଲକ୍ ଓସ୍ତପୁର ପଞ୍ଚାୟତ ନାଗପୁର ମା'ବୁଢୀ ଜାଗୁଲାଇ ମନ୍ଦିର ପ୍ରାଙ୍ଗଣରେ ସପ୍ତଦିନ ବ୍ୟାପୀ ଭାଗବତ ପାରାୟଣ ଓ ଅଷ୍ଟମପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଶୁଭାଧିବାସ, ବୁଧବାର ନାମସଂକୀର୍ତ୍ତନ ଓ ଗୁରୁବାର ନଗରସ୍ନାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ୨୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ନାଗପୁର ଗ୍ରାମବାସୀମାନଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା।

## ପ୍ରାକ୍ତନ ପଞ୍ଚାୟତ କର୍ମଚାରୀଙ୍କ ପରଲୋକ

**ରାଜନଗର,୨୬।୨/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ସାନବଡ଼ଗୋପାଳପୁର ପଞ୍ଚାୟତର ପ୍ରାକ୍ତନ କର୍ମଚାରୀ ବୃନ୍ଦାବନ ବଳଙ୍କ ଦେହାନ୍ତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ତାଙ୍କ ଜଗନ୍ନାଥପୁର ବାସଭବନରେ ପରଲୋକ ହେବା ଖବରପାଇ ଜିଲ୍ଲାପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ହୃଦ୍‌ଘାତରେ ଗ୍ରାମ୍ୟ ସଂପାଦକଙ୍କ ଅକାଳ ବିୟୋଗ

**ତାଳଚେର,୨୬।୨/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ କଳମଛୁଇଁ ଗ୍ରାମ୍ୟ ସଂପାଦକ ଯୁଗଳ କିଶୋର ସାହୁ(୫୯)ଙ୍କ ବୁଧବାର ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ଗତକାଲି ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ସ୍ଥାନୀୟ ସେଣ୍ଟ୍ରାଲ ହସ୍‌ପିଟାଲକୁ ଯାଇ ଚିକତ୍ସିତ ହେଉଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ବେଳେ ରାସ୍ତାରେ ପରଲୋକ ହୋଇଗଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ମାତ୍ରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଆଜି ସକାଳେ ଶ୍ରୀ ସାହୁଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ସମଗ୍ର କଳମଛୁଇଁ ଗ୍ରାମ ପରିକ୍ରମା କରାଯାଇଥିଲା। ସେ ଜଣେ ମିଷ୍ଟଭାଷୀ, କର୍ତ୍ତବ୍ୟନିଷ୍ଠ, ପରୋପକାରୀ ବ୍ୟକ୍ତି ଭାବରେ ପରିଚିତ ଥିଲେ। ତାହା ସହ ଜଣେ ସୁସଂଗଠକ ତଥା ଶିକ୍ଷାବିତ୍ ଭାବରେ ଆଖପାଖ ଅଞ୍ଚଳରେ ପରିଚିତ ଥିଲେ। କଳମଛୁଇଁ ଗ୍ରାମ୍ୟ କମିଟିରେ ସେ ଦୀର୍ଘଦିନଧରି ସଂପାଦକ ଦାୟିତ୍ୱ ସୁଚାରୁ ରୂପେ ତୁଲାଉଥିଲେ। ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣିରେ ଜଣେ ବରିଷ୍ଠ କ୍ଲର୍କ ଭାବରେ ସେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ସାଂସଦ ମହେଶ ସାହୁ, ୧୮ନଂ ଜିଲ୍ଲା ପରିଷଦ ସଦସ୍ୟ ଅମୀୟ କୁମାର ପ୍ରଧାନ, କଳମଛୁଇଁ ସରପଞ୍ଚ ଅନୀଲ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ସମାଜସେବୀ ଗଗନ ବିହାରୀ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶଶ୍ମାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।



### ଅନୁକମ୍ପାମୂଳକ ନିଯୁକ୍ତି ମେଳା

# ୪୦ଙ୍କୁ ନିଯୁକ୍ତିପତ୍ର ବଣ୍ଟନ କଲେ ଜିଲ୍ଲାପାଳ




**କେନ୍ଦ୍ରାପଡ଼ା,୨୬।୨/ଏନ୍‌ଏନ୍‌ଏସ୍:** ଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁବରଣ କରିଥିବା ସରକାରୀ କର୍ମଚାରୀଙ୍କୁ ପରିବାର ଜଣଙ୍କୁ ଅନୁମୋଦନମୂଳକ ନିଯୁକ୍ତି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୧୧୭୭୧ ତା. ୪।୪।୨୦୨୫ରେ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ପତ୍ର ସଂଖ୍ୟା ୧୪୩୨୭ ତା. ୪।୦୩।୨୦୧୭ର ନିୟମାବଳୀ ଅନୁସାରେ କାଉନ୍‌ସିଲିଂ ପ୍ରକ୍ରିୟାରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ୪୦ ଜଣଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯାଇଛି। ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ରଘୁରାମ ଆର ଆୟର ଉକ୍ତ ୪୦ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ। ସମଗ୍ର ରାଜ୍ୟରେ ଜିଲ୍ଲାରେ ଏକକାଳୀନ ନିଯୁକ୍ତି ପତ୍ର ପ୍ରଦାନ କରିବାରେ କେନ୍ଦ୍ରାପଡ଼ା ଜିଲ୍ଲା ସର୍ବାଧିକ ଭାବେ ପରିଗଣିତ ହୋଇଛି। ଜିଲ୍ଲାପାଳ ନିଯୁକ୍ତି ପତ୍ର ବଣ୍ଟନ କରିବା ସହ ସମସ୍ତଙ୍କୁ ଶୁଭ କାମନା ଜ୍ଞାପନ କରି ନିଜ ନିଜ କାମରେ ସାଧୁତା ଓ ନିଷ୍ଠାବାନ ଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ୍ ମଣ୍ଡଳ ଅଧିକାରୀ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂ ପ୍ରମୁଖ ଯୋଗ ଦେଇଥିଲେ। ନିଯୁକ୍ତି ପତ୍ର ପାଇଥିବା ବ୍ୟକ୍ତିମାନେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରିବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

## ଓଡ଼ିଶୀ ନୃତ୍ୟଶିଳ୍ପୀ ଦ୍ରିଷ୍ଟି ଦେବ୍ୟାନିଙ୍କୁ ପିନାକିଲ୍ ସମ୍ମାନ

**ତାଳଚେର,୨୬।୨/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ ଡଅଁରା ଗ୍ରାମର ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ଦ୍ରିଷ୍ଟି ଦେବ୍ୟାନି ଦେହୁରୀଙ୍କୁ ପିନାକିଲ୍ ଆୱାର୍ଡ -୨୦୨୬ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରୁ ପ୍ରକାଶିତ ଦୈନିକ ଇଂରାଜୀ ଖବରକାଗଜ ଏରାଉଣ୍ଡ ଓଡ଼ିଶା ପକ୍ଷରୁ ଏକ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍‌ଘାଟକ ଭାବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବରେ ବିଧାୟକ ପ୍ରଶାନ୍ତ ଜଗ୍‌ଦେବ, ବିଧାୟକ ବାବୁ ସିଂହ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ଏରାଉଣ୍ଡ ଓଡ଼ିଶାର ସଂପାଦକ ବଂଶୀଧର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଜଣେ ପ୍ରତିଭାବାନ ତଥା ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ ଶିଳ୍ପୀ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଦ୍ରିଷ୍ଟି ଦେବ୍ୟାନିଙ୍କୁ ଅତିଥିମାନେ ଉତ୍ତରୀୟ,ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ଏଭଳି ସଫଳତା ତାଳଚେର ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବା ବେଳେ ବହୁ ଅନୁଷ୍ଠାନ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ, ଜଣେ ଦିବ୍ୟାଙ୍ଗ ଭାବରେ ଜନ୍ମଲାଭ କରିଥିବା ଦ୍ରିଷ୍ଟି ଓଡ଼ିଶୀ ନୃତ୍ୟ ପରିବେଷଣ କରିବାରେ ରୁଚି ରଖନ୍ତି। ଦ୍ରିଷ୍ଟିଙ୍କ ପିତା ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣିରେ ଜଣେ ଫୋର୍‌ମ୍ୟାନ ଇନ୍‌ଚାର୍ଜ ଭାବରେ କାର୍ଯ୍ୟ କରୁଥିବା ବେଳେ ମା' ପ୍ରିୟଦର୍ଶିନୀ ପରିଡ଼ା ଜଣେ ସୁଗୃହିଣୀ। ସେ କଳିଙ୍ଗ ଡିଏଭି ପବ୍ଲିକ ସ୍କୁଲ୍‌ର ଛାତ୍ରୀ ଅଟନ୍ତି। ଭବିଷ୍ୟତରେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରିବାକୁ ସେ ଆଗ୍ରହୀ ବୋଲି କହିଛନ୍ତି।



## ଏଟିଏମ୍ ମେସିନ୍ ଅଚଳ, ଲୋକେ ହନ୍ତସନ୍ତ

**ଧର୍ମଶାଳା,୨୬।୨/ଏନ୍‌ଏନ୍‌ଏସ୍:** ବ୍ୟାଙ୍କ୍ ଏଟିଏମ୍ ମେସିନ୍ ଖରାପ ହବା ସେଥିରେ ଟଙ୍କା ନରହିବା ଲୋକଙ୍କ ପାଇଁ ନିତିଦିନିଆ ଘଟଣା ହୋଇଥିବା ବେଳେ, ଷ୍ଟେଟ୍ ବ୍ୟାଙ୍କ୍‌ର ରହିଥିବା ଡିପୋଜିଟ ଏଟିଏମ ମେସିନ୍ ଏକମାସ ହେବ ବାରମ୍ଵାର ଖରାପ ରହୁଥିବାରୁ ବ୍ୟାଙ୍କର ବହୁ ଗ୍ରାହକ ଟଙ୍କା ଡିପୋଜିଟ କରିବା ପାଇଁ ଆସି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଲୋକଙ୍କ ଠାରୁ ଶୁଣିବାକୁ ମିଳୁଛି। ଏପରି ଘଟଣା ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ୍ ଜାରକା ବଜାରରେ ଷ୍ଟେଟ୍‌ବ୍ୟାଙ୍କ୍ ପରିସରରେ ଡିପୋଜିଟ ଏଟିଏମ ମେସିନ ରହିଛି । ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ଏହି ବ୍ୟାଙ୍କ୍‌ରେ ବହୁତ ଆକାଉଣ୍ଟ ଖୋଲିଥିବା ଗ୍ରାହକ ରହିଛନ୍ତି। ଧର୍ମଶାଳା ବ୍ଲକ୍‌ର ୪୫ ପଞ୍ଚାୟତର ଜନସାଧାରଣ ଏହି ବ୍ୟାଙ୍କ ଉପରେ ନିର୍ଭର କରନ୍ତି। ପ୍ରତିଦିନ ଶହ ଶହ ଲୋକେ ଟଙ୍କା ଡିପୋଜିଟ୍ ଓ ଉଠାଇବା ପାଇଁ ବ୍ୟାଙ୍କ୍ ଭିତରେ ଭିଡ଼ ଲଗାନ୍ତି। ଏକମାତ୍ର ଟଙ୍କା ଉଠାଇବା ଏଟିଏମ୍ ମେସିନର ବ୍ୟବସ୍ଥା ରହିଥିବା ବେଳେ ଲୋକଙ୍କୁ ଡିପୋଜିଟ କରିବା ପାଇଁ ବ୍ୟାଙ୍କରେ ଲମ୍ବା ଲାଇନରେ ଠିଆ ହୋଇ ଅପେକ୍ଷା କରିବାକୁ ପଡୁଥିଲା। ଏହିସବୁ ଅସୁବିଧା ଦୃଷ୍ଟିରେ ରଖି ବ୍ୟାଙ୍କ୍‌ର ବହୁ ଗ୍ରାହକ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଡିପୋଜିଟ ଏଟିଏମ ମେସିନ ବସାଇବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ। ବ୍ୟାଙ୍କ ତରଫରୁ ମାତ୍ର କିଛିବର୍ଷ ହେବ ଏହି ଡିପୋଜିଟ ଏଟିଏମ ମେସିନ ବସିଥିଲା। ଲୋକମାନେ ବ୍ୟାଙ୍କରେ ଭିଡ଼ ନଲଗାଇ ସୁବିଧାରେ ଏହି ଏଟିଏମ୍‌ରେ ଡିପୋଜିଟ କରନ୍ତି । କିନ୍ତୁ ଏବେ ଅନେକ ସମୟରେ ଏହି ଏଟିଏମ୍ ମେସିନ୍ ଖରାପ ରହୁଥିବାର ଦେଖିବାକୁ ମିଳୁଛି।




### ମଣ୍ଡିରେ ଅବ୍ୟବସ୍ଥା, ନାଁ ହୃଦ୍‌ଘାତ

## ସନ୍ଦେହ ଘେରରେ ଚାଷୀଙ୍କ ମୃତ୍ୟୁ

**ରାଜନଗର,୨୬।୨/ଏନ୍‌ଏନ୍‌ଏସ୍:** ସନ୍ଦେହ ଘେରରେ ଚାଷୀ ମୃତ୍ୟୁ। ରାଜନଗର ବ୍ଲକ୍ ଡାଙ୍ଗମାଳ ସେବା ସମବାୟ ସମିତିରେ ଚାଷୀ ଧାନ ଦେଇ ନପାରି ମିଲ୍‌କୁ ଆଣିବା ଓ ଆଖି ସ୍କାନ୍ କରି ନପାରି ଟଙ୍କା ନ ପାଇବା ଦୁଃଖରେ ମୃତ୍ୟୁ ହେବା ଅଭିଯୋଗ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ସେବା ସମବାୟ ସମିତି ଅଧୀନରେ ଥିବା ଜୁଣଗଡି ଗ୍ରାମର ଚାଷୀ ତ୍ରିଲୋଚନ ନାୟକ(୫୨) ସେହି ଦୁଃଖରେ ଭାଙ୍ଗି ପଡ଼ିଥିବା ସହ ହୃଦ୍‌ଘାତରେ ଜୀବନ ଯାଇଥିବା ନେଇ ତାଙ୍କ ବଡ଼ଭାଇ ଦୁର୍ଯ୍ୟୋଧନ ନାୟକ ଅଭିଯୋଗ କରିଛନ୍ତି। ତାଙ୍କ ବଡ଼ ଭାଇଙ୍କ ଅଭିଯୋଗ ମୁତାବକ ଜାନୁଆରୀ ୧୬ ତାରିଖରେ ଧାନ ମଣ୍ଡିରେ ଦେବାକୁ ଟୋକନ ଆସିଥିଲେ ମଧ୍ୟ ଚଳିତ ମାସ ଫେବୃଆରୀ ୨୫ରେ ଟୋକନ ଦେଇ ମିଲ୍‌ରେ ଧାନ ଦେବାକୁ ସମ୍ପାଦକ କହିଥିଲେ। ମୋ ଭାଇର ମୃତ୍ୟୁ ପାଇଁ ସମ୍ପାଦକ ଓ ପ୍ରଶାସନ ଦାୟୀ ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏନେଇ ସମବାୟ ସମିତି ଦାୟିତ୍ୱରେ ଥିବା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ୧୪ ତାରିଖରେ ତାଙ୍କର ଟୋକନ ଥିବାରୁ ୩୮କ୍ୟୁଣ୍ଟାଲ୍ ୯୦ କେଜିର ଧାନ ଦେବା ପାଇଁ ଟୋକନ୍ ଦିଆଯାଇଥିଲା। ସେ ମଧ୍ୟ ମଣ୍ଡିରେ ଧାନ ଦେଇଥିଲେ। ଚଳିତ ମାସ ୧୭ ତାରିଖ ଦିନ ଆଖି ସ୍କାନ କରାଯିବା ସହ ତାଙ୍କ ଆକାଉଣ୍ଟକୁ ଟଙ୍କା ମଧ୍ୟ ଯାଇଥିଲା। ତେଣୁ ମଣ୍ଡିରେ ଧାନ ଦେବା ଘଟଣାରେ ଜୀବନ ଯାଇଥିବା ଅଭିଯୋଗ ମିଥ୍ୟା ଅଟେ। ଏନେଇ ତହସିଲ୍‌ଦାର ଯୀଶୁକ୍ରିଷ୍ଣ ଦାସଙ୍କୁ ପଚାରିବାରୁ ଏ ଖବର ମୁଁ ଜାଣିବା ପରେ ଡାଙ୍ଗମାଳ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ଯାଇଥିଲି। ସମସ୍ତ କାଗଜପତ୍ରର ତନଖି କରିଥିଲି। ତ୍ରିଲୋଚନ ନାୟକଙ୍କୁ ଧାନ ମଣ୍ଡିରେ ଦେବାକୁ ଟୋକନ ଦିଆଯାଇଛି। ଆଖି ସ୍କାନ କରାଯାଇଛି ଏବଂ ତାଙ୍କ ଜମା ଖାତାକୁ ଫେବୃଆରୀ ୧୭ ତାରିଖରେ ଟଙ୍କା ଆସିଯାଇଥିବା ଜଣାପଡ଼ିଛି। ତାଙ୍କ ବଡ଼ଭାଇ କରିଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି। ଏହାକୁ ନେଇ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଦୋଳ ଗୋବିନ୍ଦ ସାହୁ ଚାଷୀ ତ୍ରିଲୋଚନର ମୃତ୍ୟୁ ପାଇଁ ମଣ୍ଡି ବ୍ୟବସ୍ଥା ଓ ବିଶେଷ କରି ପ୍ରଶାସନ ଦାୟୀ ବୋଲି ସେ ଅଭିଯୋଗ କରିଛନ୍ତି। ତ୍ରିଲୋଚନଙ୍କ ବଡ଼ଭାଇ କରିଥିବା ଅଭିଯୋଗ ଅନୁଯାୟୀ, ଫେବୃଆରୀ ୨୫ରେ ସମ୍ପାଦକ ଟୋକନ୍ ଦେଇଥିଲେ। ମାତ୍ର ସମ୍ପାଦକ ପ୍ରମାଣ ଦେଇଛନ୍ତି ୧୭ ତାରିଖରେ ତ୍ରିଲୋଚନଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି। ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ଗତକାଲି (ବୁଧବାର) ରାତି ପ୍ରାୟ ସାଢ଼େ ୮ଟା ସମୟରେ ତ୍ରିଲୋଚନର ମୃତ୍ୟୁ ହୋଇଥିଲେ ମଧ୍ୟ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡିଛି।



# ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ୍ ଓ କ୍ଷତିପୂରଣ ଦାବି



**ବାଲେଶ୍ୱର,୨୬।୨/ଏନ୍ଏନ୍ଏସ୍:** ଜିଲ୍ଲାର ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ବାଣିଦା ଗ୍ରାମର ଯୋଡ଼ାଗଡ଼ିଆ ପୋଖରୀ ଆଡ଼ିରେ ଦୀର୍ଘ ବର୍ଷ ଧରି ଛୋଟ ଦୋକାନ କରି ଜୀବିକା ନିର୍ବାହ କରୁଥିବା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ଜୀବନ ଜିଇଁବା ପାଇଁ ସେମାନଙ୍କ ପାଖରେ ଅନ୍ୟ କୌଣସି ପନ୍ଥା ନାହିଁ। ସେଥିପାଇଁ ସିପିଆଇ(ଏମ୍) ପକ୍ଷରୁ ଉକ୍ତ ଗ୍ରାମରେ ବିକଳ୍ପ ସ୍ଥାନରେ ଏହି ଯୋଜନା କରିବାକୁ ପ୍ରସ୍ତାବ ରଖାଯାଇଥିଲା। ହେଲେ ପ୍ରଶାସନ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ ନକରି ତରବରିଆ ଭାବେ ସେମାନଙ୍କୁ ଉଚ୍ଛେଦ କରିଛି। ତେଣୁ ସିପିଆଇ(ଏମ୍) ଜଳେଶ୍ୱର ଆଞ୍ଚଳିକ କମିଟି ଉଚ୍ଛେଦ ହୋଇଥିବା ଦୋକାନୀଙ୍କ ରୋଜି-ରୋଟି ପାଇଁ ବିକଳ୍ପ ସ୍ଥାନରେ ଦୋକାନ ବସାଇବା ସହ ଦୋକାନ ଘର କରିବା ପାଇଁ ସରକାର ଓ ପ୍ରଶାସନ ସାହାଯ୍ୟ କରନ୍ତୁ କିମ୍ବା ଘର ଭାଙ୍ଗି କ୍ଷତିପୂରଣ ଦିଅନ୍ତୁ ବୋଲି ପାର୍ଟିର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି, ପଲଟୁ ଦାସ, ଗୌରୀକାନ୍ତ ମହାନ୍ତି, ମମି ପଣ୍ଡା, ସବିତା ଭୂୟାଁ, ଅରୁଣ ଜେନା, ଝରଣା ଘଡ଼ାଇ, କୁନା ଟୁଡୁ, ଉଜ୍ଜଳ ମହାନ୍ତି ଓ ଦୀପକ ଦାସ ପ୍ରମୁଖ ଘଟଣାସ୍ଥଳ ଗସ୍ତ ପୂର୍ବକ ଏହି ଦାବି କରିଛନ୍ତି।

# ସରକାରୀ ନିୟମକୁ ଫୁଁ', ବେଧଡ଼କ ଚାଲିଛି ଇଟା ଭାଟି

**ସୋର,୨୬।୨/ଏନ୍ଏନ୍ଏସ୍:** ଚଳିତ ବର୍ଷ ଆସିଥିବା ସର୍ଭେ ରିପୋର୍ଟ ଅନୁସାରେ ବାଲେଶ୍ୱର ଜିଲ୍ଲା ପ୍ରଦୂଷଣରେ ରାଜ୍ୟର ୧ ନମ୍ବର୍ ତାଲିକାରେ ରହିଛି। ଏହାସତ୍ତ୍ୱେ ଜିଲ୍ଲାର ସୋର ବ୍ଲକ୍‌ରେ ବେଧଡ଼କ ଚିମିନି ଇଟା ଭାଟି ଚାଲିଛି। ସୋର ବ୍ଲକ୍‌ର ଚମ୍ପୁ ଛକଠାରୁ ପାହାଡ଼ ପାର୍ଶ୍ୱ ଅଞ୍ଚଳରେ ଛତୁ ଫୁଟିବା ଭଳି ଇଟା ଭାଟି ଗଢ଼ି ଉଠିଛି। ପ୍ରଶାସନ ପକ୍ଷରୁ ୧୬୩ ଧାରା ଲାଗୁ କରାଯାଇଥିବାବେଳେ ସମସ୍ତ ଧାରାକୁ ଉଲ୍ଲଙ୍ଘନ କରି ଚିମିନି ଇଟା ଭାଟି ମାଲିକମାନେ ମନଇଚ୍ଛା ଭାଟି ଚଳାଇ ମାଲାମାଲ୍ ହେଉଛନ୍ତି। ଏହାର ପରିଣାମ ନିରୀହ ଜନସାଧାରଣ ଭୋଗ କରୁଛନ୍ତି। ଇଟା ଭାଟିରୁ ବାହାରୁଥିବା ଧୂଆଁ ଓ ପାଉଁଶ ପରିବେଶକୁ ଦୂଷିତ କରୁଥିବାବେଳେ ସ୍ଥାନୀୟ ଲୋକମାନେ ବିଭିନ୍ନ ଚର୍ମ ସହ ଫୁସ୍‌ଫୁସ୍ ଜନିତ ସଂକ୍ରମଣ ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ ହେଉଛି।

ସୋରର ଚମ୍ପୁ ଛକ ଥିବା ଦେବୀ ଇଟା ଭାଟିରୁ ଆରମ୍ଭ କରି ମହୁମୁହାଣ ପଞ୍ଚାୟତ ପଥର କଟା ପର୍ଯ୍ୟନ୍ତ ବିଭିନ୍ନ ଇଟା ଭାଟି ଗୁଡ଼ିକ ବେଧଡ଼କ୍ ଚାଲୁଥିବା ଜଣାପଡ଼ିଛି। ଏନେଇ



ସୋର ତହସିଲଦାର୍, ପୁଲିସ୍, ଖଣି ବିଭାଗ ଅଧିକାରୀ ଓ ଜିଲ୍ଲା ପ୍ରଶାସନ କୌଣସି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ସିଙ୍ଗାଖୁଣ୍ଟା ଓ ଦିଗି ଭଅଁରା ଅଞ୍ଚଳରେ ଜିଲ୍ଲା ପ୍ରଶାସନ ଗଢ଼ି ଉଠିଥିବା ଚଦର ଇଟା ଭାଟି ଗୁଡ଼ିକ ଉପରେ ଚଢ଼ଉ କରି ଭାଙ୍ଗି ଦେଇଥିବାବେଳେ ମୁଖ୍ୟ ରାସ୍ତାପାର୍ଶ୍ୱରେ ଅନ୍ୟ କିଛି ଚଦର ଓ ଚିମିନି ଭାଟି ମାଲିକଙ୍କ ଉପରେ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଛି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ସମୀକ୍ଷା**

# ନୀତି ଆୟୋଗ କର୍ମକର୍ତ୍ତାଙ୍କ ତେଲକୋଇ ଗସ୍ତ



**ତେଲକୋଇ,୨୬।୨/ଏନ୍ଏନ୍ଏସ୍:** ଦିଲ୍ଲୀ ନୀତି ଆୟୋଗର କର୍ମକର୍ତ୍ତା ସୁଶ୍ରୀ ଏପିକା ଶର୍ମା ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ସମୀକ୍ଷା ପାଇଁ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଗସ୍ତ କରିଛନ୍ତି। ଏହି ଅବସରରେ ଏପିକା ଶର୍ମା ପ୍ରଥମେ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ମଲ୍ଲିକ, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ନାୟକ, ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ପି ସତ୍ୟମ୍, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୀମା ଦାସଙ୍କ ସମେତ ସମସ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ସମସ୍ତ ବିଭାଗର ସୂଚକାଙ୍କ ସମ୍ପୂର୍ଣ୍ଣତା ଅଭିଯାନର ହାସଲ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଅଧିକାରୀମାନେ ନିଜ ବିଭାଗର ସମସ୍ୟା ଜଣାଇଥିଲେ। ନୀତି ଆୟୋଗ ଅଧିକାରୀ ଏହାର ବିହିତ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ନୀତି ଆୟୋଗ ଅଧିକାରୀ ସଲେଇକେନା ଗ୍ରାମର ଅଙ୍ଗନବାଡ଼ି ୩, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଶିଶୁ, ମହିଳା ଓ ସ୍ଥାନୀୟ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାସହ ଓରିୟା ପଞ୍ଚାୟତର କତରାପାଲିସ୍ଥିତ ବାଲିସାହି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ସମସ୍ୟା ଉପରେ ଆଲୋଚନା କରିଥିଲେ।

# ପିଲାଚୋରି ଗୁଜବ ରୋକିବାକୁ ସଚେତନତା



**ବାରିପଦା,୨୬।୨/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲାରେ ପିଲାଚୋରି ଗୁଜବ ଭୟଙ୍କର ପରିସ୍ଥିତିରେ ପହଞ୍ଚିଛି। ପିଲାଚୋର ସନ୍ଦେହରେ ଅଜଣା ବ୍ୟକ୍ତିଙ୍କୁ ଗୋଷ୍ଠୀଗତ ଆକ୍ରମଣ ଫଳରେ ନିରୀହ ସାଧାରଣ ଲୋକ ଆହତ ହେବାସହ ମୃତ୍ୟୁ ମଧ୍ୟ ଘଟୁଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି ସାମ୍ବାଦିକ ସମ୍ମିଳନୀ କରିଥିବାବେଳେ ଗୁରୁବାର ବାରିପଦା ସଦର ଥାନାରେ ସ୍ଥାନୀୟ ବୁଦ୍ଧିଜୀବୀ ପିଆର୍‌ଆଇ ମେମ୍ବର୍‌ଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ, ବାରିପଦା ଏସ୍‌ଡିପିଓ ପ୍ରଭାତ କୁମାର କୁମାର ମଲ୍ଲିକ, ବାରିପଦା ସଦର ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା, ଶ୍ୟାମାଖୁଣ୍ଟା ଏବିଡିଓ ଅଜୟ କୁମାର ଦେହୁରୀ ଓ ଶ୍ୟାମାଖୁଣ୍ଟା ତହସିଲଦାର୍ ପ୍ରମୁଖ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ କୌଣସି ପିଲା ଚୋର ନାହାନ୍ତି ଏଣୁ ଗୁଜବ ଉପରେ ବିଶ୍ୱାସ ନକରି ସ୍ଥାନୀୟ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ।

# ୫ରୁ ଜିଲ୍ଲାସ୍ତରୀୟ ୟୁଥ୍ ପାର୍ଲାମେଣ୍ଟ୍

**ବାଲେଶ୍ୱର,୨୬।୨/ଏନ୍ଏନ୍ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମାର୍ଚ୍ଚ ୫ ତାରିଖ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ-୨୦୨୬' ଅନୁଷ୍ଠିତ ହେବାକୁ ଯାଉଛି। କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ

'ଜରୁରିକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗୀମାନେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ବକ୍ତୃତା ପ୍ରଦାନ କରିପାରିବେ। ଜିଲ୍ଲାର ୧୮ରୁ ୨୫ ବର୍ଷ ବୟସ୍କ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଯୁବବର୍ଗ 'ମାଇଁ ଭାରତ' ପୋର୍ଟାଲ୍ ମାଧ୍ୟମରେ ନିବନ୍ଧନ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏଥିରେ ପାଖାପାଖି ୨୦୦ ପ୍ରତିଯୋଗୀ ଭାଗନେବାର ବ୍ୟବସ୍ଥା ରହିଛି। ଏଥିରୁ ୫ ଜଣ ପ୍ରତିଭାଶାଳୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ଏବଂ ସେଠାରୁ ୩ ଜଣ କେନ୍ଦ୍ରସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ପାଇଁ ଗଠିତ ସମନ୍ୱୟ କମିଟିର ସଦସ୍ୟମାନେ ହେଲେ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ (ସମନ୍ୱୟକର୍ତ୍ତା), ଏନ୍ଏସ୍ଏସ୍ ବ୍ୟୁରୋ ଏମ୍ ବିଘ୍ନେଶ (ଯୁବ ଅଧିକାରୀ, ନେହେରୁ ଯୁବକେନ୍ଦ୍ର, ବାଲେଶ୍ୱର, ଡ. ପ୍ରତିମା ପ୍ରଧାନ(ଜିଲ୍ଲା ଏନ୍ଏସ୍ଏସ୍ ଅଧିକାରୀ), ଗୌରାଙ୍ଗ ପଣ୍ଡା (ପୂର୍ବତନ




ଏନ୍ଏସ୍ଏସ୍ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ), ଅଭୟ ନାୟକ (କାର୍ଯ୍ୟକ୍ରମ ଅଧିକାରୀ, ଏଫ୍ଏମ୍‌ୟୁ, ଏନ୍ଏସ୍ଏସ୍) ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀବୃନ୍ଦ। ଯୁବବର୍ଗଙ୍କୁ ଭାରତର ବିକାଶ ପ୍ରକ୍ରିୟାରେ ସାମିଲ୍ ସହ 'ବିକଶିତ ଭାରତ' ଅଭିଯାନରେ ସେମାନଙ୍କ ମତାମତକୁ ପ୍ରାଧାନ୍ୟ ଦେବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଚିନ୍ମୟ ଦାସ ପଟ୍ଟନାୟକ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ




**ବାରିପଦା,୨୬।୨/ଏନ୍ଏନ୍ଏସ୍:** ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଓଡ଼ିଶାର ପ୍ରତିଷ୍ଠିତ ନାଟ୍ୟସଂସ୍ଥା 'ଶତାବ୍ଦୀର କଳାକାର'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ୨୮ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ ଓ ସଂଗଠକ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ଉପଢ଼ୌକନ, ମାନପତ୍ର, ଟ୍ରଫି ଓ ୫ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ 'ରବୀନ୍ଦ୍ର ସମ୍ମାନ'ରେ ସମ୍ମାନିତ କରାଯାଇଛି। ପ୍ରକାଶଥାଉକି ମଞ୍ଚ ନାଟକ, ବେତାର, ଟେଲିଭିଜନ୍ ଓ ଚଳଚ୍ଚିତ୍ର ଜଗତକୁ ଉଲ୍ଲେଖନୀୟ ଅବଦାନ ସହ ଜଣେ ବଳିଷ୍ଠ ନାଟ୍ୟ ସଂଗଠକ ଭାବେ ସେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ମୟୂରଭଞ୍ଜର ବାରିପଦା ବାସିନ୍ଦା ଶ୍ରୀ ଦାସ ପଟ୍ଟନାୟକଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରଶଂସା ଓ ଅଭିନନ୍ଦନର ସୁଅ ଛୁଟିଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ଅଭିନେତା ତଥା ବିଧାୟକ ଆକାଶ ଦାସନାୟକ, ସମାଜସେବୀ ଜଗନ୍ନାଥ ପ୍ରଧାନ, ସମ୍ବାଦ ଓ କନକ ଟିଭିର ମୁଖ୍ୟ ତନୟା ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଡଃ ଗୌରହରି ଦାସ, ଲେଖକ ଶଙ୍କର ତ୍ରିପାଠୀ, ନିର୍ଦ୍ଦେଶକ ତଥା ସଂସ୍ଥାର ସାଧାରଣ ସମ୍ପାଦକ ଧୀର ମଲ୍ଲିକଙ୍କ ଶ୍ରୀ ଦାସ ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଜିଲ୍ଲା ସଞ୍ଚାଳନ ସମିତି ବୈଠକ

**କେନ୍ଦୁଝର,୨୬।୨/ଏନ୍ଏନ୍ଏସ୍:** ଗ୍ରାମପଞ୍ଚାୟତସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସଞ୍ଚାଳନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲାପରିଷଦ) ଅଧ୍ୟକ୍ଷତା କରିଥିଲେ। ରାଜ୍ୟସ୍ତରୀୟ ପରିମଳ ପରାମର୍ଶଦାତା ତଥା ୟୁନିସେଫ୍ ରିସୋର୍ସ ପର୍ସନ୍ ଭାବେ ଯୋଗେନ୍ଦ୍ର ସିଂ ଯୋଗ ଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗୃହ ଓ ନଗରଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାର ଚାରିଗୋଟି ବ୍ଲକର ମୋଟ ୮୪ଟି ଗ୍ରାମ ପଞ୍ଚାୟତରୁ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ କାର୍ଯ୍ୟକ୍ରମ ଅଧୀନରେ ସଂଗ୍ରହ କରାଯାଉଥିବା ଶୁଖିଲା ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ସିଧାସଳଖ ଭାବରେ ଗୃହ ଓ ନଗରଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ପାଞ୍ଚୋଟି ନଗର ପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା। ଜିଲ୍ଲାର ଆନନ୍ଦପୁର, କେନ୍ଦୁଝରଗଡ଼, ଯୋଡ଼ା ଓ ବଡ଼ବିଲ ପୌରପରିଷଦ ସହ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳରେ ନିର୍ମାଣ ହୋଇଥିବା ଏମ୍‌ଆର୍‌ଏଫ୍ ଗୁଡ଼ିକୁ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯିବା ସହ ଏହାକୁ ସୁଚାରୁ ରୂପେ ପରିଚାଳନା କରିବା ଲାଗି ଏକ ରୁଟ୍ ଚାର୍ଟ ପ୍ରସ୍ତୁତ କରିବାକୁ ଆଲୋଚନା ହୋଇଥିଲା। ଏଥିସହ ଜିଲ୍ଲାର ମୋଟ୍ ୨୨ଟି ପର୍ଯ୍ୟଟନସ୍ଥଳୀ ଓ ଏହା



ସଂଲଗ୍ନ ମୁଖ୍ୟରାସ୍ତା ପାର୍ଶ୍ୱ ପର୍ଯ୍ୟଟକ ପ୍ରଭାବିତ ଗ୍ରାମ ସହ ଏହା ଅନ୍ତର୍ଗତ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ବ୍ୟବସାୟିକ ପ୍ରତିଷ୍ଠାନ, ସହାରାଞ୍ଚଳରେ ନିତିଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ପରିମାଣର ସର୍ଭେ କରାଯାଇ ଏହି ପର୍ଯ୍ୟଟନ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ନିୟମିତ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବ। ଏହାସହ ଏହି ଅଞ୍ଚଳର ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗରଉନ୍ନୟନ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସରେ ଏକ କାର୍ଯ୍ୟକ୍ରମ କରାଯିବାକୁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧି, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପୌରପରିଷଦ ଓ କରଞ୍ଜିଆ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପରିମଳ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ଜଳ ଓ ପରିମଳ ମିଶନ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ କିଭଳି ଭାବେ ସୁଚାରୁ ରୂପେ ତ୍ୱରାନ୍ୱିତ କରାଯିବ ସେନେଇ ଆଲୋକପାତ କରିବା ସହ ଧନ୍ୟବାଦ ଦେଇଥିଲେ।

# କାର୍‌କୁ ପଛରୁ ପିଟିଲା ଆଇଚର୍

**ସୋର,୨୬।୨/ଏନ୍ଏନ୍ଏସ୍:** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ୍ ନିକଟରେ ଏକ ଆଇଚର୍ ଏବଂ ଏକ କାର୍ ମଧ୍ୟରେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

କାର୍‌ଟି ସୋରରୁ ଭଦ୍ରକ ଆଡ଼କୁ ଯାଉଥିବାବେଳେ ପଛପଟୁ ଆଇଚର୍ ମଧ୍ୟ ସମାନ ଦିଗରେ ଯାଇ କାର୍‌କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଆଇଚର୍‌ର ସମ୍ମୁଖ ଭାଗ ଏବଂ କାରର୍ ପଛ ପାର୍ଶ୍ୱ କିଛି ପରିମାଣରେ କ୍ଷତିଗ୍ରସ୍ତ ହୋଇଛି। କାର୍‌ର ବସିଥିବା ୪ ଜଣ ଆହତଙ୍କୁ ସୋର ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ସୋର ପୁଲିସ୍ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ସୋର ଥାନାକୁ ଆଣିଛି।

# ପଥର ବୋଝେଇ ଗାଡ଼ି ଚାଳକଙ୍କ ନାଲିଆଖି

**ସୋର,୨୬।୨/ଏନ୍ଏନ୍ଏସ୍:** ସୋର ଥାନା ବାଗୁଡ଼ି ପଥର ଖାଦାନରୁ ପଥର ଚୋରି ଥମିବାର ନାଁ ନେଉନାହିଁ। ପୂର୍ବରୁ ରାତିରେ ପଥର ଚୋରାଚାଲାଣ ହେଉଥିବାବେଳେ ଏବେ ଦିନରାତି ପଥର ଚୋରାଚାଲାଣ ହେଉଛି। ଏହି ଚୋରାଚାଲାଣ ସମୟରେ ଚୋରା ପଥର ଗାଡ଼ି ଚଳାଉଥିବା ଚାଳକମାନେ ବେପରୁଆ ଭାବେ ଗାଡ଼ି ଚଳାଉଥିବାରୁ ବିଭିନ୍ନ ସମୟରେ ସାଧାରଣ ଲୋକଙ୍କ ଧନଜୀବନ ନଷ୍ଟ ହେଉଛି। ବୁଧବାର ଅପରାହ୍ଣରେ ତଳନଗର ଗଣ୍ଡତରା ଗ୍ରାମର ସୁମନ କୁମାର ରାଉତ କୌଣସି କାମରେ ଉଗରପଡ଼ା ଅଭିମୁଖେ ଯାଉଥିବାବେଳେ କାନପୁର ପୋଲ ନିକଟରେ ବାଗୁଡ଼ି ପଥର ଖାଦାନରୁ ପଥର ବୋଝେଇ କରି ଆସୁଥିବା ଏକ ଡମ୍ଫର୍ ଦ୍ରୁତ ଗତିରେ ଆସି ତାଙ୍କୁ ସାଇଡ୍ ମାରିବାରୁ ସୁମନ ଓ ତାଙ୍କ ପିଉସି ବାଇକରୁ ପଡ଼ି ସାମାନ୍ୟ ଆହତ ହୋଇଥିବାବେଳେ ଏକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏନେଇ ସୁମନ ଉକ୍ତ ଗାଡ଼ି ଚାଳକଙ୍କୁ ଅଟକାଇ ପଚାରିବାରୁ ଚାଳକ ଜଣଙ୍କ ତାଙ୍କୁ ନାଲି ଆଖି ଦେଖାଇଥିବା ସୁମନ ଅଭିଯୋଗ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ

**ଖଇରା,୨୬।୨/ଏନ୍ଏନ୍ଏସ୍:** ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ୍ ଯୋଜନାରେ ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଶୃତି ସଞ୍ଜିତା ଗିରି ସଭାପତିତ୍ୱ କରିଥିଲେ। ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ମୁଖ୍ୟଅତିଥି, ଉଦ୍ୟାନ କୃଷି ସହନିର୍ଦ୍ଦେଶିକା ରଶ୍ମିରେଖା ପଣ୍ଡା, ସହକାରୀ ମତ୍ସ୍ୟ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ସହକାରୀ କୃଷି ଅଧିକାରୀ ରମ୍ୟ ସାହୁ, ସିମୁଳିଆ ବ୍ଲକ୍




ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତି ପ୍ରକାଶ ମହାପାତ୍ର ଓ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ରିତାଞ୍ଜଳୀ ନାୟକ ପ୍ରମୁଖ ଯୋଗଦେଇ ଉଦ୍ୟାନ କୃଷି, ମତ୍ସ୍ୟଚାଷ, ଜିଆଖତ ଓ ସମନ୍ୱିତ କୃଷି ଉପରେ ଚାଷୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ।

**ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ**

# ଶିଶୁମାତୃ ମୃତ୍ୟୁହାରକୁ ସର୍ବନିମ୍ନ କରିବାକୁ ଗୁରୁତ୍ୱ

**ବାରିପଦା,୨୬।୨/ଏନ୍ଏନ୍ଏସ୍:** ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନଆରୋଗ୍ୟ ସମିତି ସମୂହର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଯୋଗଦେଇ ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା ବିଷୟରେ ଆଲୋଚନା କରି ଶିଶୁମାତୃ ମୃତ୍ୟୁହାରକୁ ସର୍ବନିମ୍ନ କରିବାକୁ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ଜଣେ ଶ୍ରେଷ୍ଠ ଆଶାଙ୍କୁ ୧୦ ହଜାର ଟଙ୍କା ପ୍ରଥମ ପୁରସ୍କାର, ୪ ଜଣ ଶ୍ରେଷ୍ଠ ଆଶାଙ୍କୁ ୯ ହଜାର ଟଙ୍କା ଦ୍ୱିତୀୟ ପୁରସ୍କାର ଓ ଜଣେ ଶ୍ରେଷ୍ଠ ଆଶାଙ୍କୁ ୮ ହଜାର ଟଙ୍କା ତୃତୀୟ ପୁରସ୍କାର ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥିଲା। ସମସ୍ତ ୨୬ଟି ଗାଁ




କଲ୍ୟାଣ ସମିତିକୁ ୧୦ ହଜାର ଲେଖାଏଁ ଏବଂ ୨୨ଟି ଜନଆରୋଗ୍ୟ ସମିତିକୁ ୧୩ ହଜାର ଲେଖାଏଁ ଟଙ୍କା ବ୍ୟାଙ୍କ ଏକାଉଣ୍ଟକୁ ଦିଆଯିବା ସହ ଶ୍ରେଷ୍ଠ ଆଶା, ସୁସ୍ଥ ଗାଁ, ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିକୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡାଃ ସୁନନ୍ଦା ମିଶ୍ର, ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଶାନ୍ତନୁ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି କେ ଦାଶ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାଷ ଚନ୍ଦ୍ର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ (ଏନ୍ଏଚ୍ଏମ୍) ଅନିଲ କୁମାର ମହାନ୍ତି, ଶ୍ରୀରାମ ମହାନ୍ତି, ଅଜିତ କୁମାର କୁଅଁର, ସ୍ୱର୍ଣ୍ଣଲୀକା ମହାନ୍ତି, କହ୍ନେଇ ନାୟକ ଓ ଧନୁରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆମେ ପଢ଼ିବା ଆମ ଭାଷାରେ' କର୍ମଶାଳା

**କେନ୍ଦୁଝର,୨୬।୨/ଏନ୍ଏନ୍ଏସ୍:** କେନ୍ଦୁଝର ସଦର ବ୍ଲକ୍‌ରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ମୁଖ୍ୟତଃ 'ହୋ' ଭାଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମ ପର୍ଯ୍ୟାୟରେ ଏହି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ହେଲ୍ପର୍, ସୁପରଭାଇଜର୍ ଓ ସିଡିପିଓଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ମାତୃଭାଷା ଆଧାରିତ ନୂତନ 'ଅରୁଣିମା' ପାଠ୍ୟକ୍ରମର ପ୍ରଚଳନ କରାଯିବ। ଏହି କର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାଶ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ, ଆଇଟିଡିଏ କେନ୍ଦୁଝରର ସ୍ୱତନ୍ତ୍ର ଅଧିକାରୀ ମନୋରଞ୍ଜନ ବେହେରା ଓ ଏଡିଇଓ ରୁଦ୍ରନାରାୟଣ ସାମଲ ଯୋଗଦେଇ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ରଞ୍ଜୁରାଣୀ ଦାସ, ଘଟଗାଁ ସିଡିପିଓ ଜୟନ୍ତୀ ମହାନ୍ତ, ଘଟଗାଁ ସରପଞ୍ଚ ମୁକୁନ୍ଦ ମୁଣ୍ଡା, ଆଇସିଡିଏସ୍ ସେଲ୍ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମହାନ୍ତ, ପ୍ରକଳ୍ପ ଅଧିକାରୀ ଚୁଲେଶ୍ୱରୀ ପଟେଲ୍ ଓ ଜିଲ୍ଲା ସଂଯୋଜକ ଅଜିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ବାଇକ୍ ଦୁର୍ଘଟଣା: ...

ଚିକିତ୍ସା ଚାଲିଛି। ରାତିରେ ଦୁର୍ଘଟଣା ଘଟିଥିବା ବେଳେ କେହି ଏ ବିଷୟରେ ଜାଣି ନଥିବାରୁ ଠିକ୍ ସମୟରେ ଉଦ୍ଧାର ହୋଇପାରି ନଥିବା ଶଳା, ଭିଣୋଇଙ୍କର ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମୃତ୍ୟୁ ହୋଇଥିବା କୁହାଯାଉଛି। ତୁରେକେଲା ପୁଲିସ ଘଟଣାର ତଦନ୍ତ କରୁଛି।

### ଏନ୍‌କାଉଣ୍ଟର୍: ଟଳିଲେ ...

ନକ୍ସଲ କ୍ୟାମ୍ପ ଧ୍ୱଂସ ହୋଇଛି। ବିପୁଳ ପରିମାଣର ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ନକ୍ସଲ ବିରୋଧୀ ଅଭିଯାନରେ ଆଇଟିବିପିର ୫୩ ବାଟାଲିୟନ କୁମୁରାଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ନକ୍ସଲଙ୍କ ଗତିବିଧି ସୂଚନା ପାଇ ଅପରେସନ୍ ଆରମ୍ଭ କରିଥିଲା। ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ସେହିପରି ଆଇଇଡି ତିଆରି ପାଇଁ ବ୍ୟବହୃତ ବିସ୍ଫୋରକ ବି ଜବତ କରାଯାଇଛି। ନକ୍ସଲମାନେ କୌଣସି ବଡ଼ ଧରଣର ହିଂସାକାଣ୍ଡ ଘଟାଇବା ପାଇଁ ଏହି ସବୁ ସାମଗ୍ରୀ ମହଜୁଦ ରଖିଥିଲେ।

### ନିଅଁ ପକାଇଲେ ମୁଖ୍ୟମନ୍ତ୍ରୀ ...

ପାଇଁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ, ଯେଉଁଥିରେ କି ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ତିନି ଦିନର ରହଣି ବ୍ୟବସ୍ଥା କରାଯିବ। ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍, ଓଡ଼ିଶା ସରକାରଙ୍କ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ପୂର୍ବ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରକାଶ ପାଇଲା ବିଜ୍ଞପ୍ତି ...

ପାଇଁ ପିସିସି ସଭାପତି ଭକ୍ତ ଦାସ ଗୋଟି ଚାଳନା ଜାରି ରଖିଛନ୍ତି। ଏବେ ବି ଭକ୍ତ ଅପେକ୍ଷା କରିଛନ୍ତି ନବୀନଙ୍କ ଘୋଷଣାକୁ। ନଚେତ୍ କଂଗ୍ରେସ ଏକାକି ନିଜସ୍ୱ ପ୍ରାର୍ଥୀ ଦେବ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏପ୍ରିଲ ୨ ତାରିଖରେ ମହାରାଷ୍ଟ୍ରର ୭ଟି ରାଜ୍ୟସଭା ଆସନ ଖାଲି ହେଉଥିବା ବେଳେ ତାମିଲନାଡୁର ୬ ଓ ପଶ୍ଚିମବଙ୍ଗର ୫ଟି ଆସନ ଖାଲି ହେବ। ସେହିପରି ଏପ୍ରିଲ ୯ ତାରିଖରେ ଆସାମର ୩ଟି ରାଜ୍ୟସଭା ଆସନ ଖାଲି ହେବାକୁ ଥିବା ବେଳେ ବିହାରର ୫ଟି, ଛତିଶଗଡ଼ର ୨, ହରିୟାଣାର ୨, ହିମାଚଳ ପ୍ରଦେଶର ଗୋଟିଏ ଓ ତେଲେଙ୍ଗାନାର ୨ଟି ଆସନ ଖାଲି ହେବାକୁ ଯାଉଛି। ଏହି ସବୁ ରାଜ୍ୟରେ ଏହି ଆସନଗୁଡ଼ିକ ପାଇଁ ମାର୍ଚ୍ଚ ୧୬ରେ ନିର୍ବାଚନ ଅନୁଷ୍ଠିତ ହେବ।

### କ୍ଷମା ପ୍ରାର୍ଥନାକୁ ସୁପ୍ରିମ୍‌କୋର୍ଟଙ୍କ ...

ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନ୍‌ସିଇଆର୍‌ଟି ବିରୁଦ୍ଧରେ ଅବମାନନା ମାମଲା ମଧ୍ୟ ଆରମ୍ଭ ହୋଇପାରେ ବୋଲି ସିଜେଆଇ କହିଛନ୍ତି। ତେବେ ତଦନ୍ତ ରିପୋର୍ଟ ପାଇବା ପରେ, କୋର୍ଟ ସମଗ୍ର ମାମଲାର ତଦନ୍ତ କରିବା ଏବଂ ଦାୟୀ ଲୋକଙ୍କୁ ଚିହ୍ନଟ କରିବା ପାଇଁ ଏକ କମିଟି ଗଠନ କରିବେ ବୋଲି ମଧ୍ୟ ସୂଚନା ମିଳିଛି। ସମସ୍ତ ରାଜ୍ୟର ଶିକ୍ଷା ବିଭାଗର ମୁଖ୍ୟ ସଚିବମାନେ ଏହି ମାମଲାରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଦୁଇ ସପ୍ତାହ ମଧ୍ୟରେ ସୁପ୍ରିମକୋର୍ଟଙ୍କୁ ଏକ ରିପୋର୍ଟ ଦାଖଲ କରିବା ଉଚିତ୍ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପୁସ୍ତକର ମୁଦ୍ରିତ କିମ୍ବା ଡିଜିଟାଲ୍ ସଂସ୍କରଣ ବଣ୍ଟନ କରିବା କୋର୍ଟଙ୍କ ନିର୍ଦ୍ଦେଶର ଏକ ଜାଣିଶୁଣି ଉଲ୍ଲଂଘନ ବୋଲି ବିବେଚନା କରାଯିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

କ୍ରମାଗତ ୨ ଦିନ ଧରି ସୁପ୍ରିମକୋର୍ଟ ଏନ୍‌ସିଇଆର୍‌ଟି ବିବାଦୀୟ ପାଠ୍ୟ ପ୍ରସଙ୍ଗ ଉପରେ ଶୁଣାଣି କରିଛନ୍ତି। ବୁଧବାର ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ହିଁ ସିଜେଆଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ, ନ୍ୟାୟପାଳିକାର ଅସମ୍ମାନ ତଥା ମର୍ଯ୍ୟାଦାହାନୀ ହେବାକୁ କଦାପି ଦିଆଯିବ ନାହିଁ। ପ୍ରଥମ ଦିନରେ କଡା ଭର୍ତ୍ସନା ଶୁଣିବା ପରେ ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ ତୁରନ୍ତ ୱେବସାଇଟ୍‌ରୁ ଉକ୍ତ ବିବାଦୀୟ ବିଷୟବସ୍ତୁକୁ ହଟାଇବା ସହ ଉକ୍ତ ପୁସ୍ତକୁ ବ୍ୟାନ୍ କରିଛନ୍ତି। ଏଥିସହ ମାର୍କେଟ୍‌କୁ ଛାଡିଥିବା ୩୦ରୁ ଊର୍ଦ୍ଧ୍ୱ କପିକୁ ମଧ୍ୟ ଫେରାଇ ନେବା ପାଇଁ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଏଥିସହ ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ ସୁପ୍ରିମକୋର୍ଟଙ୍କ ନିକଟରେ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ ଏବଂ ଏପ୍ରକାର ଭୁଲ୍‌ର ପୁନରାବୃତ୍ତି ନହେବା ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସିଜେଆଇ ଏବଂ ଖଣ୍ଡପୀଠ କ୍ଷମାପ୍ରାର୍ଥନାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରସ୍ତୁତ ପାଠ୍ୟ ପୁସ୍ତକରେ ଏଭଳି ଏକ ବିବାଦୀୟ ପ୍ରସଙ୍ଗକୁ ସ୍ଥାନିତ କରାଯିବା ନେଇ ଅଭିଯୋଗ ହେବା ପରେ ସୁପ୍ରିମକୋର୍ଟ ନିଜ ଆଡୁ ଏହି ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୧ରେ ହେବ। ସରକାରୀ ସୂତ୍ର ଅନୁଯାୟୀ ନ୍ୟାୟପାଳିକାରେ ଦୁର୍ନୀତି ସହିତ ଜଡିତ ତଥ୍ୟ ସଂସଦୀୟ ରେକର୍ଡ ଏବଂ ଜାତୀୟ ନ୍ୟାୟିକ ଡାଟା ଗ୍ରୀଡରେ ଉପଲବ୍ଧ, କିନ୍ତୁ ତଥ୍ୟଗୁଡ଼ିକୁ କ୍ରସ-ଭେରିଫାଏ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହିତ ପରାମର୍ଶ କରାଯାଇନଥିଲା। ଏସବୁ ମଧ୍ୟରେ ଆଉ ଏକ ବଡ଼ ସୂଚନା ମଧ୍ୟ ସାମ୍ନାକୁ ଆସିଛି। ଇସ୍ରାଏଲ୍ ଗସ୍ତରେ ଥିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଘଟଣାରେ ମାତ୍ରାଧିକ ବିରକ୍ତିଭାବ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ ମୋଦୀ ଇସ୍ରାଏଲ୍‌ରୁ ଥାଇ ଅତ୍ୟନ୍ତ କ୍ରୋଧିତ ଭାବେ ପ୍ରଶ୍ନ କରିଥିଲେ ଯେ, ୟେ ସବ୍ କୌନ ଦେଖ ରହା ହୈ (ଏସବୁର ଦେଖାଶୁଣା କିଏ କରୁଛି)? ଭାରତ ଫେରିବା ପରେ ହୁଏତ ପ୍ରଧାନମନ୍ତ୍ରୀ ଏନେଇ ଅଧିକ ଆଲୋଚନା କରିପାରନ୍ତି ବୋଲି ଅନୁମାନ କରାଯାଉଛି।

### ଭାରତ-ଇସ୍ରାଏଲ୍ ...

ମଧ୍ୟ ଦୁଇ ପ୍ରଧାନମନ୍ତ୍ରୀ ସହମତ ହୋଇଛନ୍ତି। ଏଆଇ, ସାଇବର ସୁରକ୍ଷା, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ଜୈବ ପ୍ରଯୁକ୍ତିବିଦ୍ୟା, କୃଷି ଓ ଜଳ ପରିଚାଳନା, ପ୍ରତିରକ୍ଷା ପ୍ଲାଟଫର୍ମ ଏବଂ ମହାକାଶ ଅନୁସନ୍ଧାନରେ ଭାରତ ଏବଂ ଇସ୍ରାଏଲର ଅଗ୍ରଗତିକୁ ଏକୀକୃତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ କରିଛନ୍ତି। ଏହି ଭାଗିଦାରୀ ଭାରତର 'ଆତ୍ମନିର୍ଭର ଏବଂ ବିକଶିତ ଭାରତ ୨୦୪୭' ଦୃଷ୍ଟିକୋଣକୁ ସୁଦୃଢ଼ କରିଥାଏ, ଯାହା ଉଭୟ ଦେଶର ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଏବଂ ସହଭାଗୀ ପ୍ରଗତିର ପରବର୍ତ୍ତୀ ଧାରାକୁ ଗତିଶୀଳ କରିବ ବୋଲି ଉଭୟ ନେତା ମତପ୍ରକାଶ କରିଛନ୍ତି। ନୀତିଗତ ପ୍ରାଥମିକତାକୁ ସାକାର ଫଳାଫଳରେ ପରିଣତ କରିବା ପାଇଁ ସହଭାଗୀ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ, ଦୁଇ ଦେଶର ପ୍ରଧାନମନ୍ତ୍ରୀ ନିରନ୍ତର ସହଯୋଗ ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ସୁନିଶ୍ଚିତ କରିବା ନିମନ୍ତେ ସରକାର, ବ୍ୟବସାୟ ଏବଂ ଲୋକ ସମ୍ପର୍କ କ୍ଷେତ୍ରରେ ଦ୍ୱିପାକ୍ଷିକ ବ୍ୟବସ୍ଥାଗୁଡ଼ିକୁ ଆନୁଷ୍ଠାନିକ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏତଦ୍‌ବ୍ୟତୀତ ପ୍ରତିରକ୍ଷା ସହଯୋଗ ପାଇଁ ୪ ନଭେମ୍ବର ୨୦୨୫ରେ ସ୍ୱାକ୍ଷରିତ ବୁଝାମଣାପତ୍ରକୁ ସ୍ୱାଗତ କରି, ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ସେମାନଙ୍କ ଦେଶ ମଧ୍ୟରେ ବ୍ୟାପକତା ଏବଂ ପରିମାଣ ଉଭୟ ଦୃଷ୍ଟିରୁ ପ୍ରତିରକ୍ଷା ସହଯୋଗରେ ହୋଇଥିବା ଉଲ୍ଲେଖନୀୟ ଅଭିବୃଦ୍ଧିକୁ ସ୍ୱୀକାର କରିଛନ୍ତି। ଉଭୟ ନେତା ଭବିଷ୍ୟତର ପ୍ରତିରକ୍ଷା ସହଯୋଗ ପାଇଁ ଏକ ଦୃଷ୍ଟିକୋଣ ଏବଂ ରୂପରେଖ ପ୍ରଦାନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା (ସିଇଟି) କ୍ଷେତ୍ରରେ ଗଭୀର ସହଯୋଗ ପାଇଁ ମାର୍ଗ ପ୍ରଶସ୍ତ କରୁଥିବା ପ୍ରଯୁକ୍ତିବିଦ୍ୟା ଦକ୍ଷତାର ପରିପୂରକ ଶକ୍ତିକୁ ଉଭୟ ଭାରତ ଏବଂ ଇସ୍ରାଏଲ ସ୍ୱୀକାର କରିଛନ୍ତି। ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ନୂତନ ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ସେମାନେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଏହି ପଦକ୍ଷେପ ଉଭୟ ଦେଶର ଶକ୍ତିକୁ ସ୍ୱତନ୍ତ୍ର ପ୍ରଯୁକ୍ତିବିଦ୍ୟାରେ ସମନ୍ୱିତ କରିବ, ଏକ କେନ୍ଦ୍ରିତ ଏବଂ ଭବିଷ୍ୟତ ଆଧାରିତ ସହଭାଗୀତାକୁ ପ୍ରୋତ୍ସାହିତ କରିବ। ଦୁଇ ନେତା ଉଭୟ ପକ୍ଷକୁ ଏହି ପଦକ୍ଷେପକୁ ଆଗକୁ ନେବାକୁ ଆହ୍ୱାନ କରିଛନ୍ତି।

ଦୁଇ ପ୍ରଧାନମନ୍ତ୍ରୀ ଭାରତ-ଇସ୍ରାଏଲ ଶିଳ୍ପ ଗବେଷଣା ଏବଂ ବିକାଶ ଓ ନବସୃଜନ ପାଣ୍ଠି ର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ। ଏହା ଭାରତର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଇସ୍ରାଏଲ ନବସୃଜନ ପ୍ରାଧିକରଣ ଦ୍ୱାରା ମିଳିତ ଭାବରେ କାର୍ଯ୍ୟକାରୀ କରାଯାଇଛି। ଦୁଇ ଦେଶ ମଧ୍ୟରେ ଶିଳ୍ପ ସହଯୋଗକୁ ଆଗକୁ ବଢାଇବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସେମାନେ ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦେଶର ସରକାର, ଶିଳ୍ପ ଏବଂ ଲୋକମାନଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ସମ୍ପର୍କ ବଜାୟ ରଖିବା ଲାଗି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହାର ଏକ ସାଧାରଣ ଦୃଷ୍ଟିକୋଣ ରହିଛି ଏବଂ ତାହା ହେଉଛି ଏକ ସ୍ଥାୟୀ ଭାରତ-ଇସ୍ରାଏଲ ଭାଗିଦାରୀ ଗଢ଼ିବା। ଏହା ଆମର ଜ୍ଞାନ ଆଧାରିତ ଅର୍ଥବ୍ୟବସ୍ଥାର ମହତ୍ୱାକାଂକ୍ଷାକୁ ବ୍ୟବହାର କରି ସୃଜନଶୀଳତା, ପ୍ରଯୁକ୍ତି, ସହଭାଗିତା ଏବଂ ପାରସ୍ପରିକ ସଫଳତା ବଳରେ ଦୃଢ଼ ଭବିଷ୍ୟତ ଗଢ଼ିବ ବୋଲି ଉଭୟ ନେତା ମତ ପ୍ରକାଶ କରିଛନ୍ତି। ପ୍ରତ୍ୟାବର୍ତ୍ତନ ସମୟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ମୋଦୀଙ୍କୁ ଛାଡିବା ପାଇଁ ବିମାନ ବନ୍ଦର ପର୍ଯ୍ୟନ୍ତ ଆସିଥିଲେ।

# ରୌଦ୍ରତାପ ମୁକାବିଲାଜନିତ ପ୍ରଶାସନିକ ପ୍ରସ୍ତୁତି



**ଖୋର୍ଦ୍ଧା,୨୬/୨/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚଳିତ ୨୦୨୬ ବର୍ଷରେ ଗ୍ରୀଷ୍ମ ପ୍ରବାହ ତଥା ରୌଦ୍ର ତାପକୁ ସମ୍ପୂର୍ଣ୍ଣ ଭାବେ ମୁକାବିଲା କରାଯାଇ ସମସ୍ତ ଧନ ଜୀବନ ପ୍ରତ୍ୟେକ ପ୍ରାଣୀ, ତଥା ମନୁଷ୍ୟ, ପଶୁ ଓ ପକ୍ଷୀ ମାନଙ୍କୁ ସୁରକ୍ଷା ପ୍ରଦାନ କରି ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବା ଦିଗରେ ଅଧ୍ୟକ୍ଷ ବୈଠକରେ ବିସ୍ତୃତ ଆଲୋଚନା କରି ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଡେପୁଟୀ କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର ପ୍ରମୁଖ ଯୋଗ ଦେଇଥିବା ଆଭାଷିରେ ବିଡିଓ, ତହସିଲଦାରମାନେ ଯୋଗ ଦେଇଥିଲେ। ବୈଠକରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ବିଭାଗ ପକ୍ଷରୁ ଆସିଥିବା ବିଭିନ୍ନ ଆଶୁ ପଦକ୍ଷେପ ଗ୍ରହଣ ଦିଗରେ ଅଧିକାରୀ ମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ଜନସାଧାରଣ ମାନେ ରୌଦ୍ର ତାପରୁ ସୁରକ୍ଷା ନିମନ୍ତେ ଅସୁରକ୍ଷିତ ଗୋଷ୍ଠୀ ମାନଙ୍କ ଚିହ୍ନଟ କରଣ, ପାନୀୟ ଜଳ ଯୋଗାଣ, ଜଳଛତ୍ର କେନ୍ଦ୍ର ଖୋଲିବା, ଅସୁରକ୍ଷିତ ଲୋମାନଙ୍କ ନିମନ୍ତେ ଦିନବେଳା ରୌଦ୍ରତାପରୁ ସୁରକ୍ଷା ଦେବା ନିମନ୍ତେ ଆଶ୍ରୟ ସ୍ଥଳୀ ଯୋଗାଇଦେବା, ଗାଈଗୋରୁ ମାନଙ୍କୁ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଜଳକୁଣ୍ଡ ନିର୍ମାଣ କରିବା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବିଶୁଦ୍ଧ ୨୪ ଘଣ୍ଟିଆ ଜଳ ଯୋଗାଣ, ସ୍କୁଲମାନଙ୍କରେ ଥିବା ଅଚଳ ନଳକୂପ ଗୁଡ଼ିକୁ ଯୁଧକାଳୀନ ଭିତ୍ତିରେ ସଚଳ କରିବା, ପର୍ଯ୍ୟାପ୍ତ ପରିମାଣରେ ଓ ଆର ଏସ ପ୍ୟାକେଟ ମହଜୁଦ ରଖିବା, ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପାନୀୟଜଳ, ଓଆରଏସ ପ୍ୟାକେଟ ରଖିବା ସହ ଯେଭଳି ପ୍ରତ୍ୟେକ ଆଶା ଦିଦି ଏବଂ ଅଙ୍ଗନବାଡ଼ି କର୍ମୀମାନେ ଓ ଆର ଏସ, ଜୀବନ ରକ୍ଷାକାରୀ ଔଷଧ, ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସ୍ୱତନ୍ତ୍ର ଅଂଶୁଘାତ ବେଡ ରଖିବା, ଇ ଏସ ଆଇ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସାଧାରଣ ଲୋକଙ୍କୁ ଚିକିତ୍ସା ପ୍ରଦାନ କରିବା, ପ୍ୟାସେଞ୍ଜର ବସ୍ ଚଳାଚଳ ପରିବହନ ବିଭାଗ ନିୟମାନୁସାରେ ଚାଲୁରଖିବା, ଶ୍ରମିକ ମାନଙ୍କ କାର୍ଯ୍ୟ ନିର୍ଘଣ୍ଟ ସମୟ ଶ୍ରମ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ହେବା ଦିଗରେ ବିଭାଗୀୟ ଅଧିକାରୀମାନେ ଏସଓପି ଜାରି କରିବା ସହ ତଦାରଖ କରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବା ପାଇଁ ଅଧ୍ୟକ୍ଷ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଅବିରାମ ବିଜୁଳି ଶକ୍ତି ଯୋଗାଣ ଓ ଛାତକୁ ଥଣ୍ଡା ରଖିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ସ୍ୱରୂପ ଛାତରେ ନଡ଼ା ଓ ପାଣି ସିଞ୍ଚନ ଭଳି ପଦ୍ଧତି ଅନୁକରଣ କରିବା, କୌଣସି ଶ୍ରମିକ ପ୍ରଚଣ୍ଡ ରୌଦ୍ରତାପରେ ଯେଭଳି କାର୍ଯ୍ୟ ନ କରନ୍ତି ସେଥିପ୍ରତି ସଂପୃକ୍ତ ବିଭାଗୀୟ ଯତ୍ନବାନ ହେବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବା, ତୃଣମୂଳସ୍ତରରୁ ସହରାଞ୍ଚଳ ପର୍ଯ୍ୟନ୍ତ ପଞ୍ଚାୟତ ଜନପ୍ରତିନିଧି ମାନଙ୍କ ସହଯୋଗରେ ଆଶୁ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବା ଏବଂ ସମ୍ଭାବ୍ୟ ଅଂଶୁଘାତ ଜନିତ ମୃତ୍ୟୁର ଯୁଗ୍ମ ତଦନ୍ତ ରିପୋର୍ଟ ସଂପୃକ୍ତ ମେଡିକାଲ ଅଫିସର, ପୁଲିସ୍ ଓ ତହସିଲଦାର ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ୪୮ଘଣ୍ଟା ମଧ୍ୟରେ ସାରି ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି କ୍ଷ ଏଥି ସହ ଜଳକ୍ଲିଷ୍ଟ ଅଞ୍ଚଳରେ ଆବଶ୍ୟକ ଆଗୁଆ ପଦକ୍ଷେପ, ଜଳକ୍ଲିଷ୍ଟ ଅଞ୍ଚଳର ଅଭିଯୋଗ ୪୮ଘଣ୍ଟା ମଧ୍ୟରେ ସମାଧାନ କରିବା, ପଶୁପକ୍ଷୀମାନଙ୍କ ପାଇଁ ଜଳକୁଣ୍ଡ ନିର୍ମାଣ କରିବା ପାଇଁ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବସ୍ ଓ ଟ୍ରକ ଏବଂ ଅନ୍ୟାନ୍ୟ ଯାନ ଚାଳକ ମାଲିକ ସଂଘ ମାନଙ୍କ ସହ ଆଲୋଚନାକରି ବସ୍ ଷ୍ଟାଣ୍ଡରେ ପାନୀୟଜଳ, ଅସ୍ଥାୟୀ ସ୍ଥଳୀ, ଓ ଆର ଏସ ବ୍ୟବସ୍ଥା କରିବାକୁ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଧ୍ୟକ୍ଷ। ସର୍ବୋପରି ସମସ୍ତ ଅଧିକାରୀ ଏବଂ କର୍ମଚାରୀ ରାଜ୍ୟ ସରକାରଙ୍କ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବା ଦିଗରେ ନିଷ୍ଠାପର ଭାବେ ସେବା ପ୍ରଦାନ କରିବାକୁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଆହ୍ୱାନ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ରଶ୍ମିତା ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଜ୍ଞା ପାରମିତା ଜେନା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ଶ୍ରୀୟା ଶତପଥୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଅତ୍ୟାବଶ୍ୟକ ବିଭାଗ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଆଇଓୟୁଡବ୍ଲ୍ୟୁଜେ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ

# ଗଣମାଧ୍ୟମ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଜାୟ ରଖିବାକୁ ଆହ୍ୱାନ




**ଭୁବନେଶ୍ୱର,୨୬/୨/ଏନ୍‌ଏନ୍‌ଏସ୍:** ଇଣ୍ଡିଆନ ଅର୍ଗାନାଇଜେସନ୍ ଅଫ୍ ୟୁନାଇଟେଡ୍ ୱାର୍କିଂ ଜର୍ଣ୍ଣାଲିଷ୍ଟ (ଆଇଓୟୁଡବ୍ଲ୍ୟୁଜେ) ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକାରୀ ସମ୍ମିଳନୀ ସ୍ଥାନୀୟ ଜୟଦେବ ଭବନଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିସହ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକ କାଉନସିଲ ଏବଂ ଡିଜିଟାଲ ମିଡ଼ିଆ ଉପରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୁର୍ଣ ବୋଲି କହିଥିଲେ। ଏଣୁ ଗଣମାଧ୍ୟମ ଉପରେ ଲୋକଙ୍କର ଯେଉଁ ଆସ୍ଥା ଓ ବିଶ୍ୱାସ ରହିଛି, ତାହାକୁ ସାମ୍ବାଦିକମାନେ ବଜାୟୀ ରଖିବାକୁ ଅତିଥି ମାନେ ଆହ୍ୱାନ କରିଥିଲେ। ଏଥିରେ ବିଜେପିର ରାଜ୍ୟ ପ୍ରବକ୍ତା ସଜନ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଓଡିଶାର ବିକାଶରେ ହିଁ ରାଜ୍ୟବାସୀଙ୍କ ବିକାଶ ହୋଇପାରିବ। ଏଥିପାଇଁ ବିଭିନ୍ନ ସ୍ତରରେ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କହିଥିଲେ। ଆଇଓୟୁଡବ୍ଲ୍ୟୁଜେର ସର୍ବଭାରତୀୟ ସଭାପତି ଡ଼. ପୀତବାସ ମିଶ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ସେ ତାଙ୍କ ବକ୍ତବ୍ୟରେ ଗଣ ମାଧ୍ୟମର ଦାୟିତ୍ୱ ଓ ସମସ୍ୟା, ସମ୍ପର୍କରେ ଆଲୋଚନା କରି ସମସ୍ତେ ଐକବଦ୍ଧ ଭାବେ ବାଦୀ ଉପସ୍ଥାପନା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜର୍ଣ୍ଣାଲିଜମ ବିଭାଗ ନିମନ୍ତ୍ରିତ ଅଧ୍ୟାପକ ଡ଼. ଭି. ଆର. ରାଜୁ, ବରିଷ୍ଠ ସାମ୍ବାଦିକ ବିଭୁତି କର, ସନତ ମିଶ୍ର, ଅଶୋକ ପଣ୍ଡା, ଅବସରପ୍ରାପ୍ତ ଆଇ ଆର ଏସ ଅଧିକାରୀ ଡ଼ କୃଷ୍ଣ ଚନ୍ଦ୍ର ବଳ, ପୂର୍ବତନ ରେଳବାଇ ସିପିଆର ରବି ମହାପାତ୍ର, ଓୟୁଡବ୍ଲୁଜେ ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ଭୁବନେଶ୍ୱର ୟୁନିଟ ସଭାପତି ହୃଷିକେଶ ମହାନ୍ତି, ରାଜ୍ୟ ସଂଯୋଜକ ଅର୍ଜୁନ ମୁଦୁଲି, ସୁଲେଖକ ମାନସ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଓୟୁଡବ୍ଲୁଜେର ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କ ରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ସାମ୍ବାଦିକତା, ସମାଜସେବା, କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ଗଣ ମାଧ୍ୟମ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚଳନାରେ ଅକ୍ଷୟ ଧଳ, ରବୀନ୍ଦ୍ର ମହାନ୍ତି, ମୀନକେତନ ବିଶ୍ୱାଳ, ଜୟକୃଷ୍ଣ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଏଟିଏମ୍ କେନ୍ଦ୍ର ସ୍ଥାପନ ଦାବି

**ଫୁଲନଖରା,୨୬/୨/ଏନ୍‌ଏନ୍‌ଏସ୍:** ସଦର ଥାନା କୁରାଙ୍ଗଶାସନ ପଞ୍ଚାୟତ ଅନ୍ତର୍ଗତ ନଛିପୁରଠାରେ ଥିବା ଶୁଦ୍ଧାନନ୍ଦ ଇଂଜିନିୟରିଙ୍ଗ କଲେଜ ଛକରେ ଏକ ଏଟିଏମ କେନ୍ଦ୍ର ସ୍ଥାପନ କରିବାକୁ ଦାବି ହେଉଛି। ଏଠାରେ ଏଟିଏମ କେନ୍ଦ୍ର ନଥିବାରୁ କଲେଜରେ ଅଧ୍ୟୟନ କରୁଥିବା ଶହ ଶହ ଛାତ୍ରଛାତ୍ରୀ ଟଙ୍କା ଉଠାଣ ନେଇ ସମସ୍ୟାରେ ପଡ଼ିଛନ୍ତି। ଏତଦ ବ୍ୟତୀତ ଏଠାକୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାକୁ ଆସୁଥିବା ବହିରାଗତ ପରୀକ୍ଷାର୍ଥୀ ଓ ଅଭିଭାବକ ମଧ୍ୟ ଏଟିଏମ ଅଭାବଜନିତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେହିପରି ଏହା ଏକ ଜନଗଳିପୂର୍ଣ୍ଣ ସ୍ଥାନ ହୋଇଥିଲେ ମଧ୍ୟ ଏଠାରେ ଷ୍ଟ୍ରିଟ ଲାଇଟ ଅଦ୍ୟାବଧି ଲାଗିନାହିଁ। ଫଳରେ କୁରାଙ୍ଗ-ଭିଙ୍ଗାରପୁର ରାସ୍ତାରେ ଯାଉଥିବା ଯାନବାହନ ଓ ପଥଚାରୀ ହଇରାଣ ହେଉଛନ୍ତି। ଏଥିପ୍ରତି ସମ୍ପୃକ୍ତ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଏଟିଏମ କେନ୍ଦ୍ର ସ୍ଥାପନ ସହିତ ଛକରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# କାହ୍ନୁ ଲେଙ୍କାଙ୍କ ସ୍ମୃତିଚାରଣ ସଭା

**ଚୌଦ୍ୱାର,୨୬/୨/ଏନ୍‌ଏନ୍‌ଏସ୍:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡିଶା ବିକାଶର ଅନ୍ୟତମ ବିଦ୍ଧାଣୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଚୌଦ୍ୱାରର ବରିଷ୍ଠ ସମାଜସେବୀ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ବରିଷ୍ଠ କଂଗ୍ରେସ ନେତା କେଶବ ଚନ୍ଦ୍ର ଦଳାଇ, ପ୍ରାକ୍ତନ ନଗରପାଳ ପ୍ରେମଚାନ୍ଦ ନାୟକ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଶ୍ରମିକ ପରିବାର ଯୁବକ ସଂଘର ସଭାପତି କୈଳାସ ଚନ୍ଦ୍ର ସାହାଣୀ, ବରିଷ୍ଠ ବିଜେପି ନେତା ଇଂ. ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ବିଜେପି ନେତା ବୈରାଗୀ ଚରଣ ପ୍ରଧାନ, ପ୍ରକାଶ ଚନ୍ଦ୍ର ବଡ଼ଜେନା, ପ୍ରଶାନ୍ତ କୁମାର ହୋତା, ବିଷ୍ଣୁ ଚରଣ ପରିଡା, ବାମ ପନ୍ଥୀ ନେତା ଜୟ ସିଂହ, ବଳରାମ ସ୍ୱାଇଁ, କଂଗ୍ରେସ ନେତା ଧୀରେନ୍ଦ୍ର ଚୌଧୁରୀ, ବିଜୟ କୁମାର ବେହେରା, ମାନସ କୁମାର ପରିଡା, ପ୍ରମୁଖ କାହ୍ନୁ ବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ କୁମାର ସାମଲ, ଶ୍ରୀକାନ୍ତ କୁମାର ମହାନ୍ତି, ସୁବାସ ଚନ୍ଦ୍ର ଦଳାଇ, ତୀର୍ଥାନନ୍ଦ ସୁବୁଦ୍ଧି ରାୟ, ଲକ୍ଷ୍ମଣ ରାଉତ, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସ୍ତମ୍ଭକାର ତଥା ସାହିତ୍ୟିକ ଦିବ୍ୟଜ୍ୟୋତି ପାଣି ପରିଚାଳନା କରିଥିବା ବେଳେ ହରିହର ପରିଡା, ରାଜୀବ କୁମାର ମହାନ୍ତି, ମୋନାଲିସା ଦାସ, ଅଂଶୁମାନ ପ୍ରଧାନ, ଶ୍ରୀମତ ବେହେରା, ଶୁଭାଶିଷ ରାଉତ, ସୁମନ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଯୁବନେତା ବିଶ୍ୱରଞ୍ଜନ ଜେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ୭୯୭ କୋଟି ମଞ୍ଜୁର ...

ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଆଶା କରାଯାଉଛି। କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଉତ୍ସର୍ଗୀକୃତ ସବୁଜ ହାଇଡ୍ରୋଜେନ୍ ଜେଟି ରପ୍ତାନି ଲଜିଷ୍ଟିକ୍ସକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଉଦୀୟମାନ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ କ୍ଲଷ୍ଟରଗୁଡ଼ିକୁ ବିଶ୍ୱ ବଜାର ସହିତ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭର ଏବଂ ପରିବେଶଗତ ଭାବରେ ଉତ୍ତରଦାୟୀ ଭାରତ ନିର୍ମାଣର ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ, ଆମେ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନକୁ ସମର୍ଥନ କରୁଥିବା ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି ନିର୍ମାଣ କରୁଛୁ। ପାରାଦୀପ ପ୍ରକଳ୍ପ କେବଳ କାର୍ଗୋ କ୍ଷମତା ବୃଦ୍ଧି କରିବ ନାହିଁ ବରଂ ପୂର୍ବ ଭାରତରେ ନିବେଶକୁ ଗତିଶୀଳ କରିବ। ଏହା ମଧ୍ୟ ନିଯୁକ୍ତି ସୃଷ୍ଟି କରିବ ଏବଂ ଏକ ଦୃଢ଼ ସବୁଜ ଶକ୍ତି ଇକୋସିଷ୍ଟମ ସୃଷ୍ଟି କରିବ। ଏହି ସୁବିଧାରେ ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରର ପ୍ରାରମ୍ଭିକ ଅଭିବୃଦ୍ଧି ପର୍ଯ୍ୟାୟରେ ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରିବା ଏବଂ ପାରାଦୀପ ବନ୍ଦରର କାର୍ଗୋ ପ୍ରୋଫାଇଲକୁ ବିବିଧ କରିବା ପାଇଁ ଅନ୍ୟ ତରଳ କାର୍ଗୋ ପରିଚାଳନା ପାଇଁ ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହି ପ୍ରକଳ୍ପ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନର ଉଦ୍ଦେଶ୍ୟ ସହିତ ସମନ୍ୱିତ। ଏହା ସ୍ୱଚ୍ଛ ଶକ୍ତି ସାମଗ୍ରୀ ପାଇଁ ବନ୍ଦର-ଆଧାରିତ ଲଜିଷ୍ଟିକ୍ସକୁ ସୁଦୃଢ଼ କରିବା ସହିତ ଓଡ଼ିଶାରେ ସବୁଜ ଶକ୍ତି ଭିତ୍ତିଭୂମିରେ ନିବେଶକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ ଜେଟି ପାରାଦୀପ ବନ୍ଦର ଚାରିପାଖରେ ଏକ ସମନ୍ୱିତ ସବୁଜ ହାଇଡ୍ରୋଜେନ୍ ଇକୋସିଷ୍ଟମ ବିକାଶକୁ ସମର୍ଥନ କରିବା ସହିତ ସବୁଜ ଶକ୍ତି ଡେରିଭେଟିଭ୍ସ ଏବଂ ଅନ୍ୟାନ୍ୟ ତରଳ କାର୍ଗୋ ପରିଚାଳନା ତଥା ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଭିତ୍ତିଭୂମି ଏବଂ ଉନ୍ନତ ସୁରକ୍ଷା ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିବ।

### ଓଡ଼ିଶାରେ ମହାନଦୀ ...

ସାତପଡ଼ା ଓ ଡେବ୍ରିଗଡ଼ ଅଭୟାରଣ୍ୟ ଇତ୍ୟାଦି ବୁଲିବାକୁ ଯିବେ। ଟ୍ରିବ୍ୟୁନାଲଙ୍କ ଏହି ଗସ୍ତସୂଚୀକୁ ଦେଖି ପ୍ରଶ୍ନ ଉଠାଇଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ବିଡ଼ମ୍ବନାର ବିଷୟ, ମରିଯାଉଥିବା ମହାନଦୀର ବିଭିନ୍ନ ସ୍ଥାନ ନବୁଲି ପର୍ଯ୍ୟଟନସ୍ଥଳୀ ଗସ୍ତରେ ଅଧିକ ସମୟ ବିତାଇବେ ଟ୍ରିବ୍ୟୁନାଲ ଟିମ୍। ଏହି ଗସ୍ତକୁ ପିକ୍‌ନିକ୍ ବୋଲି ଅଭିଯୋଗ କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଯାହାକୁ ଭୁବନେଶ୍ୱରରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା ବିକ୍ଷୋଭ କରିଛନ୍ତି। ଦିନ ପରେ ଦିନ ଗଡୁଛି, କିନ୍ତୁ ହୋଇପାରୁନି ମହାନଦୀ ଜଳ ବିବାଦର ସମାଧାନ।ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଏହି ବିବାଦ ବର୍ଷ ବର୍ଷ ଧରି ଚାଲିଛି । ଗତ ୭ ବର୍ଷ ଧରି ଗଠନ ହୋଇଛି ଟ୍ରିବ୍ୟୁନାଲ। ହେଲେ ସମାଧାନ ହେବ କ'ଣ ବରଂ କ୍ଷତି ସହୁଛି ଓଡ଼ିଶା। ଦୁଇ ରାଜ୍ୟ ମଧ୍ୟରେ ଜଳ ବିବାଦର ସମାଧାନ ଆପୋସ ଆଲୋଚନାରେ ହେବ ବୋଲି କହୁଛନ୍ତି ସରକାର। ହେଲେ ତୁଟୁନି ବିବାଦ। ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ।

### ଆଜିଠାରୁ ଆବେଦନ ...

ପରୀକ୍ଷା ଅନୁଷ୍ଠିତ ହେବ। ସିପିଇଟି ପ୍ରବେଶିକା ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଏଥିସହ ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ପାଠ୍ୟକ୍ରମକୁ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

### ଓଲଟିଲା ବୋର୍‌ୱେଲ୍ ଗାଡ଼ି ...

ବୋଲି ସୂଚନା ମିଳିଛି। ସେହିପରି ସାଇକେଲ ଆରୋହୀଙ୍କ ସମେତ ୭ ଜଣ ଗୁରୁତର ଥିବା ସୂଚନା ମିଳିଛି । ଗୁରୁତରଙ୍କୁ ସ୍ଥାନୀୟ ବାସିନ୍ଦା ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଛନ୍ତି । ଗାଡ଼ି ଡ୍ରାଇଭରଙ୍କ ଗାଡ଼ି ତଳେ ଚାପି ହୋଇ ମୃତ୍ୟୁ ହୋଇଛି।

# ପିପିଲିରେ ଚାଷୀ ସଚେତନତା




**ପିପିଲି,୨୬/୨/ଏନ୍‌ଏନ୍‌ଏସ୍:** ପିପିଲି ବ୍ଲକର ଦାଣ୍ଡମୁକୁନ୍ଦ ପୁର ଠାରେ ପିପିଲି ବ୍ଲକ କୃଷି ଓ କୃଷକ ସଶକ୍ତିକରଣ କାଯ୍ୟାଳୟ ପକ୍ଷରୁ ଚାଷୀ ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଖପାଖର ବହୁ ଚାଷୀ ଏହି କାଯ୍ୟକ୍ରମରେ ଯୋଗ ଦେଇଥିଲେ। ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀ ମାନଙ୍କୁ ସଚେତନ କରାଇଥିଲେ। ପ୍ରତ୍ୟେକ ଚାଷୀ ସେମାନେ କରିଥିବା ବିଭିନ୍ନ ଫସଲରେ ରୋଗପୋକ ଓ ତାହାର ନିରାକରଣ ଉପରେ କିଭଳି ଗୁରୁତ୍ୱ ଦେବେ ସେ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଉପସ୍ଥିତ ଚାଷୀମାନଙ୍କ ବହୁବିଧ ସମସ୍ୟା ଶୁଣିଥିଲେ। ତେବେ ଚାଷୀମାନଙ୍କ ମୁଖ୍ୟ ସମସ୍ୟା ଥିଲା ଡେଲାଙ୍ଗ ଡିଷ୍ଟ୍ରିବ୍ୟୁଟାରୀରୁ ପିପିଲିରୁ ବାହାରିଥିବା ଦାଣ୍ଡମୁକୁନ୍ଦପୁର ମାଇନରରେ ଦାଣ୍ଡମୁକୁନ୍ଦପୁର ପର୍ଯ୍ୟନ୍ତ ପାଣି ଆସୁନଥିବାରୁ ପାଣି ବିନା ଚାଷ କାର୍ଯ୍ୟ ବ୍ୟାହତ ହେଉଛି। ମାଇନର ରେ ପାଣି ଆସୁନଥିବା ବେଳେ ଚାଷୀ କିନ୍ତୁ ଜଳକର ଦେଉଛି। ଚାଷୀଙ୍କ ଅଭିଯୋଗକୁ ଗ୍ରହଣକରି ପୁରୀ ଜିଲ୍ଲା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଚାଷୀଙ୍କ ଅଭିଯୋଗ ସମ୍ପର୍କରେ ଅବଗତ କରାଇବାକୁ ଚାଷୀମାନଙ୍କୁ ଜିଲ୍ଲା ମୁଖ୍ୟ କୃଷିଅଧିକାରୀ କହିଥିଲେ। ବୈଠକରେ ପୁରୀ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡ଼ଃ ଶରତ କୁମାର ବେହେରା, ବରିଷ୍ଠ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟକାନ୍ତ ମିଶ୍ର, ପିପିଲି ବ୍ଲକ ପ୍ରାଣୀଧନ ନିରୀକ୍ଷକ ଆଲୋକ ମିଶ୍ର, ପିପିଲି ବ୍ଲକ କୃଷି ଅଧିକାରିଣୀ ସୌମିତ୍ରା ମହାନ୍ତି, ସହକାରୀ ଫିସରୀ ଅଧିକାରିଣୀ ଅରୁଶ୍ରୀ ବିଶ୍ୱାଳ, ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ବନାନୀ ପ୍ରିୟଦର୍ଶିନୀ, ସ୍ଥାନୀୟ ସରପଞ୍ଚ ପରେଶ ମିଶ୍ର ଏବଂ ଗାଁ ସାଥି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସମସ୍ତ ଅଧିକାରୀ ଚାଷୀମାନଙ୍କ କ୍ଷେତକୁ ଯାଇ ଫସଲର ରୋଗପୋକ ନିରୀକ୍ଷଣ କରିଥିଲେ। ଫସଲକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ଆଜିର ଇତିହାସ

- ୧୭୧୨-ଦେଶର ମୋଗଲ ସମ୍ରାଟ ବାହାଦୁର ଶାହ ପ୍ରଥମଙ୍କର ନିଧନ ହୋଇଥିଲା।
- ୧୯୩୧-କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ, ଆହ୍ଲାବାଦ ଠାରେ ଗିରଫ ହେବା ଭୟରେ ନିଜକୁ ଗୁଳି ମାରିଥିଲେ।
- ୨୦୦୨-ଗୁଜରାଟର ଗୋଧରା ରେଳ ଷ୍ଟେସନରେ ସାବରମତୀ ଏକ୍ସପ୍ରେସ୍‌ରେ ନିଆଁ ଲାଗିବାରୁ ୫୮ ହିନ୍ଦୁ ତୀର୍ଥଯାତ୍ରୀ ମୃତ୍ୟୁବରଣ କରିଥିଲେ।
- ୨୦୧୦-ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମଜଭୁତ ସ୍ତମ୍ଭ ଓ ପ୍ରଖ୍ୟାତ ସମାଜସେବକ ନାନାଜୀ ଦେଶମୁଖଙ୍କର ନିଧନ ହୋଇଥିଲା।
- ୨୦୧୩-କୋଲ୍‌କାତାର ଏକ ବଜାରରେ ନିଆଁ ଲାଗିବାରୁ ୨୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ଖୁସି ଆଣିବ। ସମସ୍ତ ସମସ୍ୟାର ସମାଧାନ ମିଳିଯିବ। ଜୀବନସାଥିଙ୍କ ପାଇଁ କିଛି ଖାସ୍ ପ୍ଲାନ କରିପାରନ୍ତି। ବେରୋଜଗାରଙ୍କୁ ନୂଆ ଅବସର ମିଳିବ। ଫସଲରୁ ଆମଦାନୀ ଭଲ ହେବ।

**ବୃଷ** - ଦିନଟି ଖୁବ୍ ଭଲରେ ବିତିବ। କିଛି ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସହିତ ସାକ୍ଷାତ ହେବ। ପତ୍ରକାରିତା ସହ ଜଡ଼ିତ ଲୋକମାନେ ପ୍ରଶଂସିତ ହେବେ। ସମସ୍ୟାର ନୂଆ ରାସ୍ତା ତୁରନ୍ତ ମିଳିଯିବ।

**ମିଥୁନ** - ଦିନଟି ଉତ୍ସାହରେ ଭରା ରହିବ। ଅଧିକାରଗୁଡ଼ିକୁ ପ୍ରାପ୍ତ କରିବେ। ପରିବାର ସହିତ ଅଧିକ ସମୟ ବିତେଇବେ। ବ୍ୟାପାରୀଙ୍କ ପାଇଁ ଦିନଟି ଖୁବ୍ ଭଲ। ମନପସନ୍ଦର ଲାଭ ପାଇବେ।

**କର୍କଟ** - ଦିନଟି ଖୁସି ନେଇ ଆସିବ। ସମସ୍ତ ସମସ୍ୟାର ସମାଧାନ ପାଇବେ। ବେରୋଜଗାର ରୋଜଗାରର ଅବସର ପାଇବେ। ଚାକିରିର ଅଫର୍ ଆସିବ। କୃଷକମାନେ ଉର୍ଜାରେ ଭରି ରହିବେ।

**ସିଂହ** - ନୂଆ ପରିବର୍ତ୍ତନର ଦିନଟିଏ। ଅଚାନକ କୌଣସି କାମରେ ଲାଭ ପାଇବେ। ସାମଗ୍ରୀ ବିକ୍ରି ଅଧିକ ହେବ। ଖେଳକୁଦ ସହିତ ଜଡ଼ିତ ଲୋକମାନେ ଲାଭାନ୍ୱିତ ହେବେ।

**କନ୍ୟା** - ସାମାନ୍ୟ ଦିନଟିଏ। ନୂଆ ଉପଲବ୍ଧି ପ୍ରାପ୍ତ କରିବେ। କାହାକୁ ସାହାଯ୍ୟ କରିପାରନ୍ତି। ବ୍ୟବସାୟ ପାଇଁ ଯାତ୍ରା କରିପାରନ୍ତି। ସକାରାତ୍ମକ ପରିବର୍ତ୍ତନ ଜୀବନରେ ସୁଖ ଆଣିବ।

**ତୁଳା** - ନୂଆ ପରିବର୍ତ୍ତନ ହେବ। ଅଚାନକ ଲାଭ ହୋଇପାରେ। ଷ୍ଟେସନାରୀ ବ୍ୟବସାୟୀଙ୍କ ବିକ୍ରି ବୃଦ୍ଧି ହେବ। ଖେଳକୁଦ ସହିତ ଜଡ଼ିତ ଲୋକମାନେ ଲାଭ ପାଇବେ। ପାରିବାରିକ ଜୀବନ ଖୁସିରେ ଭରିଯିବ।

**ବିଛା** - ଭାଗ୍ୟ ଆଜି ପୂରା ସାଥ୍ ଦେବ। ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ। କୌଣସି ବଡ଼ ପ୍ରୋଜେକ୍ଟ ମିଳିପାରେ। ନିବେଶରୁ ଲାଭ ପାଇବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଆର୍ଥିକ ସ୍ଥିତି ମଜଭୁତ ହେବ।

**ଧନୁ** - ଦିନର ପ୍ରାରମ୍ଭ ଶାନ୍ତ ମନରୁ କରନ୍ତୁ। ଧନ-ଧାନ୍ୟ ବୃଦ୍ଧି ହେବ। ଫାଲ୍‌ତୁ ଖର୍ଚ୍ଚ ନକଲେ ଭଲ। ତେଲଛଣା ଜିନିଷ ନଖାଇଲେ ଭଲ। ଋତୁଜନିତ ଖାଦ୍ୟ ଖାଆନ୍ତୁ। ସ୍ୱାସ୍ଥ୍ୟ ଫିଟ୍ ରହିବ।

**ମକର** - ଦିନଟି ଅନୁକୂଳ। ସନ୍ତାନ ସହିତ ମଜଭୁତ ସମ୍ବନ୍ଧ ରହିବ। ପୁରୁଣା ରୋଗରୁ ମୁକ୍ତି ମିଳିବ। ବାଣିଜ୍ୟ କ୍ଷେତ୍ରର ଛାତ୍ରଛାତ୍ରୀମାନେ କିଛି ନୂଆ ଶିଖିବେ। ପରିବାରରେ ଖୁସିର ପରିବେଶ ଦେଖାଦେବ।

**କୁମ୍ଭ** - ଦିନର ଆରମ୍ଭ ଖୁବ୍ ଭଲ ରହିବ। ବିରୋଧୀ କାମ ପାଇଁ ପ୍ରଶଂସା କରିବେ। ସମ୍ପର୍କୀୟଙ୍କ ଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଡେକୋରେସନ୍ କରୁଥିବା ଲୋକମାନେ ସଫଳ ହେବେ।

**ମୀନ** - ଜୀବନରେ ନୂଆ ପରିବର୍ତ୍ତନ ଆସିବ। ବିରୋଧୀ ହାର ମାନିବେ। ଫ୍ରେସର୍‌ମାନେ ଭଲ ଜବ୍ ପାଇବେ। ନିକଟ ସମ୍ପର୍କୀୟଙ୍କ ଠାରୁ ଶୁଭ ସମାଚାର ମିଳିପାରେ। ବିଦ୍ୟାର୍ଥୀମାନେ ନିଜ ଉପରେ ଭରସା ରଖିବେ।

## ଶ୍ରୀମଦ୍ ଭଗବଦ୍‌ଗୀତା

**ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ।
ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ। (୧୫/୯)**



ଜୀବାତ୍ମା କର୍ଣ୍ଣ, ଚକ୍ଷୁ, ତ୍ୱକ(ଚର୍ମ), ଜିହ୍ୱା, ନାସିକା ଏବଂ ମନ ସବୁକୁ ଆଶ୍ରୟ କରି ଏ ଜଗତରେ ବିଷୟ ଭୋଗ କରିଥାନ୍ତି। ଅର୍ଥାତ ପାଞ୍ଚଟି ଇନ୍ଦ୍ରିୟ ପାଞ୍ଚ ପ୍ରକାର ବାର୍ତ୍ତାବହ ସାଜି ଅନ୍ତରସ୍ଥ ଜୀବାତ୍ମାଙ୍କର ସେବା କରନ୍ତି। ଏମାନେ ସମସ୍ତେ ତାଙ୍କୁ ବାହ୍ୟ ଜଗତ ସହିତ ସଂପର୍କ କରାନ୍ତି।

# ପଦ୍ମଭୂଷଣ ମନୋଜ ଦାସ

ଉଭୟ ଓଡ଼ିଆ ଓ ଇଂରାଜୀରେ ଚମତ୍କାର ଭାଷା, ଭାବ ତଥା ଶୈଳୀରେ ଅନବଦ୍ୟ ସାହିତ୍ୟ ରଚନା କରି ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାକୁ ଗୌରବମୟ କରିଥିଲେ ଅନନ୍ୟ ପ୍ରତିଭା ମନୋଜ ଦାସ। ୧୯୩୪ର ଆଜିର ଦିନରେ ବାଲେଶ୍ୱର ଜିଲ୍ଲାର ଶଙ୍ଖାରୀ ଗ୍ରାମରେ ଏକ ସମ୍ଭ୍ରାନ୍ତ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ମାତା କାଦମ୍ବିନୀ ଦେବୀଙ୍କ ପ୍ରଭାବରୁ ବାଲ୍ୟକାଳରୁ ତାଙ୍କର ରାମାୟଣ ଓ ମହାଭାରତ ପ୍ରତି ଶ୍ରଦ୍ଧା ଜାତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଦୁଇଟି ଗ୍ରନ୍ଥକୁ ସେ ଅଲୌକିକ ଶକ୍ତିର ଉତ୍ସଭାବେ ଅଭିହିତ କରିଥିଲେ। ଜିଲ୍ଲା ହାଇସ୍କୁଲ୍‌ରେ ପାଠପଢ଼ିବା ସମୟରେ ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ବିକଶିତ ହୋଇଥିଲା। ସେ ସମୟରେ ତାଙ୍କର ପ୍ରଥମ ପୁସ୍ତକ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶ ପାଇଥିଲା। କଲେଜ ଜୀବନରେ ତାଙ୍କର ଲେଖିବା ଅବ୍ୟାହତ ରହିଥିଲା ଓ ତାଙ୍କ ଦ୍ୱାରା ପ୍ରକାଶିତ ଉପନ୍ୟାସ, ଗଳ୍ପ ସଂକଳନ ଓ କବିତା ସଂକଳନରୁ ତାଙ୍କର ଉଜ୍ଜ୍ୱଳ ସାରସ୍ୱତ ଭବିଷ୍ୟତ ସମ୍ପର୍କରେ ଜଣାପଡ଼ି ଯାଇଥିଲା। ଓଡ଼ିଆ ଗଳ୍ପ ସାହିତ୍ୟର ମାନଦଣ୍ଡ ନିରୂପିତ ହୋଇଥିଲା ତାଙ୍କର ଗଳ୍ପ ସଂକଳନ 'ଆରଣ୍ୟକ'ରୁ। ଏହା ସହିତ କଲେଜରେ ପଢ଼ିବା ସମୟରେ ଛାତ୍ର ୟୁନିଅନ୍‌ର ସଭାପତି ଏବଂ ରାଜ୍ୟ ଛାତ୍ର ଫେଡେରେସନ୍‌ର ଉପ-ସଭାପତି ଭାବରେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ରେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଇନ କଲେଜରେ ଅଧ୍ୟୟନ କରିବା ସମୟରେ ଛାତ୍ରସଂଘ ସଭାପତି ରୂପେ ଯୁବକ ମନୋଜ ଦାସ ଇଣ୍ଡୋନେସିଆରେ ଆୟୋଜିତ ସମ୍ମିଳନୀରେ ଯୋଗ ଦେଇଥିଲେ। ତାଙ୍କର ଚାକିରି ଜୀବନ ଆରମ୍ଭ ହୋଇଥିଲା ଖ୍ରୀଷ୍ଟ ମହାବିଦ୍ୟାଳୟରୁ। ସେହି ବର୍ଷଟି ଥିଲା ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ 'ଦିଗନ୍ତ' ମାସିକ ପତ୍ରିକାର ପୁନଃ ପ୍ରକାଶନ ହୋଇଥିଲା ଓ କୁଜଙ୍ଗ ରାଜକୁମାରୀ ପ୍ରତିଜ୍ଞା ଦେବୀଙ୍କ ସହିତ ତାଙ୍କର ହୋଇଥିଲା ଶୁଭ ପରିଣୟ। ଜଣେ ଗାଳ୍ପିକ ଓ ଔପନ୍ୟାସିକ ଭାବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିପୁଳ ସମ୍ମାନର ଅଧିକାରୀ ହୋଇଥିବା ଓଡ଼ିଆ କଥାସାହିତ୍ୟର ଏହି ବିଶ୍ୱକର୍ମାଙ୍କର ୨୭ ଏପ୍ରିଲ୍, ୨୦୨୧ରେ ପଣ୍ଡିଚେରୀ ଠାରେ ନିଧନ ହୋଇଥିଲା।



# ସଂଗ୍ରାମୀ ଚନ୍ଦ୍ରଶେଖର



ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନାୟକ ଏବଂ ଜଣେ ଲୋକପ୍ରିୟ ସ୍ୱାଧୀନତା ସଂଗ୍ରାମୀ ଥିଲେ ଚନ୍ଦ୍ରଶେଖର ଆଜାଦ। ୨୩ ଜୁଲାଇ, ୧୯୦୬ରେ ମଧ୍ୟପ୍ରଦେଶର ଝାବୁଆ ଜିଲ୍ଲାର ଭାବରା ନାମକ ସ୍ଥାନରେ ସେ ଜନ୍ମଗ୍ରହଣ କରିଥିଲେ। ୧୪ ବର୍ଷ ବୟସରେ ସେ ବାରାଣସୀ ଯାଇ ସେଠାରେ ଏକ ସଂସ୍କୃତ ପାଠଶାଳାରେ ଶିକ୍ଷା ଗ୍ରହଣ କଲେ। ସେହିଠାରେ ଆଇନ ଭଙ୍ଗ ଆନ୍ଦୋଳନରେ ଯୋଗ ଦେଇଥିଲେ ଚନ୍ଦ୍ରଶେଖର। ୧୯୨୦-୨୧ରେ ସେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ସହିତ ଜଡ଼ିତ ହୋଇ ଗିରଫ ହୋଇ ନିଜ ନାମ 'ଆଜାଦ', ପିତାଙ୍କ ନାମ 'ସ୍ୱତନ୍ତ୍ରତା' ଓ ଜେଲ୍‌କୁ ତାଙ୍କ ନିବାସ ସ୍ଥାନ ବୋଲି କହିଥିଲେ। ଯେତେବେଳେ କ୍ରାନ୍ତିକାରୀ ଆନ୍ଦୋଳନ ଉଗ୍ର ରୂପ ଧାରଣ କଲା ସେତେବେଳେ ଆଜାଦ ସେହି ଆଡ଼କୁ ଆକର୍ଷିତ ହେଲେ ଓ 'ହିନ୍ଦୁସ୍ତାନ ସୋସିଆଲିଷ୍ଟ ଆର୍ମି' ସହିତ ଜଡ଼ିତ ହେଲେ। ଏହାପରେ କାକୋରୀ ଷଡ଼ଯନ୍ତ୍ରରେ ସକ୍ରିୟ ଭାଗ ନେଇ ପୁଲିସ୍ ଆଖିରୁ ଖସି ଫେରାର ହୋଇଗଲେ। ୧୭ ଡିସେମ୍ବର, ୧୯୨୮ରେ ଚନ୍ଦ୍ରଶେଖର, ଭଗତ ସିଂହ ଓ ରାଜଗୁରୁ ଲାହୋରରେ ପୁଲିସ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଘେରି ଜେପି ସାଣ୍ଡର୍ସଙ୍କୁ ହତ୍ୟା କରି ଲାହୋରରେ ସ୍ଥାନେ ସ୍ଥାନେ କାଗଜରେ ଲେଖିଦେଲେ ଯେ- ଲାଲା ଲାଜପତ୍ ରାୟଙ୍କ ମୃତ୍ୟୁର ପ୍ରତିଶୋଧ ନିଆଗଲା। ସେମାନଙ୍କର ଏହି ପଦକ୍ଷେପକୁ ପୂରା ଦେଶର କ୍ରାନ୍ତିକାରୀମାନେ ଖୁବ୍ ପ୍ରଶଂସା କରିଥିଲେ। ୧୯୩୧ରେ ନେହେରୁ ତାଙ୍କ ସହିତ ସାକ୍ଷାତ କରିବା ପାଇଁ ମନା କରିବା ପରେ କ୍ରୋଧରେ ସେ ଆଲ୍‌ଫ୍ରେଡ୍ ପାର୍କରେ ସୁଖଦେବଙ୍କ ସହିତ ଆଗାମୀ ରଣନୀତି ପ୍ରସ୍ତୁତ କରୁଥିବା ସମୟରେ ଇଂରେଜମାନେ ତାଙ୍କୁ ଘେରି ଯାଇଥିଲେ। କୌଶଳକ୍ରମେ ସୁଖଦେବଙ୍କୁ ସେଠାରୁ ସୁରକ୍ଷିତ ବାହାର କରି ସେ ଇଂରେଜଙ୍କ ଉପରେ ଗୁଳିଚାଳନା କରିଥିଲେ। ଯେତେବେଳେ ପରିସ୍ଥିତି ସମ୍ପର୍କରେ ସେ ଜାଣିଲେ ଶେଷ ଗୁଳି ଦ୍ୱାରା ସେ ନିଜ ପ୍ରାଣ ନେଇଥିଲେ। ଏହି ବଳିଦାନକୁ ଦେଶ କେବେ ମଧ୍ୟ ଭୁଲିପାରିବ ନାହିଁ।



# ରାଜଧାନୀରେ ପ୍ରଥମ ଅନ୍ତର୍ଜାତୀୟ ଫିଲ୍ମ ଉତ୍ସବ

ପ୍ରତିବର୍ଷ ପୂରା ଦୁନିଆରେ ଖୁବ୍ ଭଲ ଭଲ ଫିଲ୍ମର ନିର୍ମାଣ ହେଉଥିଲେ ମଧ୍ୟ ସବୁଗୁଡ଼ିକ ବଡ଼ ପରଦା ପର୍ଯ୍ୟନ୍ତ ପହଞ୍ଚି ପାରନ୍ତି ନାହିଁ। ଏହିଠାରେ ଫିଲ୍ମ ଫେଷ୍ଟିଭାଲ୍ କଥା ଆସିବ ଯେଉଁଠାରେ ଗୋଟିଏ ସ୍ଥାନରେ ଦୁନିଆର ଶାନ୍‌ଦାର୍ ଫିଲ୍ମଗୁଡ଼ିକୁ ଦେଖିବାକୁ ମିଳେ। ଏବେ ଏହି ଅବସର ମିଳିବ ଦିଲ୍ଲୀବାସୀଙ୍କୁ। ପ୍ରତିବର୍ଷ ଦେଶରେ ଫିଲ୍ମ ଫେଷ୍ଟିଭାଲ୍‌ର ଆୟୋଜନ କରାଯାଏ ଯେଉଁଠାରେ ନୂଆ ନିର୍ଦ୍ଦେଶକ ଓ ଫିଲ୍ମ ନିର୍ମାତାଙ୍କୁ କ୍ଲାସିକ୍ ସିନେମାଗୁଡ଼ିକୁ ଦେଖିବାର ସୁଯୋଗ ମିଳେ। ଏହି ଅବସର ପ୍ରତି ସିନେଫାଇଲ ପାଇଁ କୌଣସି ସ୍ୱପ୍ନ ଠାରୁ କମ୍ ନୁହେଁ। ଏବେ ଦିଲ୍ଲୀବାସୀଙ୍କ ଏହି ସ୍ୱପ୍ନ ପୂରା ହେବାକୁ ଯାଉଛି। କାରଣ ଦିଲ୍ଲୀରେ ପ୍ରଥମ ଥର ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ର ଆୟୋଜନ ହେବାକୁ ଯାଉଛି ଯେଉଁଠାରେ ପୂରା ଦୁନିଆର ବେଷ୍ଟ ଫିଲ୍ମଗୁଡ଼ିକୁ ଦେଖିପାରିବେ। ଦିଲ୍ଲୀର ଶାନ୍‌ଦାର ଭାରତ ମଣ୍ଡପମ୍‌ରେ ୨୫ ମାର୍ଚ୍ଚରେ



DIFF
DELHI INTERNATIONAL FILM FESTIVAL-INDIA

ହେବାକୁ ଯାଉଛି। ଏଥିରେ ଦେଖିବାକୁ ପାଇବେ ଦେଶ-ବିଦେଶର ୧୨୫ଟି ଫିଲ୍ମ। ଏହି ପୂରା ସ୍ଲଟ୍‌ରେ ଅନ୍ତର୍ଜାତୀୟ ଓ ହୋମଗ୍ରୋନ୍ ଫିଲ୍ମଗୁଡ଼ିକୁ ଦେଖିବାକୁ ପାଇବେ। ପାଞ୍ଚଟି ଦେଶର ସିନେମା ସହିତ ଜଡ଼ିତ ବଡ଼ ନାମ ଏଥିରେ ରହଛି। ଏହି ଫେଷ୍ଟିଭାଲ୍‌ରେ କ୍ଷେତ୍ରୀୟ, ବଲିଉଡ୍ ଓ ଅନ୍ତର୍ଜାତୀୟ ଫିଲ୍ମଗୁଡ଼ିକର ରହିବ ଅଧିକ ଚାହିଦା। ଦେଶଭକ୍ତି, ଆଧ୍ୟାତ୍ମିକ ଓ ଶିଶୁମାନଙ୍କ ପାଇଁ ଫିଲ୍ମଗୁଡ଼ିକର ଏଥିରେ ଅଲଗା ଅଲଗା ସେକ୍ସନ୍ ରହିବ। କେବଳ ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ନୁହେଁ, ସେଠିକାର କେତେକ ମଲ୍ଟିପ୍ଲେକ୍ସେସ୍‌ରେ ମଧ୍ୟ ଏହି ଫିଲ୍ମଗୁଡ଼ିକର ପ୍ରଦର୍ଶନ ହେବ ଯେଉଁଥି ପାଇଁ କରିବାକୁ ହେବ ରେଜିଷ୍ଟ୍ରେସନ୍। ଫେଷ୍ଟିଭାଲ୍‌ରେ ୱର୍କସପ୍ସ ଓ ମାଷ୍ଟରକ୍ଲାସ୍‌ର ମଧ୍ୟ ଆୟୋଜନ କରାଯିବ ଯେଉଁମାନଙ୍କ ମଧ୍ୟରେ ଦେଶ-ବିଦେଶର ବଡ଼ ବଡ଼ ନାମ ସାମିଲ ହେବେ।

# ମଧୁକାମିନୀ

**ପ୍ରାଚୀନ କଥାଗୁଡ଼ିକ ଅନୁସାରେ ସ୍ୱର୍ଗରୁ ତିନୋଟି ଅଦ୍ଭୁତ ଫୁଲ ପୃଥିବୀପୃଷ୍ଠକୁ ପଠାଯାଇଥିଲା- ଅପରାଜିତା, ପାରିଜାତ ଓ ମଧୁକାମିନୀ। ଏହି ଫୁଲଗୁଡ଼ିକ କେବଳ ନିଜ ମନମୋହକ ସୁଗନ୍ଧ ଓ ସୁନ୍ଦରତା ପାଇଁ ନୁହେଁ ନିଜର ଅଦ୍ୱିତୀୟ ଗୁଣଗୁଡ଼ିକ ପାଇଁ ମଧ୍ୟ ପ୍ରସିଦ୍ଧ। ଏଗୁଡ଼ିକ ପ୍ରାକୃତିକ ଚମତ୍କାର ଗୁଣ ସହିତ ଶ୍ୱସନ ସ୍ୱାସ୍ଥ୍ୟ, ସ୍କିନ୍ ସମ୍ବନ୍ଧୀୟ ସମସ୍ୟା ଓ ପାଚନ ସୁଧାରିବାରେ ସାହାୟତା କରନ୍ତି ଯେଉଁଥି ପାଇଁ ଶରୀର ଓ ମନ ଦୁଇଟି ସାରାକୁ ଲାଭ ମିଳେ।**

**ମଧୁକାମିନୀ-** ଏହି ଫୁଲ ଗରମ ଦିନେ ନିଜର ସୁଗନ୍ଧ ସହିତ ପୂରା ଘର ଓ ବାତାବରଣକୁ ସୁଗନ୍ଧିତ କରିଦିଏ। ମଧୁକାମିନୀ ଗଛର ଯତ୍ନ ମଧ୍ୟ ସହଜରେ ନେଇହେବ। ଘର ଭିତରେ ଏହାକୁ ସହଜରେ ଲଗେଇ ପାରିବେ କିନ୍ତୁ ଏହାର ଔଷଧୀୟ ଗୁଣ ବିଷୟରେ ଅନେକ ଲୋକ ଜାଣିନଥିବେ।



**ଔଷଧୀୟ ଗୁଣ-** ଆୟୁର୍ବେଦରେ ମଧୁକାମିନୀର ଫୁଲ, ପତ୍ର ଓ ଚେରକୁ ବିଭିନ୍ନ ଉପଚାରରେ ପ୍ରୟୋଗ କରାଯାଏ। ମଧୁକାମିନୀ ଫୁଲର ସୁଗନ୍ଧ ମାନସିକ ଚାପକୁ କମ୍ କରାଇବାରେ ସାହାଯ୍ୟ କରେ ଓ ହର୍ମୋନ୍ ସନ୍ତୁଳନକୁ ମଧ୍ୟ ବଜାୟ ରଖେ। ଏହି ଗଛର ଚେରରେ ତିଆରି ହେଉଥିବା ପାଉଡର୍ ଶରୀର ପାଇଁ ପ୍ରାକୃତିକ ଟନିକ୍ ପରି କାମ କରେ। ଯଦି ପାଚନ ପ୍ରକ୍ରିୟା ଧିମା ଥିବ କିମ୍ବା ପାଚନ ଅଗ୍ନି ଦୁର୍ବଳ ଥିବ ତେବେ ଏହାର ସେବନ କଲେ ପାଚନ ପ୍ରକ୍ରିୟା ସୁଧୁରିଯାଏ ଓ ପେଟ ସୁସ୍ଥ ରହେ। ଗଳାରେ ହେଉଥିବା ବ୍ୟଥା ବା ନିଃଶ୍ୱାସ ନେବାରେ କଷ୍ଟ ହେଉଥିଲେ ମଧୁକାମିନୀ ଫୁଲ ଓ ପତ୍ରରେ ପ୍ରସ୍ତୁତ କାଢ଼ା ପିଇଲେ ଲାଭ ହୁଏ ବୋଲି ସମସ୍ତେ ଜାଣନ୍ତି। ଏହା ନା କେବଳ ଗଳାକୁ ପରିଷ୍କାର କରେ ଭିତରର ସ୍ୱେଲିଂକୁ ବି କମ୍ କରାଏ। ଏହାର ପତ୍ରଗୁଡ଼ିକୁ ଚୋବେଇଲେ ଦାନ୍ତର ବ୍ୟଥା ବା ସ୍ୱେଲିଂରୁ ଆରାମ ମିଳେ। କାରଣ ଏଥିରେ ପ୍ରାକୃତିକ ଗୁଣ ଭରି ରହିଥାଏ ଯାହା ସ୍ୱେଲିଂକୁ କମ୍ କରାଇପାରେ। ମଧୁକାମିନୀର ପରଫ୍ୟୁମ୍ ଅଏଲ୍ ଥେରାପିରେ ଉପଯୋଗ କରାଯାଏ। ଏହା ବିଶେଷ ଭାବରେ ସେହି ଲୋକମାନଙ୍କ ପାଇଁ ଲାଭକାରୀ ଯେଉଁମାନେ ମାନସିକ ସ୍ତରରେ କ୍ଲାନ୍ତ ବା ଚାପ କାରଣରୁ ଅନିଦ୍ରା ସମସ୍ୟା ଭୋଗୁଥାନ୍ତି।

# ସମୟର ଜ୍ଞାନ ନଥିବା ଜନଜାତି



ଆମେମାନେ ଏପରି ଏକ ଦୁନିଆରେ ରହୁଛନ୍ତି ଯେଉଁଠାରେ ପ୍ରତି ସେକେଣ୍ଡର ମୂଲ୍ୟ ଥାଏ। ଘଡ଼ିର କଣ୍ଟା ଆମର ଉଠିବା, ଶୋଇବା ଓ କାମ କରିବାର ସମୟ ଉପରେ ନିଷ୍ପତ୍ତି ନେଇଥାଏ। କିନ୍ତୁ ଆମାଜନ ଜଙ୍ଗଲରେ ରହୁଥିବା ଅମୁଣ୍ଡଭା ଜନଜାତି ପାଇଁ ସମୟର କୌଣସି ମୂଲ୍ୟ ନାହିଁ। ଏହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଆମାଜନର ବର୍ଷାବନରେ ରହୁଥିବା ଏହି ଜନଜାତି ଆଧୁନିକ ସଭ୍ୟତାର ସବୁଠାରୁ ବୁନିଆଦୀ ଆଧାର ଅର୍ଥାତ ସମୟକୁ ହିଁ ଅଣଦେଖା କରନ୍ତି। ଏକ ବିଶ୍ୱବିଦ୍ୟାଳୟର ଅଧ୍ୟୟନକାରୀମାନେ ଯେତେବେଳେ ଏହି ଜନଜାତିଙ୍କ ଉପରେ ଗଭୀରତାର ସହିତ ଅଧ୍ୟୟନ କରିଥିଲେ, ସେଥିରୁ ଜଣାପଡ଼ିଥିଲା ଅମୁଣ୍ଡଭା ଭାଷାରେ ସମୟ, ସପ୍ତାହ, ମାସ ବା ବର୍ଷ ପରି ଶବ୍ଦଗୁଡ଼ିକ ପାଇଁ କୌଣସି ଅନୁବାଦ ନାହିଁ। ଏମାନଙ୍କ ପାଇଁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ହିଁ କେବଳ ଯଥେଷ୍ଟ। ଏମାନେ ସମ୍ପୂର୍ଣ୍ଣ ଭାବରେ ଆଜିରେ ହିଁ ବଞ୍ଚନ୍ତି ଓ ଏମାନଙ୍କ ପାଇଁ ଆସନ୍ତା କାଲିର କୌଣସି ମୂଲ୍ୟ ନାହିଁ। ସେମାନଙ୍କର ବୟସର ମଧ୍ୟ ହିସାବ ନଥାଏ। ସେମାନଙ୍କର ବୟସ ନମ୍ବରରେ ମପାଯାଏ ନାହିଁ, ପରିଚୟ ସହିତ ଯୋଡ଼ାଯାଏ। ଏହି ଜନଜାତିର କୌଣସି ପିଲା ବଡ଼ ହେଲେ ତା'ର ନାମ ପରିବର୍ତ୍ତନ କରାଯାଏ ଓ ନାମ ପରିବର୍ତ୍ତନର ଅର୍ଥ ସେ ବଡ଼ ହୋଇଯାଇଛି। ସେ ଜନଜାତିର ଲୋକମାନେ ନିଜର ପୂରା ଜୀବନରେ ଅନେକ ଥର ନିଜ ନାମ ପରିବର୍ତ୍ତନ କରିଥାନ୍ତି। ଏହି ଉପାୟ ଆମକୁ ଶିକ୍ଷା ଦେଉଛି ଯେ ବିନା ନମ୍ବରରେ ମଧ୍ୟ ସମାଜକୁ ଚାଲାଇହେବ। 'ସମୟ ଅତିକ୍ରମ କରୁଛି' ପରି କଥାକୁ ସେମାନେ ବୁଝିପାରନ୍ତି ନାହିଁ। ସେମାନେ ଘଡ଼ି ବା କ୍ୟାଲେଣ୍ଡର୍‌ର ଆବଶ୍ୟକତାକୁ ଅନୁଭବ କରିପାରନ୍ତି ନାହିଁ।

# ବିଶ୍ୱ ଏନ୍‌ଜିଓ ଦିବସ

ଆଜି ବିଶ୍ୱ ସ୍ତରରେ ପାଳନ କରାଯାଉଛି ଏନ୍‌ଜିଓ ଦିବସ। ବିଭିନ୍ନ ଏନ୍‌ଜିଓ ଦ୍ୱାରା କରାଯାଇଥିବା କାର୍ଯ୍ୟ ଓ ସେଗୁଡ଼ିକର ଯୋଗଦାନର ଉତ୍ସବ ଭାବରେ ଆଜିର ଦିନଟିକୁ ପାଳନ କରାଯାଏ। ଏନ୍‌ଜିଓ ଭିତରେ ଅଧିକ ସକ୍ରିୟ ଭାବରେ ସାମିଲ ହେବା ଓ ବେସରକାରୀ ସାର୍ବଜନିକ କ୍ଷେତ୍ରଗୁଡ଼ିକ ମଧ୍ୟରେ ଅଧିକ ସହଜୀବନକୁ ଏହି ଦିବସ ପ୍ରୋତ୍ସାହିତ କରେ। ସବୁ ବେସରକାରୀ ସଂଗଠନଗୁଡ଼ିକୁ ସମ୍ମାନିତ କରିବାର ଦିନଟିଏ। ପୂର୍ବ ବାଲ୍ଟିକ୍ ରାଜ୍ୟଗୁଡ଼ିକରୁ ବାଲ୍ଟିକ୍ ସିଏନ୍‌ଜିଓ ଫୋରମ୍‌ର ପ୍ରତିନିଧିମାନେ ୨୦୧୦ ମସିହାରେ ଏହି ଦିବସର ଘୋଷଣା କରିଥିଲେ।



ଏନ୍‌ଜିଓ ଏପରି ଏକ ସଂଗଠନ ଯାହା ସରକାର ଓ ବ୍ୟବସାୟୀଙ୍କୁ ଯେ ଲାଭ ଦେଇଥାଏ ତାହା ନୁହେଁ, ଜନସେବା ହିଁ ଏହାର ଉଦ୍ଦେଶ୍ୟ। ଗରିବ ଓ ବେସାହାରାମାନଙ୍କର ଦୁଃଖ, ଯନ୍ତ୍ରଣାକୁ ବୁଝିବା, ଏମାନଙ୍କୁ ସହଯୋଗ କରିବା ଏନ୍‌ଜିଓର କାର୍ଯ୍ୟ। ଏନ୍‌ଜିଓର ଅଣଲାଭକାରୀ ସଂଗଠନ ବି ରହିଛି। ତେବେ କୌଣସି ବ୍ୟକ୍ତି ଯଦି କୌଣସି ପ୍ରକାରର ସମାଜସେବା କରିବାକୁ ଚାହାନ୍ତି ତେବେ ଏନ୍‌ଜିଓ ଖୋଲି ପାରିବେ। ଏହା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ତିଆରି ହୋଇଥିବା ନିୟମଗୁଡ଼ିକ ଅନ୍ତର୍ଗତ ନିଜ ସଂସ୍ଥାର ନାମ ରେଜିଷ୍ଟର୍ଡ କରିପାରିବେ। କେତେକ ଏନ୍‌ଜିଓ ଜାତୀୟ ସ୍ତରରେ କାମ କରୁଥିବା ବେଳେ ଆଉ କେତେକ ଅନ୍ତର୍ଜାତୀୟ ସ୍ତରରେ କାମ କରୁଥାନ୍ତି। ପ୍ରମୁଖ ଅନ୍ତଃରାଷ୍ଟ୍ରୀୟ ଏନ୍‌ଜିଓଗୁଡ଼ିକ ମଧ୍ୟରେ ସେଭ୍ ଦ ଚିଲ୍ଡ୍ରେନ୍, ଡକ୍ଟର୍ସ ୱିଦାଉଟ୍ ବର୍ଡର୍ସ, କେୟାର୍ ଇଣ୍ଟରନ୍ୟାସନାଲ୍ ଆଦି ରହିଛି। ଆମ ଦେଶରେ ପାଖାପାଖି ୩୦ ଲକ୍ଷରୁ ଅଧିକ ଏନ୍‌ଜିଓ କାମ କରୁଛନ୍ତି ଯେଉଁଗୁଡ଼ିକ ମଧ୍ୟରେ ଗିଭ୍ ଇଣ୍ଡିଆ ଫାଉଣ୍ଡେସନ୍, ସ୍ମାଇଲ୍ ଫାଉଣ୍ଡେସନ୍, ଗୋ ସ୍ପୋର୍ଟସ୍ ଫାଉଣ୍ଡେସନ୍, ନନ୍ହି କଲି, ହେଲ୍ପ ଏଜ୍ ଇଣ୍ଡିଆ, ଗୁଁଜ, ଫେୟାର୍ ଇଣ୍ଡିଆ ଆଦି ପ୍ରମୁଖ ଏନ୍‌ଜିଓର ନାମ ସାମିଲ ଅଛି।

# ଦେଶର ପ୍ରଥମ ମୋବାଇଲ୍ କଲ୍

ଆଜି ଯଦିଓ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍ ଅଛି କିନ୍ତୁ ସମୟ ଥିଲା ଯେତେବେଳେ ମୋବାଇଲ୍ ଫୋନ୍ କାହା ପାଖରେ ରହିବାର ଅର୍ଥ ତା'ର ଆର୍ଥିକ ସମ୍ପନ୍ନତାର ପରିଚୟ ଦେଉଥିଲା। କିନ୍ତୁ ଆଜି ଏପରି ସ୍ଥିତି ନାହିଁ। ଦେଶରେ ଡିଜିଟାଲ୍ କମ୍ୟୁନିକେସନ୍ କ୍ଷେତ୍ରରେ ଏତେ ଉନ୍ନତି ହୋଇଛି ଯେ ଏହି କ୍ଷେତ୍ରଟି ପୂରା ଦୁନିଆରେ ଏକ ମହାଶକ୍ତି ଭାବରେ ଉଭା ହୋଇଛି। ଆମ ଦେଶରେ ଏହି କ୍ରାନ୍ତି ପଛରେ ଯେଉଁ କମ୍ପାନୀର ସବୁଠାରୁ ବଡ଼ ଯୋଗଦାନ ଥିଲା ସେ କମ୍ପାନୀ ହେଉଛି ରିଲାଏନ୍ସ। ରିଲାଏନ୍ସ କମ୍ପାନୀ ଆଗକୁ ବଢ଼ିବା ପରେ ମୋବାଇଲ୍ ଫୋନ୍ ଓ ଏହାର କଲ୍‌ଗୁଡ଼ିକ ଶସ୍ତା ହୋଇଥିଲା। ଏହା ପରେ ମୁକେଶ ଅମ୍ବାନୀଙ୍କ ସ୍ୱାମିତ୍ୱରେ ରିଲାଏନ୍ସ ଜିଓ, ଦୁନିଆର ଦ୍ୱିତୀୟ ସବୁଠାରୁ ବଡ଼ ୫ଜି ଦୂରସଂଚାର ପ୍ରଦାତା କମ୍ପାନୀ ହେବାର ମାନ୍ୟତା ପାଇଛି।



କିନ୍ତୁ ଆମ ଦେଶକୁ ମୋବାଇଲ୍ ଫୋନ୍ କେବେ ଆସିଥିଲା, ଏହାକୁ କେଉଁ କମ୍ପାନୀ ତିଆରି କରିଥିଲା ଓ ଦେଶରେ ପ୍ରଥମ ମୋବାଇଲ୍ ଫୋନ୍‌ରେ କିଏ କଥା ହୋଇଥିଲେ ସେ ବିଷୟ ଉପରେ ମନରେ ପ୍ରଶ୍ନ ଉଠୁଥାଇପାରେ। ଆଜି ସମସ୍ତେ ଫ୍ରି କଲିଂର ଲାଭ ଉଠାଉଛନ୍ତି। ଦେଶରେ ପ୍ରଥମେ ମୋବାଇଲ୍ ଫୋନ୍ କଲ୍‌ର କଷ୍ଟ ମିନିଟ୍ ପ୍ରତି ୮.୪ ଟଙ୍କା ଥିଲା। ଯଦି ମୁଦ୍ରାସ୍ଫୀତି ହାରରେ ଏହାକୁ ଗଣାଯାଏ ତେବେ ଆଜି ଏହାର ଦାମ୍ ପାଖାପାଖି ୨୩ ଟଙ୍କା ହେବ। ତେବେ ଆମ ଦେଶର ପ୍ରଥମ ମୋବାଇଲ୍ ଫୋନ୍ କଲ୍ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁ। ୩୧ ଜୁଲାଇ, ୧୯୯୫ରେ ସେ ନୋକିଆ ହ୍ୟାଣ୍ଡସେଟ୍‌ର ଉପଯୋଗ କରି ସେ ସମୟର କେନ୍ଦ୍ରୀୟ ସଂଚାର ମନ୍ତ୍ରୀ ସୁଖ ରାମଙ୍କ ସହିତ କଥାବାର୍ତ୍ତା କରିଥିଲେ। ଏହି କଲ୍‌ଟି ଇତିହାସ ରଚିଥିଲା ଓ ଦେଶରେ ଆରମ୍ଭ ହୋଇଥିଲା ଡିଜିଟାଲ୍ ସଂଚାରର ଏକ ନୂଆ ଯୁଗ। କୋଲ୍‌କାତା ଓ ରାଜଧାନୀ ଦିଲ୍ଲୀ ମଧ୍ୟରେ ହୋଇଥିବା ଏହି କଥାବାର୍ତ୍ତା ମୋଦୀ ଟେଲ୍‌ଷ୍ଟ୍ରା ନେଟ୍‌ୱର୍କରେ କରାଯାଇଥିଲା ଯାହା ଦେଶରେ ବିକେ ମୋଦୀ ଓ ଅଷ୍ଟ୍ରେଲିଆର ଟେଲ୍‌ଷ୍ଟ୍ରାର ଏକ ସଂଯୁକ୍ତ ଉଦ୍ୟମ ଅଟେ।

ସୁପର ୮ରେ ସାଉଥ୍ ଆଫ୍ରିକାର ଲଗାତାର ଦ୍ୱିତୀୟ ବିଜୟ

# ୱେଷ୍ଟଇଣ୍ଡିଜ୍ ୯ ୱିକେଟରେ ପରାସ୍ତ



**ଅହମଦାବାଦ୍, ୨୬।୨/ଏଜେନ୍ସି:** ଟି-୨୦ ବିଶ୍ୱକପରେ ସାଉଥ୍ ଆଫ୍ରିକା ସୁପର ୮ ପର୍ଯ୍ୟାୟରେ ନିଜ ବିଜୟ ଧାରା ବଜାୟ ରଖିଛି। ଗୁରୁବାର ଖେଳାଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ଏହାର କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ୱେଷ୍ଟଇଣ୍ଡିଜ୍ ଭଳି ଏକ ଶକ୍ତିଶାଳୀ ଦଳକୁ ସାଉଥ୍ ଆଫ୍ରିକା ୯ ୱିକେଟ୍‌ରେ ପରାସ୍ତ କରିଛି। ଏହାପୂର୍ବରୁ ସାଉଥ୍ ଆଫ୍ରିକା ନିଜ ସୁପର-୮ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଭାରତକୁ ୭୬ ରନ୍‌ରେ ପରାସ୍ତ କରିବାରେ ସଫଳ ହୋଇଥିଲା।

ଗୁରୁବାର ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅନ୍ୟପକ୍ଷେ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା। ଦୁଇ ଓପନର ବ୍ରାଣ୍ଡନ୍ କିଙ୍ଗ୍ ଏବଂ ଅଧିନାୟକ ସାଇ ହୋପ୍ ବ୍ୟକ୍ତିଗତ ଭାବେ ଯଥାକ୍ରମେ ୨୧ ଏବଂ ୧୬ ରନ୍ କରିଥିଲେ। ତେବେ ଶିମ୍‌ରନ୍ ହିଟ୍‌ମାୟାର୍, ରୋଭମାନ୍ ପୋୱେଲ୍, ରୋଷ୍ଟନ୍ ଚେଜ୍ ଏବଂ ଶେରଫାନେ ରଦରଫୋର୍ଡଙ୍କ 'ଫ୍ଲପ୍ ଶୋ' ଦେଖିବାକୁ ମିଳିଥିଲା। ଏମାନେ ଯଥାକ୍ରମେ ୨, ୯, ୨ ଏବଂ ୧୨ ରନ୍ ଲେଖାଏ କରିପାରିଥିଲେ। ଆଜିର ମ୍ୟାଚ୍‌ରେ ହୋଲ୍ଡର ଏବଂ ସେଫର୍ଡ ଏକ ରେକର୍ଡ ଭାଗୀଦାରି କରିଥିଲେ। ଦଳ ଏକ ସମୟରେ ୭ ୱିକେଟ୍ ପାଇଁ ୮୩ ରନ୍ କରିଥିଲା। ସେଠାରୁ, ଜାସନ ହୋଲ୍ଡର ଏବଂ ରୋମାରିଓ ସେଫର୍ଡ ୮ମ ୱିକେଟ୍ ପାଇଁ ୮୯ ରନ୍ ଯୋଡ଼ି ଦଳକୁ ୧୭୦ ଅତିକ୍ରମ କରାଇଥିଲେ। ଏହା ଟି-୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ୮ମ ୱିକେଟ୍ ଭାଗୀଦାରି। ତେବେ ଜାସନ୍ ହୋଲ୍ଡର ଦ୍ରୁତ ଖେଳ ଖେଳିଥିଲେ ଏବଂ ୩୧ ବଲ୍‌ରେ ୪୯ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଯାଇଥିଲେ। ତେବେ ରୋମାରିଓ ଶେଫର୍ଡଙ୍କ ଅପରାଜିତ୍ ୫୨ ରନ୍ ବଳରେ ଦଳ ୮ ୱିକେଟ୍ ହରାଇ ୧୭୬ ରନ୍ ହିଁ କରିପାରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁଙ୍ଗି ଏନଗିଡି ତିନୋଟି ୱିକେଟ ନେଇଥିଲେ, ଯେତେବେଳେ କାଗିସୋ ରାବାଡା ଏବଂ କର୍ବିନ୍ ବୋଶ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ।

ଅନ୍ୟପକ୍ଷେ ସାଉଥ୍ ଆଫ୍ରିକା ମାତ୍ର ୧ ୱିକେଟ୍ ବିନିମୟରେ ୧୬.୧ ଓଭରରେ ହିଁ ୧୭୭ ରନର ଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟକ ଏଡେନ୍ ମାର୍କରାମଙ୍କ ଅପରାଜିତ ୮୨, କ୍ୱିଣ୍ଟନ୍ ଡିକକ୍‌ଙ୍କ ୨୪ ବଲ୍‌ରେ ବିସ୍ଫୋରକ ୪୭ ରନ୍ ଏବଂ ରିଆନ୍ ରିକେଲଟନ୍‌ଙ୍କ ଅପରାଜିତ ୪୫ ରନ୍ ବଳରେ ସାଉଥ୍ ଆଫ୍ରିକା ସହଜ ବିଜୟ ଲାଭ କରିଥିଲା। ସାଉଥ୍ ଆଫ୍ରିକା ମାତ୍ର ୧୬.୧ ଓଭରରେ ୧୭୭ ରନ୍ କରିନେଇଥିଲା।

● ସେମିଫାଇନାଲ୍‌ରୁ ଆଉ ମାତ୍ର ଗୋଟିଏ ବିଜୟ ଦୂରରେ ଭାରତ

# ଜିମ୍ବାୱେ ୭୨ ରନ୍‌ରେ ପରାସ୍ତ



**ଚେନ୍ନାଇ, ୨୬।୨/ଏଜେନ୍ସି:** ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଖେଳାଯାଇଥିବା ସୁପର-୮ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ, ଜିମ୍ବାୱେକୁ ୭୨ ରନ୍‌ରେ ପରାସ୍ତ କରିବାରେ ସଫଳ ହୋଇଛି। ଏହି ବିଜୟ ସହ ଭାରତ ସେମିଫାଇନାଲ୍‌କୁ ଉନ୍ନୀତ ହେବା ଆଶାକୁ ଜୀବିତ ରଖିପାରିଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍ ଭାରତ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଥିଲା। ଭାରତ ସୁପର-୮ର ପ୍ରଥମ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ଠାରୁ ୭୬ ରନ୍ ବ୍ୟବଧାନରେ ପରାଜିତ ହୋଇଥିବା ବେଳେ ସେମିଫାଇନାଲ୍ ଆଶା ମଳିନ ପଡ଼ିଯାଇଥିଲା। ତେବେ ଆଜିର ଏହି ବିଜୟ ଭାରତୀୟ ଖେଳାଳିଙ୍କ ଆତ୍ମବିଶ୍ୱାସ ଫେରାଇଆଣିବାରେ ସହାୟକ ହେବ ବୋଲି କୁହାଯାଉଛି।

ଟସ୍ ହାରିବା ପରେ ଭାରତ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଅନ୍ୟପକ୍ଷେ ଦଳର ଦୁଇ ଓପନର ସଞ୍ଜୁ ସାମସନ୍ ଏବଂ ଅଭିଷେକ ଶର୍ମା ପ୍ରଥମରୁ ହିଁ ରନ୍ ବର୍ଷା କରିବା ଆରମ୍ଭ କରିଦେଇଥିଲେ। ଉଭୟ ଜିମ୍ବାୱେର ବୋଲିଂ ଲାଇନ୍ ଲେଙ୍ଗଥ୍‌କୁ ବିଗାଡିବାକୁ ଭରପୁର ଚେଷ୍ଟା କରିଥିଲେ ଏବଂ ଅନେକାଂଶରେ ସଫଳ ମଧ୍ୟ ହୋଇଥିଲେ। ସଞ୍ଜୁ ସାମସନ୍ ୧୫ ବଲ୍‌ରୁ ୨୪ ରନ୍ କରି ପାଭିଲିୟନ୍ ଫେରିଥିଲେ ମଧ୍ୟ ୨ ଛକା ଏବଂ ୧ ଚୌକା ମାରି ଦଳକୁ ପ୍ରାରମ୍ଭିକ ମଜବୁତ୍ ସ୍ଥିତି ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ଆଜିର ମ୍ୟାଚ୍‌ରେ ଅଭିଷେକଙ୍କ ବ୍ୟାଟ୍ ବର୍ଷିଥିଲା। ସେ ମାତ୍ର ୩୦ ବଲ୍‌ରୁ ୫୫ ରନ୍ କରିଥିଲେ ଯେଉଁଥିରେ ୪ ଛକା ଏବଂ ୪ ଚୌକା ସାମିଲ ଥିଲା। ସେହିପରି ଇଶାନ୍ କିଷନ୍ ଗୁରୁତ୍ୱପୂର୍ଣ୍ଣ ୩୮ ରନ୍ ଯୋଡିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୩ ରନ୍, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିସ୍ଫୋରକ ୫୦ ରନ୍ ସହ ତିଳକ ବର୍ମାଙ୍କ ଗୁରୁତ୍ୱପୂର୍ଣ୍ଣ ୪୪ ରନ୍ ଦଳକୁ ଏକ ମଜବୁତ୍ ସ୍ଥିତିରେ ପହଞ୍ଚାଇଦେଇଥିଲା। ୨୦ ଓଭର ଶେଷ ସୁଦ୍ଧା ଭାରତୀୟ ଦଳ ମାତ୍ର ୪ ୱିକେଟ୍ ହରାଇ ୨୫୬ ରନ୍ କରିଥିଲା।

ଅନ୍ୟପକ୍ଷେ ଜିମ୍ବାୱେ ୨୫୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିଲେ ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଗୋଟିଏ ପଟେ ବ୍ରିଆନ୍ ବେନେଟ୍ ୯୭ ରନ୍ କରି ଅପରାଜିତ ରହିଥିଲେ ମଧ୍ୟ ଦଳର ଅନ୍ୟ କୌଣସି ଖେଳାଳି ତାଙ୍କୁ ସହଯୋଗ ଦେଇପାରିନଥିଲେ। ଅଧିନାୟକ ସିକନ୍ଦର ରଜା ୩୧ ରନ୍ କରି ଆଉଟ୍ ହେବା ପରେ ଦଳର ଅନ୍ୟ ଖେଳାଳିମାନେ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିଲେ। ଜିମ୍ବାୱେ ୨୦ ଓଭର ସୁଦ୍ଧା ୬ ୱିକେଟ୍ ହରାଇ ୧୮୪ ରନ୍ ହିଁ କରିପାରିଥିଲା। ଆଜିର ମ୍ୟାଚ୍ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।

## ଦେଶ ବିଦେଶ

କେନ୍ଦ୍ର ସରକାରଙ୍କ ନୂଆ ନିୟମ

# ଏପ୍ରିଲ ପହିଲାରୁ ୨୦% ଇଥାନଲ୍ ମିଶ୍ରିତ ଇନ୍ଧନ ବାଧ୍ୟତାମୂଳକ




**ନୂଆଦିଲ୍ଲୀ, ୨୬।୨/ଏଜେନ୍ସି:** ପ୍ରଦୂଷଣ ହ୍ରାସ କରିବା ଓ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରି ତୈଳ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏପ୍ରିଲ ୧ତାରିଖରୁ ସାରା ଦେଶରେ ୨୦% ପର୍ଯ୍ୟନ୍ତ ଇଥାନଲ୍ (ଇ-୨୦) ମିଶ୍ରିତ ପେଟ୍ରୋଲ ବିକ୍ରୟ ବାଧ୍ୟତାମୂଳକ କରାଯାଉଛି। ସରକାରଙ୍କ ଅନୁଯାୟୀ, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ତୈଳ ଯୋଗାଣ କମ୍ପାନୀଗୁଡ଼ିକୁ ସର୍ବାଧିକ ୨୦% ଇଥାନଲ୍ ଯୁକ୍ତ ପେଟ୍ରୋଲ ବିକ୍ରୟ କରିବାକୁ ପଡିବ। ଏହି ଇନ୍ଧନରେ ସର୍ବନିମ୍ନ ୯୫ ଆରଓଏନ୍ (ରିସର୍ଚ୍ଚ ଅକ୍ଟାନ୍ ନମ୍ବର) ରହିବା ମଧ୍ୟ ଆବଶ୍ୟକ। ପ୍ରକାଶ, ଆରଓଏନ୍ ହେଉଛି ଇନ୍ଧନ ଗୁଣବତ୍ତାର ଏକ ପ୍ରମୁଖ ମାପକ। ଯାହା ଇଞ୍ଜିନର ସୁରକ୍ଷା ସୁନିଶ୍ଚିତ କରେ।

୧୭ ଫେବୃଆରୀରେ ଜାରି ଏକ ବିଜ୍ଞପ୍ତିରେ, ତୈଳ ମନ୍ତ୍ରଣାଳୟ କହିଥିଲା ଯେ ତୈଳ ବିପଣନ କମ୍ପାନୀଗୁଡ଼ିକୁ ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ସ୍ଥିର କରାଯାଇଥିବା ନିର୍ଦ୍ଦିଷ୍ଟକରଣ ଅନୁଯାୟୀ ଏବଂ ସାରା ଦେଶରେ ସର୍ବନିମ୍ନ ୯୫ ଆରଓଏନ୍ ଆବଶ୍ୟକତା ପୂରଣ କରି ୨୦% ପର୍ଯ୍ୟନ୍ତ ଇଥାନଲ ଯୁକ୍ତ ଇଥାନଲ ମିଶ୍ରିତ ମୋଟର ସ୍ପିରିଟ୍ (ପେଟ୍ରୋଲ୍) ଯୋଗାଣ କରିବାକୁ ହେବ। ତୈଳ ମନ୍ତ୍ରଣାଳୟ ଆକଳନ କରିଛି ଯେ ୨୦୧୪-୧୫ ପରଠାରୁ, ପେଟ୍ରୋଲର ଏକ ଅଂଶକୁ ଇଥାନଲ୍ ସହିତ ବଦଳାଇବା ଫଳରେ ୧.୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ବୈଦେଶିକ ମୁଦ୍ରା ସଞ୍ଚୟ ହୋଇଛି।

ଇଥାନଲ୍ ଆଖୁ, ମକା ଓ ଅନ୍ୟାନ୍ୟ ଶସ୍ୟରୁ ଉତ୍ପାଦିତ ହୋଇଥାଏ। ଏହା ଏକ ନବୀକରଣୀୟ ଇନ୍ଧନ ଏବଂ ନିୟମିତ ପେଟ୍ରୋଲ ତୁଳନାରେ କମ୍ ପ୍ରଦୂଷଣକାରୀ। ସରକାର କହିଛନ୍ତି ଯେ ଇଥାନଲ୍ ମିଶ୍ରଣ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ, ଯାହାଦ୍ୱାରା ପ୍ରଦୂଷଣ ହ୍ରାସ ପାଇବ। ଏହା ବ୍ୟତୀତ, ଆଖୁ ଓ ମକାର ଚାହିଦା ବୃଦ୍ଧି ପାଇବା ସହିତ ଚାଷୀମାନେ ଲାଭବାନ ହେବେ। ଅର୍ଥାତ୍ ଏହି ପଦକ୍ଷେପ ପରିବେଶ ଓ ଚାଷୀ ଉଭୟଙ୍କ ପାଇଁ ଲାଭଦାୟକ ବୋଲି କୁହାଯାଉଛି। ପ୍ରକାଶ, ଇ-୨୦ ଇନ୍ଧନ ହେଉଛି ୨୦% ଇଥାନଲ୍ ଏବଂ ୮୦% ପେଟ୍ରୋଲର ମିଶ୍ରଣ। ଯଦିଓ ୨୦୨୩ ମସିହାରୁ ଦେଶର ଅନେକ ସ୍ଥାନରେ ଇ- ୨୦ (୨୦% ଇଥାନଲ୍ ମିଶ୍ରିତ) ପେଟ୍ରୋଲ୍ ପ୍ରଚଳନ କରାଯାଇଛି, ଏହା ଇଚ୍ଛାଧୀନ ଥିଲା। ସରକାର ସମ୍ପ୍ରତି ୨୦୩୦ ରୁ ୨୦୨୫-୨୬ ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରଣ ଲକ୍ଷ୍ୟକୁ ହ୍ରାସ କରିଛନ୍ତି, ଯାହା ଏବେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଉଛି। ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ ୨୦୨୩ ରୁ ୨୦୨୫ ମଧ୍ୟରେ ନିର୍ମିତ ଅଧିକାଂଶ ଯାନ ଇ-୨୦ ଇନ୍ଧନ ବ୍ୟବହାର କରିବା ପାଇଁ ଡିଜାଇନ୍ କରାଯାଇଛି, ତେଣୁ ସେମାନେ କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ତଥାପି, ବହୁତ ପୁରୁଣା ଯାନଗୁଡ଼ିକ କିଛି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସେହିପରି ପୁରୁଣା ଯାନଗୁଡ଼ିକ ଇନ୍ଧନ କ୍ଷମତାରେ ୩% ରୁ ୭% ହ୍ରାସ ପାଇପାରେ। ସୂଚନାଯୋଗ୍ୟ ବର୍ତ୍ତମାନ ସୁଦ୍ଧା ୨ୟ ପିଢ଼ିର ଇଥାନଲ୍ ପ୍ରସ୍ତୁତ କରାଯାଇସାରିଛି। ୩ୟ ପିଢ଼ିର ଇଥାନଲ୍ ଜୈବ ଇନ୍ଧନ ଶୈବାଳରୁ ପ୍ରସ୍ତୁତ କରାଯିବ। ଏଦିଗରେ ବର୍ତ୍ତମାନ କାମ ଚାଲିଛି।

# ଇନଷ୍ଟାଗ୍ରାମ୍‌ରେ ମୋଦୀଙ୍କ ୧୦୦ ନିୟୁତ ଫଲୋଅର୍ସ

■ ଏକ୍ସ'ରେ ସର୍ବାଧିକ ୧୦୬.୫ ନିୟୁତ ଅନୁସରଣକାରୀ



**ନୂଆଦିଲ୍ଲୀ, ୨୬।୨/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍ୟତମ ସୋସିଆଲ ମିଡିଆ 'ଇନ୍‌ଷ୍ଟାଗ୍ରାମ'ରେ ୧୦୦ ନିୟୁତ (୧୦ କୋଟି) ଫଲୋଅର୍ସ ହାସଲକାରୀ ସାଜିଛନ୍ତି, ଯାହା ତାଙ୍କୁ ଏହି ପ୍ଲାଟଫର୍ମରେ ଏହି ମାଇଲଖୁଣ୍ଟ ହାସଲ କରିବାରେ ବିଶ୍ୱର ପ୍ରଥମ ରାଜନେତା କରିଛି। ପ୍ରଧାନମନ୍ତ୍ରୀ ମୋଦୀ ୨୦୧୪ ନଭେମ୍ବର ୧୨ରେ ଇନଷ୍ଟାଗ୍ରାମ୍‌ରେ ଯୋଗ ଦେଇଥିଲେ। ଅର୍ଥାତ୍ ମାତ୍ର ୧୧ ବର୍ଷରୁ ଅଧିକ କିଛି ସମୟ ମଧ୍ୟରେ ମୋଦୀ ଏହି ଉପଲବ୍ଧି ହାସଲ କରିଛନ୍ତି। ମୋଦୀ ଯେଉଁଦିନ ଇନ୍‌ଷ୍ଟାଗ୍ରାମ୍‌ରେ ଯୋଡି ହୋଇଥିଲେ, କିଛି ଘଣ୍ଟା ମଧ୍ୟରେ ହିଁ ମୋଦୀଙ୍କର ୫୦ହଜାରରୁ ଊର୍ଦ୍ଧ୍ୱ ଫଲୋଅର୍ସ ହୋଇଯାଇଥିଲେ। ତେବେ ଇନ୍‌ଷ୍ଟାଗ୍ରାମ୍‌ରେ ମୋଦୀଙ୍କର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତୁଳନାରେ ଦୁଇଗୁଣ ଅଧିକ ଫଲୋଅର୍ସ ଅଛନ୍ତି। ମୋଦୀଙ୍କ ଟ୍ରମ୍ପ୍ ୪୩.୨ ନିୟୁତ ଫଲୋଅର୍ସ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏପରିକି ବିଶ୍ୱର ଶ୍ରେଷ୍ଠ ୫ ନେତାଙ୍କ ମିଳିତ ମୋଟ ଫଲୋଅର୍ସ ସଂଖ୍ୟା ମୋଦୀଙ୍କ ଏକକ ଫଲୋଅର୍ସ ସଂଖ୍ୟାଠାରୁ କମ୍ ରହିଛନ୍ତି। ଟ୍ରମ୍ପଙ୍କ ପରେ ଅଛନ୍ତି ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋ, ଯାହାଙ୍କ ୧୫ ନିୟୁତ ଫଲୋଅର୍ସ ଅଛନ୍ତି। ସେହିପରି ବ୍ରାଜିଲ ରାଷ୍ଟ୍ରପତି ଲୁଲା ଲୁଲା ୧୪.୪ ନିୟୁତ ଫଲୋଅର୍ସ ସହିତ ଚତୁର୍ଥ ସ୍ଥାନରେ ଅଛନ୍ତି। ତୁର୍କୀ ରାଷ୍ଟ୍ରପତି ଏର୍ଦୋଗାନଙ୍କର ୧୧.୬ ନିୟୁତ ଅନୁସରଣକାରୀ ଅଛନ୍ତି।

ଯଦି ମୋଦୀଙ୍କର ଅନ୍ୟତମ ସୋସିଆଲ ମିଡିଆ ଆକାଉଣ୍ଟ ଏକ୍ସ' ସମ୍ପର୍କରେ ଆଲୋଚନା କରିବା ତେବେ ଦୁଇ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୪ରେ ହିଁ ଏକ୍ସ'ରେ ମୋଦୀଙ୍କର ୧୦୦ ନିୟୁତ ଫଲୋଅର୍ସ ହୋଇଯାଇଥିଲେ ଯାହାକି ଏବେ ୧୦୬.୫ ନିୟୁତକୁ ବୃଦ୍ଧି ପାଇଛି। ଏହା ପ୍ରଧାନମନ୍ତ୍ରୀଙ୍କ ଯେକୌଣସି ସୋସିଆଲ ମିଡିଆ ଆକାଉଣ୍ଟରେ ସର୍ବାଧିକ ଫଲୋଅର୍ସ। ସମସ୍ତ ସାମାଜିକ ଆକାଉଣ୍ଟ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏକ୍ସ'ରେ ସର୍ବାଧିକ ଫଲୋଅର୍ସ ଅଛନ୍ତି। ଇନଷ୍ଟାଗ୍ରାମ ଦ୍ୱିତୀୟ ସ୍ଥାନରେ ଅଛି। ତାଙ୍କୁ ୧୦୦ ନିୟୁତ ଫଲୋଅର୍ସ ସହିତ ଇନଷ୍ଟାଗ୍ରାମ, ୫୪ ନିୟୁତ ଫଲୋଅର୍ସ ସହିତ ଫେସବୁକ୍ ଏବଂ ୧୧.୭ ନିୟୁତ ଫଲୋଅର୍ସ ସହିତ ହ୍ୱାଟସଆପ୍‌ରେ ଅନୁସରଣ କରାଯାଉଛି।

# ରାଜ୍ୟସଭା ଆସନକୁ ନେଇ କଂଗ୍ରେସ-ୟୁବିଟି ମୁହାଁମୁହିଁ

**ମୁମ୍ବାଇ, ୨୬।୨/ଏଜେନ୍ସି:** ମହାରାଷ୍ଟ୍ରରେ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟରେ ଏବେ ବଡ଼ ଧରଣର ଫାଟ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ମେଣ୍ଟ ପାଇଁ ସୁନିଶ୍ଚିତ ବିଜୟ ସମ୍ଭାବନା ଥିବା ଏକମାତ୍ର ରାଜ୍ୟସଭା ଆସନକୁ ନେଇ କଂଗ୍ରେସ ଓ ଶିବସେନା (ୟୁବିଟି) ମୁହାଁମୁହିଁ ହୋଇଛନ୍ତି। ଗୁରୁବାର କଂଗ୍ରେସ ଏହି ଆସନ ଉପରେ ନିଜର ଦାବି ରଖିଛି। ଜାତୀୟ ଦଳ ଭାବେ ସେ ଏହି ଆସନ ପାଇବା କଥା ବୋଲି କହିଥିବା ବେଳେ ଶିବସେନା (ୟୁବିଟି) କିନ୍ତୁ ଦିନକ ପୂର୍ବରୁ ଏହି ଆସନ ଉପରେ ନିଜର ଦାବି ରଖିଥିଲା। ଏସବୁ ମଧ୍ୟରେ ଗୁରୁବାର ଏମ୍‌ଭିଏ ମେଣ୍ଟ ପକ୍ଷରୁ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

ଅନୁଷ୍ଠିତ ବୈଠକରେ କଂଗ୍ରେସ, ଶିବସେନା (ୟୁବିଟି) ଓ ଏନ୍‌ସିପି (ଶରଦ ପୱାର) ଯୋଗଦେଇ ଆଗାମୀ ରାଜ୍ୟସଭା ନିର୍ବାଚନ ଓ ଆସନ ବଣ୍ଟନ ଉପରେ ଆଲୋଚନା କରିଥିଲେ। ଆଲୋଚନାରେ କଂଗ୍ରେସ ନିଜ ଦାବିରେ ଅଟଳ ଥିବା ଦର୍ଶାଇଥିବା ବେଳେ ୟୁବିଟି ମଧ୍ୟ ପଛକୁ ହଟିବନି ବୋଲି ସ୍ପଷ୍ଟ କରିଛି। ଏସବୁ ମଧ୍ୟରେ ଏନ୍‌ସିପି (ଶରଦ ପୱାର) ଗୋଷ୍ଠୀ କିନ୍ତୁ କହିଛି ଯେ, ଏସମ୍ପର୍କରେ ଦଳୀୟ ହାଇକମାଣ୍ଡ ଅର୍ଥାତ୍ ଶରଦ ପୱାରଙ୍କ ସହ ଆଲୋଚନା କରାଯିବ। ଶରଦ ପୱାରଙ୍କ ନିର୍ଦ୍ଦେଶ ଅନୁସାରେ ଦଳ ନିଜ ଦାବି ରଖିବ କିମ୍ବା ଏଥିରୁ ବିରତ ରହିବ ସେନେଇ ନିଷ୍ପତ୍ତି ନେବ। ପ୍ରକାଶ, ମାର୍ଚ୍ଚ ୫ ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପାଇଁ ଶେଷ ତାରିଖ ହୋଇଥିବା ବେଳେ ଏହା ପୂର୍ବରୁ ତିନି ଦଳ ମଧ୍ୟରେ ଆଲୋଚନା ହୋଇ ଶେଷ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି।

ଉତ୍ତରପ୍ରଦେଶରୁ ଆଉ ଏକ ପିତୃହନ୍ତା ପୁଅର ନାରକୀୟ କାଣ୍ଡ

# ଜମି ବିକ୍ରି କରିବାକୁ ମନା କରିବାରୁ ବାପାକୁ ଜୀଅନ୍ତା ଜାଳିଦେଲା



**ଲକ୍ଷ୍ନୌ, ୨୬।୨/ଏଜେନ୍ସି:** ଦୁଇ ଦିନ ପୂର୍ବେ ଉତ୍ତରପ୍ରଦେଶର ଲକ୍ଷ୍ନୌ ଜିଲ୍ଲାରେ ଜଣେ ୨୧ ବର୍ଷୀୟ ପୁଅ ନିଜ ବାପାକୁ ଗୁଳି କରି ହତ୍ୟା କରିବା ଏବଂ ପରେ ମୁଣ୍ଡ ଗଣ୍ଡି ଅଲଗା କରି ସେସବୁକୁ ଛୋଟ ଛୋଟ କରି ଏକ ନୀଳ ଡ୍ରମ୍‌ରେ ଭର୍ତ୍ତି କରିବା ଘଟଣା ସାମ୍ନାକୁ ଆସିଥିଲା। ଏହାକୁ ନେଇ ଦେଶବ୍ୟାପୀ ଏକ ପିତୃହନ୍ତା ପୁଅକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏବେ ଇଟାୱା ଜିଲ୍ଲାର ଜସୱନ୍ତନଗର ଅଞ୍ଚଳର ନିଲୋଇ ଗାଁରେ ମଧ୍ୟ ସମାନ ଘଟଣା ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଜାନୁଆରୀ ୨୬ ତାରିଖ ଅର୍ଥାତ୍ ଗଣତନ୍ତ୍ର ଦିବସରେ, ମୁନ୍ନାଲାଲ ନାମକ ଜଣେ ୭୮ ବର୍ଷୀୟ ବୃଦ୍ଧଙ୍କ ଜଳନ୍ତା ମୃତଦେହ ତାଙ୍କରି ଘର ପାଖ ନଳକୂପ ଚାମ୍ବରରେ ପଡିଥିବାର ଦେଖିବାକୁ ମିଳିଥିଲା। ମୁନ୍ନାଲାଲ୍ ଏହି ଅଞ୍ଚଳରେ ଜଣେ ବଡ଼ ଚାଷୀର ମାନ୍ୟତା ହାସଲ କରିଥିଲେ। ତାଙ୍କର ପ୍ରାୟ ୪୫ ବିଘା ପରିମାଣର କେବଳ ଚାଷ ଜମି ଥିଲା। ତେବେ ଏସମ୍ପର୍କରେ ଯେତେବେଳେ ପୁଲିସ୍‌କୁ ସୂଚନା ଦିଆଗଲା ସେତେବେଳେ ପୁଲିସ୍ ଜଳିଯାଇଥିବା ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ୍ ପାଖ ପଡିଶାମାନଙ୍କ ଠାରୁ ଜାଣିବାକୁ ପାଇଥିଲା ଯେ, ବୃଦ୍ଧଙ୍କର ଏକମାତ୍ର ପୁଅ ଗଜରାଜ ସିଂହଙ୍କ ସହ ଭଲ ସମ୍ପର୍କ ନଥିଲା। ଗଜରାଜ ବାରମ୍ବାର ଜମି ବିକ୍ରି କରିବାକୁ ମୁନ୍ନାଲାଲ୍‌ଙ୍କ ଉପରେ ଚାପ ପକାଉଥିଲେ ମଧ୍ୟ ମୁନ୍ନାଲାଲ୍ ରାଜି ହେଉନଥିଲେ। ଏହାକୁ ପାଥେୟ କରି ପୁଲିସ୍ ଯେତେବେଳେ ବଳପୂର୍ବକ ଗଜରାଜକୁ ଜେରା କରିଥିଲା ସେତେବେଳେ ସେ ସତ ମାନିଛି। ତେବେ ଏହି ଘଟଣା ଗତ ଜାନୁଆରୀ ୨୬ ତାରିଖରେ ଘଟିଥିବା ବେଳେ ପୁଲିସ୍‌କୁ ଏହି ମାମଲାକୁ ସମାଧାନ କରିବାରେ ମାସେ ବ୍ୟାପୀ ସମୟ ଲାଗିଛି।

ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣା

# ମାଲିକ ସମେତ ୧୩ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ

**ପାଣାଜୀ, ୨୬।୨/ଏଜେନ୍ସି:** ଗତବର୍ଷ ଡିସେମ୍ବରରେ ଉତ୍ତର ଗୋଆର ନାଇଟ୍ ନାଇଟ୍ କ୍ଲବ୍ 'ବିର୍ଚ ବାଏ ରୋମିଓ ଲେନ୍'ରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ଗୋଆ ପୁଲିସ ଗୁରୁବାର ୧୩ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ନାଇଟ୍ କ୍ଲବ୍‌ର ମାଲିକ ଗୌରବ ଲୁଥ୍ରା ଏବଂ ତାଙ୍କ ଭାଇ ସୌରଭ ଲୁଥ୍ରା ଏବଂ ନାଇଟ୍ କ୍ଲବ୍‌ରେ କାମ କରୁଥିବା କର୍ମଚାରୀଙ୍କ ନାଁ ମଧ୍ୟ ଚାର୍ଜସିଟ୍‌ରେ ରହିଛି। ଅଗ୍ନିକାଣ୍ଡ ଘଟଣାରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଥିଲେ।

ଡିଜିସିଏ ଆଣିଲା ନୂଆ ନିୟମ

# ବୁକିଂର ୪୮ ଘଣ୍ଟା ମଧ୍ୟରେ ଟିକେଟ୍ ବାତିଲ୍ କଲେ ପୂରା ଅର୍ଥ ରିଫଣ୍ଡ

**ନୂଆଦିଲ୍ଲୀ, ୨୬।୨/ଏଜେନ୍ସି:** ଦୈନିକ ବିମାନଯାତ୍ରା କରୁଥିବା ଲକ୍ଷ ଲକ୍ଷ ବିମାନ ଯାତ୍ରୀଙ୍କୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରାଯାଇଛି। ରିପୋର୍ଟ ଅନୁସାରେ ଡିଜିସିଏ ଏବେ ଯାତ୍ରୀମାନଙ୍କୁ ସୁବିଧା ଦେବା ଉଦ୍ଦେଶ୍ୟରେ ଟିକେଟ୍ ବୁକିଂ କ୍ଷେତ୍ରରେ ଏକ ନୂଆ ନିୟମ ଲାଗୁ କରିଛି। ବୁକିଂର ୪୮ ଘଣ୍ଟା ମଧ୍ୟରେ ଯଦି ବିମାନ ଟିକେଟ୍‌କୁ ବାତିଲ କରାଯାଏ, ତେବେ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ନାହିଁ, ଏବଂ ଯାତ୍ରୀଙ୍କୁ ସେମାନଙ୍କ ଟିକେଟ୍‌ର ପୂର୍ଣ୍ଣ ଅର୍ଥ ରିଫଣ୍ଡ୍ କରିଦିଆଯିବ। ତେବେ କେବଳ ଟିକେଟ୍ ବୁକିଂ ବାତିଲ କ୍ଷେତ୍ରରେ ନୁହେଁ ବରଂ ଡିଜିସିଏ ନୂତନ ସଂଶୋଧିତ ନିୟମ ଅନୁଯାୟୀ, ଯଦି ଟିକେଟରେ ଯାତ୍ରୀଙ୍କ ନାମରେ କୌଣସି ତ୍ରୁଟି ଥାଏ ଏବଂ ଯାତ୍ରୀ ୨୪ ଘଣ୍ଟା ମଧ୍ୟରେ ଏହାକୁ ସଂଶୋଧନ କରନ୍ତି, ତେବେ ମଧ୍ୟ କୌଣସି ଦେୟ ନିଆଯିବ ନାହିଁ। ଏହି ସୁବିଧା କେବଳ ଅନଲାଇନ୍ ବୁକିଂ କରୁଥିବା ଯାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ।

ଆମେରିକାକୁ ଚୀନ୍‌ର ଖୋଲା ଧମକ

# ଇରାନ୍ ଉପରେ ଆକ୍ରମଣ ହେଲେ ବିରଳ ଧାତୁ ଯୋଗାଣ ବନ୍ଦ



**ୱାଶିଂଟନ୍, ୨୬।୨/ଏଜେନ୍ସି:** ଇରାନ୍‌କୁ ନାଲି ଆଖି ଦେଖାଉଥିବା ଆମେରିକା ପାଇଁ ଏବେ ଆଉ ଏକ ବଡ଼ ସମସ୍ୟା ଉତ୍ପନ୍ନ ହୋଇଛି। ଆମେରିକାର ଇରାନ୍ ସହ ଉତ୍ତେଜନା ମଧ୍ୟରେ ଚୀନ୍ ଖୁଲମ୍‌ଖୁଲ୍ଲା ଇରାନ୍‌କୁ ସମର୍ଥନ କରିଛି। କେବଳ ସମର୍ଥନ କରିନି ବରଂ ଆମେରିକାକୁ କଡା ଶବ୍ଦରେ ଧମକ ମଧ୍ୟ ଦେଇଛି ଚୀନ୍। ରିପୋର୍ଟ ଅନୁସାରେ ଚୀନ୍ ୱାଶିଂଟନକୁ ଧମକ ଦେଇ କହିଛି ଯେ, ଯଦି ଆମେରିକା ତେହେରାନ ଉପରେ ଆକ୍ରମଣ କରେ ତେବେ ଚୀନ୍‌ରୁ ଆମେରିକାକୁ ରପ୍ତାନୀ ହେଉଥିବା ବିରଳ ଧାତୁର ରପ୍ତାନିକୁ ତୁରନ୍ତ ବନ୍ଦ କରିଦିଆଯିବ। ପ୍ରକାଶ, ଚୀନ୍ ବିଶ୍ୱର ସର୍ବବୃହତ୍ ରେଆର୍ ଆର୍ଥ ବା ବିରଳ ଧାତୁର ଭଣ୍ଡାର ଭାବେ ବିବେଚନା ହେଉଥିବା ବେଳେ ଆମେରିକା ଏବେ ଚୀନ୍ ଠାରୁ ପର୍ଯ୍ୟାପ୍ତ ପରିମାଣର (ଆବଶ୍ୟକତାର ପ୍ରାୟ ୯୦%) ବିରଳ ଧାତୁ କିଣୁଛି। ସୁତରାଂ ଚୀନ୍ ଯଦି ଏଦିଗରେ ପଦକ୍ଷେପ ଗ୍ରହଣ କରେ ତେବେ ମାତ୍ର ୪୮ ଘଣ୍ଟା ମଧ୍ୟରେ ଆମେରିକୀୟ ସାମରିକ ଶିଳ୍ପ ଭୁଶୁଡି ପଡ଼ିବ। ସାମରିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଏବଂ ରାଡାର ସିଷ୍ଟମରେ ଏହି ଦୁର୍ଲଭ ଧାତୁ ବ୍ୟବହାର କରାଯାଏ। ଆମେରିକୀୟ ସେନାର ଏକ ରିପୋର୍ଟ ଅନୁଯାୟୀ, କ୍ଷେପଣାସ୍ତ୍ର ମାର୍ଗଦର୍ଶନ ପ୍ରଣାଳୀ ଏବଂ ଯୁଦ୍ଧ ବିମାନ ଇଞ୍ଜିନରେ ବିରଳ ଧାତୁ ବ୍ୟବହାର କରାଯାଏ। ଆମେରିକାର ସବୁଠାରୁ ଘାତକ ଏଫ୍-୩୫ ସେଗୁଡ଼ିକୁ ବହୁଳ ଭାବରେ ବ୍ୟବହାର କରୁଛି। ସୁତରାଂ ଚୀନ୍‌ର ଏହି ଧମକକୁ ଆମେରିକା କଦାପି ହାଲ୍‌କାରେ ନେବାକୁ ଦୁଃସାହସ କରିବନି।

ଅନ୍ୟପକ୍ଷେ ଆମେରିକା ପ୍ରତି ଚୀନ୍‌ର ଏପ୍ରକାର ଧମକ ଏପରି ଏକ ସମୟରେ ସାମ୍ନାକୁ ଆସିଛି ଯେତେବେଳେ କି ଆମେରିକା ନିୟମିତ ଭାବେ ଇରାନ୍ ଉପରେ ଆକ୍ରମଣର ଧମକ ଦେବା ସହ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଥିବା ଦେଖାଇହେଉଛି। ଅନ୍ୟପକ୍ଷେ ଜେନିଭାରେ ମଧ୍ୟ ଓମାନର ମଧ୍ୟସ୍ଥତାରେ ତେହେରାନ ଏବଂ ୱାଶିଂଟନ ମଧ୍ୟରେ ଏକ ବୈଠକ ସ୍ଥିର ହୋଇଛି। ବୈଠକରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ତଥା ଉତ୍ତେଜନାକୁ ହ୍ରାସ କରିବା ଦିଗରେ ଆଲୋଚନା ହେବ ବୋଲି କୁହାଯାଉଥିଲେ ମଧ୍ୟ ଏହାର ସଫଳ ହେବା ନେଇ ସଂଶୟ ରହିଛି। ଏସବୁ ମଧ୍ୟରେ ଆଉ ଏକ ବଡ଼ ସୂଚନା ମଧ୍ୟ ସାମ୍ନାକୁ ଆସୁଛି ଯେ, ଚୀନ୍ ଏବେ ଇରାନ୍‌କୁ ସାମରିକ ଅସ୍ତ୍ରଶସ୍ତ୍ର ବିକ୍ରୟ କରିବା ଦିଗରେ ଆଗଭର ହୋଇଛି। ଇରାନ୍ ପକ୍ଷରୁ ଚୀନ୍‌କୁ ଏନେଇ ଅନୁରୋଧ କରାଯାଇଥିବା ବେଳେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଏହାକୁ ଗ୍ରହଣ କରିଛନ୍ତି। ବିଶେଷକରି ଇରାନ ଚୀନ୍ ଠାରୁ ସୁପରସୋନିକ ଜାହାଜ ଆଣ୍ଟି-ସିପ ମିଶାଇଲ କିଣିବାକୁ ଚାହୁଁଛି, ଏବଂ ଆପାତତଃ ଏକ ଚୁକ୍ତି ମଧ୍ୟ ହୋଇସାରିଛି। ଏହି ଚୁକ୍ତି ଅନୁଯାୟୀ, ଇରାନ ଚୀନ୍ ଠାରୁ ସିଏମ୍-୩୦୨ କ୍ଷେପଣାସ୍ତ୍ରର ଏକ ଗଚ୍ଛିତ ଅଂଶ ପାଇବ। ଏହି ସୁପରସୋନିକ କ୍ଷେପଣାସ୍ତ୍ରଗୁଡ଼ିକର ପରିସର ପ୍ରାୟ ୨୯୦ କିଲୋମିଟର ଏବଂ ଏହା ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ସହଜରେ ଧ୍ୱଂସ କରିପାରିବ।

ସୂଚନାଯୋଗ୍ୟ, ଚୀନ୍ ନିଜ ଆବଶ୍ୟକତାର ଏକ ବଡ ଭାଗ (ପ୍ରାୟ ୮୦%) ତୈଳ ତଥା ଅନ୍ୟ ଇନ୍ଧନଯୁକ୍ତ ଶକ୍ତି ଇରାନ୍‌ରୁ ଆମଦାନୀ କରିଥାଏ। ବିଶେଷକରି ଭେନେଜୁଏଲାରେ ସାମ୍ପ୍ରତିକ ଘଟଣା ଅର୍ଥାତ୍ ଟ୍ରମ୍ପ୍‌ଙ୍କ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ପରେ ଇରାନ ଉପରେ ଚୀନ୍‌ର ନିର୍ଭରଶୀଳତା ଯଥେଷ୍ଟ ବୃଦ୍ଧି ପାଇଛି। ଚୀନ୍ ଏବେ ଇରାନ୍ ପାଇଁ ସର୍ବବୃହତ୍ ତୈଳ ତଥା ଶକ୍ତି ଆମଦାନୀକାରୀ ରାଷ୍ଟ୍ର ପାଲଟିଛି। ଏତଦ୍‌ବ୍ୟତୀତ ଯଦି ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ହୁଏ, ତେବେ ଏହା ସିଧାସଳଖ ହରମୁଜ ପ୍ରଣାଳୀକୁ ପ୍ରଭାବିତ କରିବ। ଚୀନ୍‌ର ସମସ୍ତ ବାଣିଜ୍ୟ ଏହି ମାର୍ଗ ଦେଇ ପ୍ରବାହିତ ହୁଏ। ହରମୁଜ ପ୍ରଣାଳୀ ଅବରୋଧ ହେଲେ ଚୀନ୍ ସର୍ବାଧିକ ଆର୍ଥିକ କ୍ଷତି ସହିବାକୁ ବାଧ୍ୟହେବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra